Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୧ ସଂଖ୍ୟା-୪୭ ୦୪ - ୧୦ ଡିସେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-47 04th - 10th December, 2017 BHUBANESWAR ₹ 5/- (8 Pages)

## ସରକାରୀ ଖାତାରୁ ହଜିଯାଉଛି କଳାରାହାଙ୍ଗ ମୌଜାର ମୂଲ୍ୟବାନ ସମ୍ପତ୍ତି

# ହଡପ ପଛରେ ନିଆଁଗିଳା ଅଫିସର

**ଭୁବନେଶ୍ୱର :** ଯେତେବେଳେ ଦାୟିତ୍ୱରେ ଥିବା ସରକାରୀ ବାବୁମାନେ ଲାଞ୍ଚଖୋର ହୋଇଯାଆନ୍ତି ସେତେବେଳେ ଦଲାଲ ଓ ମାଫିଆମାନେ ସହଜରେ ହଡପ କରିପାରନ୍ତି ସରକାରୀ ଜମି। ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରୁ ଫାଇଦା ଉଠାଇ କିଛି ସରକାରୀ ବାବୁ ଧଳାକୁ କଳା କରି ଓ କଳାକୁ ଧଳା କରି ପ୍ରଚୁର ଅର୍ଥ ଉପାର୍ଜନ କରିବାର ନଜିର ମଧ୍ୟ କିଛି କମ ନାହିଁ। ବେଆଇନ ଭାବେ ଅଧିକ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତିମାନେ ଆଜିକାଲି ସମାଜରେ ନିଜର ପତିଆରା ବୃଦ୍ଧି କରିଚାଲିଛନ୍ତି। ନିଜର ସୁରକ୍ଷା ପାଇଁ ସେମାନେ କିଛି ଅସାମାଜିକ ତତ୍ତ୍ୱଙ୍କୁ ମଧ୍ୟ ବ୍ୟବହାର କରିବାକୁ ପଛାଇ ନଥାନ୍ତି। ସରକାରୀ ଜମି ହଡପକାରୀ ବାବୁ ମଧ୍ୟ ସେଭଳି କିଛି କରିଥିବା ଜଣାପଡିଛି। ସୁଚିନ୍ତିତ ଯୋଜନା କରି ରାଜଧାନୀର ପ୍ରମୁଖ ଅଞ୍ଚଳ କଳାରାହାଙ୍ଗ ମୌଜାରେ ଥିବା ଏମିତି ଏକ ଜମି ହଡପର ତଥ୍ୟ ପୁରୀ ଜିଲ୍ଲା ରେକର୍ଡ ରୁମ୍‌ରୁ ଆମର ହସ୍ତଗତ ହେବା ପରେ ଜଣାପଡିଛି ଯେ, ମୂଳ ସରକାରୀ ଖାତା ନମ୍ବର ୭୬୬ରେ ଥିବା ୨୯୫ ନମ୍ବର ପ୍ଲଟ (ରକ୍ଷିତ ଜମି)ର କିସମ ଗ୍ରାମ୍ୟ ଜଙ୍ଗଲ ରହିଥିଲା। କିନ୍ତୁ ପରେ ଏହାର କିସମ ପରିବର୍ତ୍ତନ କରାଯାଇ କିଛି ଲୋକଙ୍କ ହାତକୁ ଟେକି ଦିଆଯାଇଥିବା ଜଣାପଡିଛି। କଳାରାହାଙ୍ଗ ମୌଜାର ଏହି ବହୁ ମୂଲ୍ୟବାନ ସରକାରୀ ସମ୍ପତ୍ତି ହଡପ ପଛରେ ଜଣେ ସରକାରୀ ପଦସ୍ଥ ଅଧିକାରୀଙ୍କ ହାତ ରହିଛି। ଯେଉଁ ବାବୁ ଏହି କଳାକାରନାମା ରଚନା କରିଛନ୍ତି ସେ ଏବେ ପଦୋନ୍ନତି ପାଇ ଅନ୍ୟତ୍ର ତହସିଲ ଅଫିସରେ ତହସିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ବାବୁ ଜଣକ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର




ଥିବା ସମୟରେ ଏଭଳି ଠକେଇ କରିଥିଲେ। ଯେଉଁଥିରେ ରାଜସ୍ୱ ବିଭାଗର କୋଟି କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ସେ ଶାଗ,ମାଛ ମୂଲ୍ୟରେ ଜମି ମାଫିଆଙ୍କ ହାତକୁ ଚାଲିଯାଇଥିବା ତଥ୍ୟ ମିଳିଛି। ସୂଚନାରୁ ଜଣାଯାଏ ଯେ, ଏହି କାର୍ଯ୍ୟ ବଦଳରେ ବାବୁ ଜଣକ ପ୍ରଚୁର ବେନିୟମ ଅର୍ଥ ଉପାର୍ଜନ କରିପାରିଛନ୍ତି। କଳାରାହାଙ୍ଗର ଏହି ଜମିକୁ କିସମ ପରିବର୍ତ୍ତନ କରି ଜମି ଦଲାଲଙ୍କ ହାତରେ ଧରାଇ ଦେବା ପରେ ବାବୁ ଶାନ୍ତିରେ ଏବଂ ସରକାରୀ ଜମି ମାଫିଆଙ୍କ ବ୍ୟକ୍ତିଗତ ସମ୍ପତ୍ତି ପାଲଟି ଯାଇଛି। ଯାହାର ଟେର ପାଇପାରିନାହାନ୍ତି ରାଜ୍ୟ ସରକାର। ହେଲେ ସରକାରୀ ଖାତାରୁ ହଜିଯାଇଛି ଏ ୧.୦୯ ଡିସିମିଲ ଜମି।

ତଥ୍ୟ ଅନୁସାରେ ୨୦୦୯/୧୦ ମସିହାରେ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଜନୈକ ବାବୁଙ୍କ ସମୟରେ ଏଭଳି ଘଟିଥିଲା। ସେହି ସମୟରେ ଏହି ବାବୁ ଜଣକ ମନ୍ଦ ଉଦ୍ଦେଶ୍ୟ ରଖି ନିଜ କାର୍ଯ୍ୟ ପରିଧି ବାହାରେ ଥିବା କାର୍ଯ୍ୟକୁ ହାତକୁ ନେଇ ଆଇନ ଆଖିରେ ଆଙ୍ଗୁଳି ଗେଞ୍ଜି ଏଭଳି କରିପାରିଥିଲେ। ନିଜର ବୁଦ୍ଧି ଖଟାଇ ସେ ନିଜ ହାତକୁ ଦାୟିତ୍ୱ ଆଣିବା ପରେ ଏଭଳି କରି ନିଜକୁ ପାରଙ୍ଗମ ଅଫିସର ବୋଲି ଦର୍ଶାଇଥିଲେ। ➤ ପୃ-୬

## ଏସିଡ୍ ଟେଷ୍ଟରେ ଯୋଗୀ ପାସ୍
# ୟୁପି ପଦ୍ମମୟ



**ଲକ୍ଷ୍ନୌ :** ବିମୁଦ୍ରୀକରଣ ଓ ଜିଏସ୍‌ଟିର ପ୍ରଚଳନ ପରେ ମୋଦି ସରକାରଙ୍କ ଉପରେ ଦେଶବାସୀଙ୍କ ଭରସା କମିଯାଇଥିବା ଆଲୋଚନାକୁ ମିଥ୍ୟା ପ୍ରମାଣିତ କରିଛି ଉତ୍ତରପ୍ରଦେଶ ପୌର ନିର୍ବାଚନ। ଏଠାରେ ଭାରତୀୟ ଜନତା ପାର୍ଟି ବିପୁଳ ବିଜୟ ହାସଲ କରି ୧୬ଟି ପୌର ନିଗମରୁ ୧୪ଟି ଅକ୍ତିଆର କରିଛି। ମାୟାବତୀଙ୍କ ବିଏସ୍‌ପି ଅନ୍ୟ ବିରୋଧୀ ଦଳ ତୁଳନାରେ ➤ ପୃ-୬

# ତିନି ତଲାକ୍ : କଡା ହେବ ଆଇନ୍



**ନୂଆଦିଲ୍ଲୀ :** ସୁପ୍ରିମ୍ କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ତତ୍କାଳ ତିନି ତଲାକ୍ ପ୍ରଥା ବନ୍ଦ ନ ହୋଇପାରିବାରୁ ଏହାର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ଏକ 'ଡ୍ରାଫ୍ଟ ଲ' (ଚିଠା ଆଇନ) ପ୍ରସ୍ତୁତ କରିଛନ୍ତି। ଏହି ଆଇନ ଲାଗୁ ହେଲାପରେ ତତ୍କାଳ ଛାଡ଼ପତ୍ର ସଂପୂର୍ଣ୍ଣ ବେଆଇନ୍ ହେବାସହିତ ଦଣ୍ଡସ୍ୱରୂପ ସ୍ୱାମୀଙ୍କୁ ୩ ବର୍ଷ ପାଇଁ ଜେଲ୍ ଯିବାକୁ ପଡିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା 'ମୁସଲିମ୍ ୱିମେନ୍ ପ୍ରୋଟେକ୍ସନ ଅଫ୍ ରାଇଟ୍ସ ଅନ୍ ମ୍ୟାରେଜ୍ ବିଲ୍'କୁ ସମସ୍ତ ରାଜ୍ୟକୁ ପଠାଯାଇ ସାରିଛି। ଡ୍ରାଫ୍ଟ ସମ୍ପର୍କିତ ➤ ପୃ-୬

# 'ନୂଆ ବ୍ୟବସ୍ଥା ପାଇଁ ଲୋକ ଭୋଟ ଦେଇଥିଲେ'

**ନୂଆଦିଲ୍ଲୀ :** ଏନ୍‌ଡିଏ ସରକାରର ମୂଳ ଲକ୍ଷ୍ୟ ଗରିବଙ୍କ ହିତ ସାଧନ। ଏଥିପାଇଁ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି। ଯାହା ରାଜନୀତିକ ମୂଲ୍ୟ ଦେବାକୁ ପଡୁ ପଛେ ସେ ଦୁର୍ନୀତି ବିରୋଧରେ ଲଢ଼େଇ ଚାଲୁରଖିବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ନେତୃତ୍ୱ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି। ବିମୁଦ୍ରାକରଣ, ବସ୍ତୁ



ଓ ସେବା କର ବା ଜିଏସ୍‌ଟି ପ୍ରଚଳନ ଆଦି ପଦକ୍ଷେପ ଯୋଗୁ ଦୁର୍ନୀତିଖୋରମାନେ ଡରିଛନ୍ତି, କର୍ପୋରେଟ୍ ସଂସ୍କୃତି ଅପେକ୍ଷାକୃତ ଭାବେ ଅଧିକ ସ୍ୱଚ୍ଛ ହୋଇଛି ଓ ସମାନ୍ତରାଳ କଳାଧନ ଅର୍ଥନୀତିର ଅନ୍ତ ଘଟିଛି। ଅର୍ଥନୀତିକ ସଂସ୍କାରମୂଳକ କେତେକ ପଦକ୍ଷେପ ନେଇଥିବାରୁ ସେ ଅନେକ ସମାଲୋଚନା ଓ ବିରୋଧର ସମ୍ମୁଖୀନ ହୋଇ ହୋଇଛନ୍ତି। ଜିଏସ୍‌ଟି ପ୍ରଚଳନ ଫଳରେ ଅର୍ଥନୀତିକ ଅଭିବୃଦ୍ଧିରେ ସାମୟିକ ମାନ୍ଦାବସ୍ଥା ଦେଖାଦେବାରୁ ସେଥିପାଇଁ ତାଙ୍କୁ ଦାୟୀ କରାଯାଇଛି ବୋଲି କହିଛନ୍ତି ମୋଦି। ବେନାମୀ ସମ୍ପତ୍ତି ଠାବ ପାଇଁ ସ୍ଥାବର ସମ୍ପତ୍ତି କିଣାବିକା ବେଳେ ଆଧାର କାର୍ଡ ନମ୍ବର ଦେବାକୁ ନିୟମ କରାଯାଇଛି। ଯାହା ଫଳରେ କେହି ଅନ୍ୟ ନାମରେ ସମ୍ପତ୍ତି କିଣି ପାରିବେ ନାହିଁ ତେଣୁ ଆଧାର ଏକ ଅଣଲେଉଟା ପରିବର୍ତ୍ତନ ବୋଲି ସେ କହିଛନ୍ତି। ➤ ପୃ-୬

# ପିପିପି ମୋଡରେ ନିର୍ମାଣ ହେବ ୧୯ ଡାକ୍ତରଖାନା

**ଭୁବନେଶ୍ୱର :** ସାଧାରଣ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ରାଜ୍ୟ ସରକାର ନୂତନ ପ୍ରକଳ୍ପ ବିକାଶ କରୁଛନ୍ତି। ବିଶେଷକରି ସାଧାରଣ ଲୋକଙ୍କୁ ସୁହାଇଲା ଭଳି ସ୍ୱାସ୍ଥ୍ୟସେବା ଯୋଗାଇଦେବା ହେଉଛି ଏହାର ମୂଳଲକ୍ଷ୍ୟ। ଏଥିନିମନ୍ତେ ସରକାରୀ-ଘରୋଇ (ପିପିପି) ସହଭାଗୀତାରେ ଉନ୍ନତ ଡାକ୍ତରଖାନା ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ➤ ପୃ-୬

# ଜିଡିପି ବଢ଼ିଲା




**ନୂଆଦିଲ୍ଲୀ :** ଦେଶର ସାମଗ୍ରିକ ଉତ୍ପାଦ ବା ଜିଡିପି ବୃଦ୍ଧି ହାର ଗତ ୫ଟି ତ୍ରୟମାସରେ କମିଥିବା ବେଳେ ଜୁଲାଇରୁ ସେପ୍ଟେମ୍ବର ତ୍ରୟମାସ (କ୍ୱାର୍ଟର୍)ରେ ଏଥିରେ ସୁଧାର ଆସି ୬.୩%ରେ ପହଞ୍ଚିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି, ମାନୁଫାକ୍‌ଚରିଂ କ୍ଷେତ୍ର ସବଳ ହେବାରୁ ଜିଡିପି ବୃଦ୍ଧି ହାର ୬.୩%କୁ ବଢ଼ିବା ସମ୍ଭବ ହୋଇଛି। ଏଥିରୁ ଜଣାପଡୁଛି ଯେ ବିମୁଦ୍ରାକରଣ ଏବଂ ➤ ପୃ-୬

## ପ୍ରସଙ୍ଗ : ପୋଲାଭରମ୍
# ଓଡ଼ିଶାକୁ ତେଲେଙ୍ଗାନାର ସମର୍ଥନ



**ଭୁବନେଶ୍ୱର :** ପୋଲାଭରମ୍ ପ୍ରସଙ୍ଗରେ ଆଉ ଏକୁଟିଆ ଲଢ଼ିବନି ଓଡ଼ିଶା। ଓଡ଼ିଶାକୁ ତେଲେଙ୍ଗାନା ସରକାର ସମର୍ଥନ ଘୋଷଣା କରିବା ପରେ ଏହି ପ୍ରସଙ୍ଗ ଅଧିକ ମଜଭୁତ ହୋଇଛି। ତେଲେଙ୍ଗାନା ଉପମୁଖ୍ୟମନ୍ତ୍ରୀ କେ ଶ୍ରୀହରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟଠାରେ ସୌଜନ୍ୟମୂଳକ ସାକ୍ଷାତ କରି ଏହା ଘୋଷଣା କରିଛନ୍ତି। ଶ୍ରୀହରି କହିଛନ୍ତି ଯେ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶା ଭଳି ତେଲେଙ୍ଗାନା ମଧ୍ୟ କ୍ଷତିଗ୍ରସ୍ତ ହେବ। ➤ ପୃ-୬

## 'ଆମ ଗାଁ ଆମ ବିକାଶ' ନାଁରେ ନୂଆ ଯୋଜନା
# ବ୍ୟୟ ବରାଦ ୭୫ କୋଟି

**ଭୁବନେଶ୍ୱର :** ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ୯୮୨୮.୫୭ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ବିଧାନସଭାରେ ଉପସ୍ଥାପିତ ହୋଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ ଓ ବିଜୁ ପକ୍କାଘର ପାଇଁ ସର୍ବାଧିକ ୫୮୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଶିକ୍ଷା ସହାୟକ, ବ୍ଲକ୍‌ଗ୍ରାଣ୍ଟ ସ୍କୁଲ କର୍ମଚାରୀ, ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କ ଦରମା ନିମନ୍ତେ ଆବଶ୍ୟକ ପାଣ୍ଠି ବ୍ୟବସ୍ଥା ହୋଇଛି। 'ଆମ ଗାଁ ଆମ ବିକାଶ' ନାଁରେ ଏକ ନୂଆ ଯୋଜନା ଘୋଷଣା କରି ସେଥିପାଇଁ ୭୫କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଧାନସଭାରେ ଅତିରିକ୍ତ ବଜେଟ୍ ଉପସ୍ଥାପିତ



କରିବା ପରେ ସାମ୍ବାଦିକଙ୍କୁ ସୂଚନା ଦେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ପାଇଁ ୯୮୨୮ କୋଟି ୫୭ଲକ୍ଷ ଟଙ୍କାର ଅତିରିକ୍ତ ବଜେଟ୍ ବରାଦ ହୋଇଛି। ପ୍ରଶାସନିକ ବ୍ୟୟ ବାବଦରେ ୧୭୯୧.୬୫କୋଟି, କାର୍ଯ୍ୟକ୍ରମ ବ୍ୟୟ ପାଇଁ ୬୮୧୨.୭୬କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ୧୧୪୨.୩୮କୋଟି, ବଜେଟ୍‌ରୁ ସ୍ଥାନାନ୍ତର ପାଇଁ ୮୧.୫୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅନ୍ୟପକ୍ଷରେ ଏହି ଅତିରିକ୍ତ ବଜେଟ୍ ପାଇଁ ଅର୍ଥକୁ ସହବନ୍ଧିତ ସମ୍ବଳ ସୂତ୍ରରୁ ୩୯୦୭ .୨୮କୋଟି, ➤ ପୃ-୬

# ଅଳ୍ପଦିନ ପରେ ବିଜେପୁର ବିଜ୍ଞପ୍ତି



**ନୂଆଦିଲ୍ଲୀ :** ନୂଆଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର ଅଚଳ କୁମାର ଜ୍ୟୋତିଙ୍କୁ ବିଜେପୁର ଉପନିର୍ବାଚନ ନେଇ ସାକ୍ଷାତ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଡିଏନ୍ ଗୁପ୍ତା। ଉଭୟ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଏହି ସାକ୍ଷାତ ପରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ସାକ୍ଷାତ ପରେ ନିର୍ଦ୍ଦିଷ୍ଟ ଭାବରେ ଶ୍ରୀ ଗୁପ୍ତା ଗଣମାଧ୍ୟମକୁ କିଛି ସୂଚନା ଦେଇନଥିବା ବେଳେ ବିଜେପୁର ଉପନିର୍ବାଚନ ନେଇ ସମସ୍ତ ➤ ପୃ-୬

# ସବୁ ଗାଁକୁ ଗଡିବ 'ବିଜୁ ଗାଁ ଗାଡ଼ି'

**ଭୁବନେଶ୍ୱର :** ଏଣିକି ରାଜ୍ୟର ସବୁ ଗାଁରେ ପହଞ୍ଚିବ 'ବିଜୁ ଗାଁ ଗାଡି'। ଯଦିଓ ପୂର୍ବରୁ ଏହା ଅପହଞ୍ଚ, ଦୁର୍ଗମ ତଥା ଯାତାୟତ ସୁବିଧା ନଥିବା ଅଞ୍ଚଳ ପାଇଁ ଏଭଳି ଯାତ୍ରୀ ପରିବହନର ସୁବିଧା କରିଥିଲେ ସରକାର। ଏଥିସହ ଏହିସବୁ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଏହା ଆରମ୍ଭ ହୋଇଥିଲା। ଲୋକଙ୍କୁ ଏହାର ସୁଫଳ ମିଳିବା ପରେ ସରକାର ସାରା ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ସୁଧାର ପାଇଁ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ଏ ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୯ଟି ଜିଲ୍ଲାରେ 'ବିଜୁ ଗାଁ ଗାଡ଼ି'ର ପ୍ରଚଳନ ଓ ଚଳାଚଳର ବିଭିନ୍ନ ସୁବିଧା ଓ ଅସୁବିଧା ବିଷୟରେ ଏଥିରେ ମୁଖ୍ୟତଃ ଆଲୋଚନା



କରାଯାଇଥିଲା। ଏହି ବୈଠକରେ ଅଂଶଗ୍ରହଣ କରିଥିବା ୯ଟି ଜିଲ୍ଲା ଯଥା ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଯାଜପୁର(ଚଣ୍ଡିଖୋଲ), କନ୍ଧମାଳ, ମାଲକାନଗିରି, ପୁରୀ ଓ ରାୟଗଡ଼ା ଜିଲ୍ଲାର ଆଞ୍ଚଳିକ ପରିବହନ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ । ରାୟଗଡ଼ା ଜିଲ୍ଲାର ୧୮୨ଟି ଗ୍ରାମପଞ୍ଚାୟତ ମଧ୍ୟରୁ ୩ ଗ୍ରାମପଞ୍ଚାୟତକୁ 'ବିଜୁ ଗାଁ ଗାଡ଼ି' ଚଳାଚଳ ସୁବିଧା ହୋଇ ପାରିନଥିବା ➤ ପୃ-୬

# ପ୍ରସ୍ତାବରେ ଇ-ଯାନ



**ଭୁବନେଶ୍ୱର :** ସ୍ମାର୍ଟସିଟି ଭୁବନେଶ୍ୱରରେ ବିଦ୍ୟୁତ୍ ଚାଳିତ ଯାନ ଚଳାଇବା ପାଇଁ କେନ୍ଦ୍ର ଭାରୀଶିଳ୍ପ ବିଭାଗକୁ ପ୍ରସ୍ତାବ ଦେଇଛି ବିପିଟିସିଏଲ୍ କମ୍ପାନୀ। ୨୧୯ କୋଟି ୭୫ ଲକ୍ଷ ଟଙ୍କା ବଜେଟ୍‌ର ଏହି ପ୍ରକଳ୍ପରେ ସବୁଜ ଓ ପରିବେଶ ଉପଯୋଗୀ ଯାତାୟାତ ପାଇଁ ରାଜଧାନୀରେ ଇ-ଯାନ ଚଳାଚଳ କରିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

ନୂତନ କର୍ମରେ ଯୋଗ ଦେଇ ସଫଳତା ହାସଲ କରିବେ। ପଡି ରହିଥିବା ବିବାଦର ସମାଧାନ ହେ। କଳାକାରମାନେ ଅସୁବିଧାର ସମ୍ମୁଖୀନ ହେବେ। ବ୍ୟବସାୟୀମାନେ ନିଜର ଯୋଜନକୁ ଗୁପ୍ତ ରଖିବା ଉଚିତ୍।

କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ରହିଛି। ବ୍ୟବସାୟୀମାନେ କିଛିମାତ୍ରାରେ ଲାଭବାନ ହେବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଶରୀର ସୁସ୍ଥ ରହିବ।

ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଚାକିରୀ କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟୀମାନେ ଲାଭ ପାଇପାରିବେ।

କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ସମସ୍ତ କାର୍ଯ୍ୟରେ ଅସଫଳ ହେବେ।

ଆୟରେ ଉନ୍ନତ ଦେଖାଦେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଆଶଙ୍କା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

ଧନ ବୃଦ୍ଧି ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବନ୍ଧୁମିଳନ ଘଟିପାରେ।

ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବାର ଆଶଙ୍କା ରହିଛି। ପାରିବାରକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ।

ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ରହିଛି। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ବିବାଦର ସମାଧାନ ହେବ। ଆଶାନୁରୂପକ ସଫଳତା ମିଳିବ।

ଗୃହରେ ଶାନ୍ତିର ବାତାବରଣ ଦେଖାଯିବ। ନୂତନ ଗୃହ ନିର୍ମାଣ କରିପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିପାରିବେ।

ଆର୍ଥିକ ସମସ୍ୟା ଦୂର ହେବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଆଶାତୀତ ଲାଭବାନ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ।

ସମାଜ ସେବାରେ ସମୟ ବିତାଇବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ ହେବେ। ବୈବାହିକ ଜୀବନ ଶାନ୍ତିରେ କଟିବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ।

ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଧର୍ମ ଭିତ୍ତିରେ ଦେଶକୁ ବିଭାଜନ କରିବା ଅନୁଚିତ୍ : ଓବାମା

**ନୂଆଦିଲ୍ଲୀ :** ଭାରତ ଭଳି ଧର୍ମ ନିରପେକ୍ଷ ଦେଶରେ ଧର୍ମକୁ ନେଇ ଭେଦଭାବ, ଅସହିଷ୍ଣୁତା, ବିଦ୍ୱେଷ ନରହୁ। ଏହା ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କହିଛନ୍ତି ବୋଲି ଏଠାରେ ହିନ୍ଦୁସ୍ତାନ ଟାଇମ୍ସ 'ନେତୃତ୍ୱ ସମ୍ମିଳନୀ'ରେ ଅତିଥି ଭାବେ ଯୋଗ ଦେଇ ନିଜ ଭାଷଣରେ କହିଛନ୍ତି ଆମେରିକାର ପୂର୍ବତନ ରାଷ୍ଟ୍ରପତି ବରାକ୍ ହୁସେନ୍ ଓବାମା। ଭାରତରେ ରହୁଥିବା ମୁସଲିମ୍‌ମାନେ ନିଜକୁ ଭାରତୀୟ ଭାବେ ପରିଚୟ ଦେଇଥାନ୍ତି ବୋଲି ସେ କହିଛନ୍ତି। ଲୋକଙ୍କ ଭିତରେ ଫରକ କ'ଣ ତାହା ନଦେଖି ସମାନତା କ'ଣ ରହିଛି ତାହା ଉପରେ ଧ୍ୟାନ ଦିଆଯାଉ ବୋଲି ମତ ଦେଇ ଓବାମା କହିଛନ୍ତି, ଭାରତରେ ସଂଖ୍ୟାଲଘୁମାନେ ବିଶେଷ କରି ମୁସଲିମ୍‌ମାନେ ନିଜକୁ ଭାରତୀୟ ସମାଜର ଅଂଶ ଭାବୁଥିବାରୁ ସଂଖ୍ୟାଗରିଷ୍ଠମାନେ ସନ୍ତୁଷ୍ଟ ତଥା ସହନଶୀଳ ହେବା ଉଚିତ।



ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ପର୍କରେ ଓବାମା କହିଛନ୍ତି, ଦେଶ ପାଇଁ ମୋଦିଙ୍କର ଏକ ଭିଜନ୍ ରହିଛି। ସେ ଅମଲାତନ୍ତ୍ରକୁ ସଜାଡ଼ିବାକୁ ଉଦ୍ୟମ କରୁଛନ୍ତି। ଅର୍ଥନୀତିକ ସଂସ୍କାର ଆଣି ଦେଶକୁ ପ୍ରଗତିର ମାର୍ଗରେ ନେବାକୁ ପ୍ରୟାସ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମ୍ପର୍କରେ ଓବାମା କହିଛନ୍ତି, ଅର୍ଥନୀତିକ ପ୍ରସଙ୍ଗରେ ମନମୋହନଙ୍କ ଅଗାଧ ଜ୍ଞାନ ରହିଛି। ତେଣୁ ଯେତେବେଳେ ସେ କିଛି କହନ୍ତି, ଲୋକେ ମନଦେଇ ଶୁଣିଥାନ୍ତି ଓ ତାଙ୍କ ମତାମତକୁ ଗୁରୁତ୍ୱ ମିଳିଥାଏ। ୨୦୦୮ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହେବା ବେଳେ ଓବାମା ଆମେରିକାର ରାଷ୍ଟ୍ରପତି ଥିଲେ। ସେତେବେଳେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ଭାରତ ସରକାର ଯାହା ସହଯୋଗ ମାଗୁଛନ୍ତି ତାହା ତୁରନ୍ତ ଯୋଗାଇଦେବାକୁ ତାଙ୍କ ପ୍ରଶାସନ ୟୁଏସ୍ ଆର୍ମି ଓ ଇଣ୍ଟେଲିଜେନ୍ସ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦେଇଥିଲା ବୋଲି ଓବାମା କହିଛନ୍ତି। ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ନାମ ନ ନେଇ ଓବାମା କହିଛନ୍ତି, ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଆମେରିକା ଓହରିଯାଇ ଠିକ୍ କିମ୍ବା ଭୁଲ୍ କରିଛି ତାହା ବିତର୍କର ବିଷୟ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଟ୍ରମ୍ପ୍ ୨୦୧୭ ଜୁନ୍‌ରେ ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଆମେରିକା ଓହରିଯିବାକୁ ନିଷ୍ପତ୍ତି ନେଇଥିବା ବିଷୟ ଘୋଷଣା କରିଥିଲେ।

## ରେଲ୍‌ୱେରେ ନିବେଶ କରିବ ଏଲ୍‌ଆଇସି

**ମୁମ୍ବାଇ :** ଅର୍ଥ ମନ୍ତ୍ରଣାଳୟର ଅନୁମୋଦନପରେ ରେଲ୍‌ୱେକୁ ଭାରତୀୟ ଜୀବନ ବୀମା ନିଗମ ବା ଏଲ୍‌ଆଇସି ୧୫.ଲକ୍ଷ କୋଟି ଟଙ୍କା ଫଣ୍ଡିଂ କରିବା ଆପାତତଃ ନିଶ୍ଚିତ ହୋଇଯାଇଛି। ଦୁଇବର୍ଷ ତଳେ ଇଣ୍ଡିଆନ୍ ରେଲୱେ ଫାଇନାନ୍ସ କର୍ପୋରେସନ୍ (ଆଇଆର୍‌ଏଫ୍‌ସି) ସହିତ ଏହି ନିବେଶ ପାଇଁ ଏଲ୍‌ଆଇସି ଏକ ଏମ୍ଓୟୁ ସ୍ୱାକ୍ଷର କରିଥିଲା। ବର୍ତ୍ତମାନ ଏଲ୍‌ଆଇସି କର୍ତ୍ତୃପକ୍ଷ ଚାହିଁଛନ୍ତି ଯେ ଆଇଆର୍‌ଏଫ୍‌ସି ଏହି ଫଣ୍ଡିଂ ପାଇଁ ଯେଉଁ ବଣ୍ଡ୍ ଇସ୍ୟୁ କରିବ ତାହାକୁ ଗ୍ୟାଜେଟ୍ ନୋଟିଫିକେସନ୍ ସହିତ ସ୍ୱତନ୍ତ୍ର ସରକାର ସିକ୍ୟୁରିଟିର ମାନ୍ୟତା ଦିଆଯାଉ। ଇନ୍ସ୍ୟୁରାନ୍ସ ରେଗୁଲୋଟୋରୀ ଆଣ୍ଡ୍ ଡେଭ୍‌ଲପ୍‌ମେଣ୍ଟ୍ ଅଥରିଟି ଅଫ ଇଣ୍ଡିଆ, ଏଲ୍‌ଆସି ଏବଂ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଏହି ଫଣ୍ଡିଂ ବାବଦରେ ଆଲୋଚନା ହୋଇଥିଲା। ଅନୁମୋଦିତ ନିବେଶ ପ୍ରକ୍ରିୟା ମଧ୍ୟରେ ରହି ଏହାର ପରିମାଣକୁ ବୃଦ୍ଧି କରାଇବା ବିଷୟରେ ମଧ୍ୟ ଚର୍ଚ୍ଚା ହୋଇଥିଲା। ଗତ ଅଗଷ୍ଟରେ ରେଲ୍‌ୱେ ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିବା ପୀୟୂଷ ଗୋୟଲ୍ କହିଛନ୍ତି ଗତ ପାଞ୍ଚ ବର୍ଷ ଧରି ରେଲ୍‌ୱେ ୧୦ ଲକ୍ଷ କୋଟିର ଫଣ୍ଡିଂ ଆବଶ୍ୟକ କରୁଥିଲା। ରେଲ୍‌ୱେ ମନ୍ତ୍ରଣାଳୟ ଏହି କ୍ଷେତ୍ରରେ ପୂର୍ବରୁ ଅନୁମୋଦିତ ପ୍ରକ୍ରିୟାରେ ନିବେଶ ଚାହୁଁଥିବା ଜଣାଇଛନ୍ତି ଯାହାଫଳରେ ସରକାରଙ୍କୁ ସ୍ୱତନ୍ତ୍ର ସିକ୍ୟୁରିଟି ଦେବାକୁ ପଡ଼ିବ ନାହିଁ। ଗତ ଜୁନ୍ ୩୦ ଯାଏ ଏଲ୍‌ଆଇସି ପରିଚାଳନାରେ ୨୪.୭୪ ଲକ୍ଷ କୋଟି ଟଙ୍କର ସମ୍ପତ୍ତି ଥିଲା। ବୀମା କ୍ଷେତ୍ରରେ ଏଲ୍‌ଆଇସିର ୮୦ ପ୍ରତିଶତ ନିବେଶ ରହିଛି। ବିଭିନ୍ନ ସମୟରେ ରାଷ୍ଟ୍ରାୟତ୍ତ କମ୍ପାନୀ ଗୁଡ଼ିକରେ ବଣ୍ଡ୍ ଓ ଶେୟାର୍ ଯୋଗେ ନିବେଶ କରି ସରକାରଙ୍କୁ ସହଯୋଗ କରିବାରେ ଏଲ୍‌ଆଇସି ଆଗେଇ ଆସିଛି।

## ଭାରତୀୟଙ୍କ ସବୁଠାରୁ ପସନ୍ଦର କର୍ମସ୍ଥଳୀ ସାଉଦିଆରବ

**ନୂଆଦିଲ୍ଲୀ :** ଭାରତୀୟମାନେ ବିଦେଶରେ ଖୋଜୁଥିବା କର୍ମସ୍ଥଳୀମାନଙ୍କ ମଧ୍ୟରେ ସାଉଦିଆରବ ପାଲଟିଛି ସବୁଠାରୁ ଅଧିକ ମାତ୍ରାରେ ପସନ୍ଦର କର୍ମସ୍ଥଳୀ। ଏହି ଗଲ୍ଫଦେଶ ଭାରତୀୟଙ୍କ ନିଯୁକ୍ତଦାତା ଭାବରେ ଦୀର୍ଘ ବର୍ଷ ଧରି ପ୍ରିୟ ହୋଇଆସିଛି। ରିୟାଦ୍‌ରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁସାରେ ଭାରତରୁ ସାଉଦି ଆରବ ଯାଇଥିବା ଲୋକଙ୍କ ସଂଖ୍ୟା ମାର୍ଚ୍ଚରେ ୩,୦୩.୧୯୩ଜଣ ଥିବାବେଳେ ଅକ୍ଟୋବରରେ ଏହା ୩,୨୫.୯୦୧ରେ ପହଞ୍ଚିଛି। ଏହା ହିସାବକୁ ନେଲେ ଏହି ସଂଖ୍ୟା ୭ମାସରେ ୨,୦୦,୦୦୦ ବୃଦ୍ଧି ପାଇଛି। ଏହି ସଂଖ୍ୟାରେ କେବଳ ଦିନମଜୁରିଆଙ୍କ ସଂଖ୍ୟାରେ ନୁହେଁ ଡାକ୍ତର, ଇଞ୍ଜିନିୟର୍, ତୈଳ ପ୍ରଯୁକ୍ତି, ଆଇଟି ଏକ୍ସପର୍ଟ ଓ ଅନ୍ୟାନ୍ୟ ସୁଯୋଗ ରହିଛି। ଏଥିପାଇଁ ସାଉଦିର ଅର୍ଥନୀତିର ପୁନର୍ଗଠନ ଏବଂ ପ୍ରବାସୀଙ୍କ ନିମନ୍ତେ ଉଦାରବାଦୀ ନୀତି ଏଥିପାଇଁ ସହାୟକ ହୋଇଛି। ଏକ ସଂସ୍ଥା ଦେଇଥିବା ହିସାବ ଅନୁଯାୟୀ ୨୦୧୫ ମସିହାରେ ପ୍ରବାସରୁ ଆସିଥିବା ୬୯ ବିଲିୟନ୍ ଡଲାରରୁ କେବଳ ସାଉଦି ଆରବରୁ ୧୦ ବିଲିୟନ୍ ଡଲାର ଆସିଛି। ସାଉଦି ଆରବରେ ୨୦୧୬ ମସିହାରେ ତୈଳଦରରେ ହ୍ରାସ ପାଇବା ଏବଂ ଅର୍ଥନୀତି ଅଭିବୃଦ୍ଧିରେ ମନ୍ଥର ଗତି ଏହି ପରିମାଣକୁ ପ୍ରଭାବିତ କରିଥିଲା। ୨୦୧୮ରେ ପ୍ରବାସୀଙ୍କ ରୋଜଗାର ବଳରେ ଦେଶକୁ ଆସୁଥିବା ଅର୍ଥର ପରିମାଣ ୬୧୫ ବିଲିୟନ୍ ଡଲାରରୁ କେବଳ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକର ୪୬୦ବିଲିୟନ୍ ଡଲାରକୁ ବୃଦ୍ଧି ପାଇବାର ଆଶଙ୍କାକୁ ପ୍ରମାଣ କରି ୨୦୧୬ରେ ଏଥିରେ କେବଳ ଭାରତର ୩୦ବିଲିୟନ୍ ଡଲାର ବୃଦ୍ଧି ପାଇଛି।

### ଉତ୍ତେଜିତ ତେଜପ୍ରତାପ

## କହିଲେ ମୋଦିଙ୍କ ଚମଡା ଉତାରିବି

**ପାଟନା :** ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ କମାଇଦେଇ ଏଣିକି ଜେଡ୍ ସ୍ତରୀୟ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଘୋଷଣା କରିବା ପରେ ତାଙ୍କ ପୁଅ ତେଜପ୍ରତାପ ଏଥିରେ କ୍ଷୁବ୍ଧ ହୋଇଛନ୍ତି। ସେ ସମାଲୋଚନା କ୍ଷେତ୍ରରେ ଅତି ନିମ୍ନ ସ୍ତରକୁ ଚାଲିଯାଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଛାଲ ଉତାରି ଦିଆଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ ବିଧାନସଭା ଆଗରେ ସାମ୍ବାଦିକମାନଙ୍କୁ କହିଛନ୍ତି, ଲାଲୁଙ୍କୁ ମାରିବା ପାଇଁ ଷଡଯନ୍ତ୍ର କରାଯାଇଛି। ମୁଁ ଚୁପ୍ ହୋଇ ବସିପାରିବି ନାହିଁ। ନରେନ୍ଦ୍ର ମୋଦିଙ୍କ ଚମଡା ଉତାରିଦେବି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତ ୨୩ରେ ବିହାରର ୩ ଜଣ ବରିଷ୍ଠ ନେତା ଲାଲୁ, ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାଞ୍ଝି ଓ ଶରଦ ଯାଦବଙ୍କ ସୁରକ୍ଷା ହ୍ରାସ କରିଛି। ତେଜପ୍ରତାପଙ୍କ ପ୍ରତିକ୍ରିୟା ସମ୍ପର୍କରେ ଲାଲୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ବାପା ବିରୋଧରେ ଷଡ଼ଯନ୍ତ୍ର ସମ୍ପର୍କରେ ପୁଅ ଜାଣିଲା ପରେ ସେ ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ। କିନ୍ତୁ ମୁଁ ଏହାକୁ ନାପସନ୍ଦ କରୁଛି। ଆଉ ଏଭଳି ନ କହିବା ପାଇଁ ମୁଁ ତାକୁ ତାଗିଦ୍ କରିଛି।

### ଜାତିସଂଘର ଦ୍ୱାରସ୍ଥ ହେଲା ହାଫିଜ୍

## ଆତଙ୍କୀ ତାଲିକାରୁ ନାଁ କାଟ

**ନୂଆଦିଲ୍ଲୀ :** ମୁମ୍ବାଇ ହମ୍‌ଲାର ମାଷ୍ଟର୍ ମାଇଣ୍ଡ୍ ତଥା ଜମାତ୍-ଉଦ୍- ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍ ପାକିସ୍ତାନରେ ଗୃହବନ୍ଦୀରୁ ମୁକ୍ତ ହେବା ପରେ ଏବେ ଜାତିସଂଘ ଆତଙ୍କୀ ତାଲିକାରୁ ନିଜ ନାମ ବାଦ୍ ଦେବାକୁ ଉଦ୍ୟମ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ଜାତିସଂଘର ଆତଙ୍କୀ ତାଲିକାରେ ସୟିଦ୍‌ର ନାମ ଉଲ୍ଲେଖ ରହିଥିଲା ବେଳେ ତାକୁ ଧରିବା ପାଇଁ ଆମେରିକା ପକ୍ଷରୁ ଏକ କୋଟି ଡଲାର ପୁରସ୍କାର ଘୋଷଣା କରାଯାଇଛି। ୨୦୦୮ ନଭେମ୍ବରରେ ମୁମ୍ବାଇରେ ଆତଙ୍କୀ ହମ୍‌ଲା ହେବା ପରେ ସେହି ବର୍ଷ ଡିସେମ୍ବରରେ ଜାତିସଂଘ ପକ୍ଷରୁ ସୟିଦ୍‌କୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା। ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ନିୟମ (ୟୁଏନ୍‌ଏସ୍‌ସିଆର୍) ଅନୁଯାୟୀ ତାକୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା। ଅବଶ୍ୟ ଏହା ପୂର୍ବରୁ ଆମେରିକା ୨୦୦୮ ମେ'ରେ ତାକୁ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ଆତଙ୍କବାଦୀ ଭାବେ ଘୋଷଣା କରିସାରିଥିଲା। ମୁମ୍ବାଇ ଆତଙ୍କୀ ହମ୍‌ଲା ପରେ ଆମେରିକା ସୟିଦ୍‌କୁ ଧରିବା ପାଇଁ ଏକ



କୋଟି ଡଲାର ପୁରସ୍କାର ଘୋଷଣା କଲା। ଜେୟୁଡି ବେଆଇନ ଘୋଷିତ ଲସ୍କର-ଇତୋଏବାର ଏକ ସାମ୍ମୁଖ୍ୟ ବୋଲି କୁହାଯାଉଛି। ଏହି ସଂଗଠନ ୨୬/୧୧ ହମ୍‌ଲାରେ ସମ୍ପୃକ୍ତ। ଗତ ସପ୍ତାହରେ ସୟିଦ୍‌କୁ ଅଟକବନ୍ଦୀରୁ ମୁକ୍ତ କରାଯାଇଛି। ପାକିସ୍ତାନର ଏକ ଅଦାଲତ ତା'ର ଅଟକ ମିଆଦ ବୃଦ୍ଧି କରିବାକୁ ମନା କରିବା ପରେ ତାକୁ ଛାଡ଼ି ଦିଆଯାଇଛି। ତା ବିରୋଧରେ ଯଥେଷ୍ଟ ପ୍ରମାଣ ନଥିବା ଦର୍ଶାଇ ପାକ୍ ଅଦାଲତ ତାକୁ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ସେ ମୁକ୍ତ ହେବା ମାତ୍ରେ ଭାରତ ବିରୋଧରେ ବିଷୋଦ୍‌ଗାର କରିଛି। କଶ୍ମୀର ପ୍ରସଙ୍ଗରେ ସମସ୍ତଙ୍କୁ ଏକଜୁଟ୍ କରିବ ବୋଲି ଆହ୍ୱାନ ଦେଇଛି। ସେ ଖଲାସ ହୋଇଥିବାରୁ ଆମେରିକା ଏଥିରେ ଘୋର ଉଦ୍‌ବେଗ ପ୍ରକାଶ କରିଛି। ତାକୁ ତୁରନ୍ତ ଗିରଫ କରି ତା'ର ଅପରାଧର ବିଚାର କରିବାକୁ ଆମେରିକା ଆହ୍ୱାନ ଦେଇଛି। ସୟିଦ୍ ମୁକ୍ତ ହେବା ପରେ ଆମେରିକା ବୈଦେଶିକ ବିଭାଗ ପକ୍ଷରୁ ଏକ ବିବୃତିରେ କୁହାଯାଇଥିଲା, "ଲସ୍କର-ଇ-ତୋଏବା ମୁଖ୍ୟ ହାଫିଜ୍ ସୟିଦ୍‌କୁ ମୁକ୍ତ କରାଯାଇଥିବାରୁ ଆମେରିକା ଗଭୀର ଭାବେ ଉଦ୍‌ବିଗ୍ନ। ଲସ୍କର-ଇ-ତୋଏବା ଏକ ବିଦେଶୀ ଆତଙ୍କୀ ସଂଗଠନ। ଏହି ସଂଗଠନର ହମ୍‌ଲାରେ ବହୁ ଲୋକ ନିହତ ହୋଇଛନ୍ତି। ଏଥିରେ ବହୁ ଆମେରିକୀୟଙ୍କ ମଧ୍ୟ ପ୍ରାଣହାନି ଘଟିଛି। ପାକ୍ ସରକାର ତାକୁ ଗିରଫ କରି ତା ବିରୋଧରେ ଥିବା ଅପରାଧର ବିଚାର କରିବା ଉଚିତ।" ଗତ ଜାନୁଆରୀ ୩୧ରେ ସୟିଦ୍ ଓ ତା'ର ୪ ସହଯୋଗୀଙ୍କୁ ପାକିସ୍ତାନର ପଞ୍ଜାବ ସରକାର ୯୦ ଦିନ ପାଇଁ ଗୃହବନ୍ଦୀ କରିଥିଲେ।

## ପୁଣି ବଢ଼ିବ ଆଧାର ଲିଙ୍କ୍ ଅବଧି

**ନୂଆଦିଲ୍ଲୀ :** ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁବିଧା ପାଇବା ପାଇଁ ସରକାର ଆଧାର କାର୍ଡ ନମ୍ବର ଲିଙ୍କ୍ କରିବା ବାଧ୍ୟତାମୂଳକ କରିଥିବା ବେଳେ ଏହାର ସମୟ ସୀମା ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତୁତ ଅଛନ୍ତି। ଏଥିନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଏହି ସୂଚନା ଦିଆଯାଇଛି। ପ୍ରଧାନ ବିଚାରପତି ଦୀପକ ମିଶ୍ର, ବିଚାରପତି ଏଏମ୍ ଖାନ୍‌ୱିଲ୍‌କର୍ ଓ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆଧାର ସମ୍ପର୍କିତ ଏକାଧିକ ଆବେଦନର ସାମ୍ବିଧାନିକ ଖଣ୍ଡପୀଠରେ ବିଚାର କରାଯିବ। ଉଲ୍ଲେଖଯୋଗ୍ୟ ଯେ, ସର୍ବୋଚ୍ଚ ଅଦାଲତ ଗତ ଅକ୍ଟୋବର ୩୦ରେ କହିଥିଲେ, ଆଧାର ସମ୍ପର୍କିତ ଆବେଦନଗୁଡ଼ିକର ସାମ୍ବିଧାନିକ ଖଣ୍ଡପୀଠରେ ନଭେମ୍ବର ଶେଷ ସପ୍ତାହରୁ ଶୁଣାଣି ହେବ। ତେବେ ଦିଲ୍ଲୀ-କେନ୍ଦ୍ର ବିବାଦର ଶୁଣାଣି ଶେଷ ହେଲେ ଏହା ଉପରେ ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଆଧାର ବାଧ୍ୟତାମୂଳକ କରାଯିବାକୁ ବିରୋଧ କରି ଜଣେ ଆବେଦନକାରୀଙ୍କ ପକ୍ଷରୁ ଜଣେ ବରିଷ୍ଠ ଓକିଲ ଶ୍ୟାମ ଦିବାନ୍ ଏ ସମ୍ପର୍କରେ ୫ ଜଣିଆ ବେଞ୍ଚ୍‌ରେ ଶୁଣାଣି ହେବା ଆଗରୁ ଅନ୍ତରୀଣ ରହିତାଦେଶ ଜାରି କରାଯିବାକୁ ଯୁକ୍ତି ବାଢ଼ିଥିଲେ। ତେବେ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ ଏହାକୁ ବିରୋଧ କରି କହିଥିଲେ, ଜାତୀୟ ସ୍ତରରେ ଗୁରୁତ୍ୱ ବହନ କରୁଥିବା ଏଭଳି ଏକ ପ୍ରସଙ୍ଗରେ ଅନ୍ତରୀଣ ନିର୍ଦ୍ଦେଶ ଦିଆଯିବା ଠିକ୍ ହେବ ନାହିଁ। ୫ ଜଣିଆ ଖଣ୍ଡପୀଠ ଦିଲ୍ଲୀ-କେନ୍ଦ୍ର ବିବାଦ ସମ୍ପର୍କିତ ହାଇକୋର୍ଟ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ୍ କରି ଆଗତ ଆବେଦନର ଶୁଣାଣି ଶେଷ କରିବା ପରେ ଏ ସମ୍ପର୍କରେ ଉତ୍ଥାପନ କରିବାକୁ ଆଜି ଖଣ୍ଡପୀଠ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ କହିଥିଲେ, ସାମ୍ବିଧାନିକ ଖଣ୍ଡପୀଠ ପ୍ରଥମେ ଏ ଦିଗରେ ଅନ୍ତରୀଣ ରାୟ ପ୍ରଦାନ କରାଯାଇ ପାରିବ କି ନାହିଁ, ତାହା ବିଚାର କରିବେ। ନିକଟ ଅତୀତରେ ୯ ଜଣିଆ ଖଣ୍ଡପୀଠ ଦର୍ଶାଇଥିଲେ ଯେ, ଗୋପନୀୟତା ଅଧିକାର ସମ୍ବିଧାନ ଅନୁଯାୟୀ ଏକ ମୌଳିକ ଅଧିକାର। ଏହାକୁ ଦୃଷ୍ଟିରେ ରଖି ଆଧାର ଯୋଗୁ ଗୋପନୀୟତା ଅଧିକାର କ୍ଷୁଣ୍ଣ ହେଉଥିବା ଦର୍ଶାଇ ଏକାଧିକ ଆବେଦନ କରାଯାଇଛି। ଗତ ଅକ୍ଟୋବର ୨୫ରେ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତକୁ ଜଣାଇଥିଲେ ଯେଉଁମାନଙ୍କର ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ନାହିଁ, ସେମାନଙ୍କ ଲାଗି ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ଆଧାର ଲିଙ୍କିଙ୍ଗ୍ ମିଆଦ ୨୦୧୮ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରାଯାଇଛି।

# ଟେଲିକମ୍ ସେକ୍ଟରରେ କର୍ମଚାରୀ ସଂଖ୍ୟା କମିଛି

**ମୁମ୍ବାଇ :** ଟେଲିକମ୍ ସେକ୍ଟର୍‌ରେ ଗତ ବର୍ଷକ ମଧ୍ୟରେ ପ୍ରତି ଚାରିଜଣରେ ଜଣେ ହରାଇଛନ୍ତି ଚାକିରୀ। ବଢୁଥିବା ପ୍ରତିଯୋଗିତା ସହିତ ଗ୍ରାହକଙ୍କୁ ମନଲୋଭା ଅଫର୍ ଯୋଗାଇବାର ସର୍ଭିସ୍ ପ୍ରୋଭାଇଡର୍‌ମାନଙ୍କୁ କ୍ଷତି ସହିବାକୁ ପଡୁଛି। ବର୍ଷେ ତଳେ ଏହି ସେକ୍ଟରରେ କର୍ମଚାରୀଙ୍କ ସଂଖ୍ୟା ୩ ଲକ୍ଷ ଥିଲା। ଗତ ୧୨ ମାସରେ ଏଥିରୁ ୨୫ ପ୍ରତିଶତ ହ୍ରାସ ପାଇଛି। ଟେଲିକମ୍ ସେକ୍ଟରରୁ ଗତ ବର୍ଷକ ମଧ୍ୟରେ ୭୫,୦୦୦ କର୍ମଚାରୀ ଚାକିରି ଛାଡ଼ିଥିବା/ ହରାଇଥିବା ଜଣାପଡ଼ିଛି । ଟେଲିକମ୍ କମ୍ପାନୀ ଗୁଡ଼ିକର ମୋଟ ଖର୍ଚ୍ଚର ୪%ରୁ ୫% ହେଉଛି କର୍ମଚାରୀ ମାନଙ୍କର ଦରମା ବାବଦକୁ ହେଉଥିବା ଖର୍ଚ୍ଚ। ଟେଲିକମ୍ କମ୍ପାନୀଗୁଡ଼ିକ କର୍ମଚାରୀ ସଂଖ୍ୟା କମାଇ କାର୍ଯ୍ୟକଳାପ ସଂକୁଚିତ କରିଥିବାରୁ ଉଭୟ ସ୍ଥାୟୀ ଓ ଚୁକ୍ତିଭିତ୍ତିକ କର୍ମଚାରୀ ପ୍ରଭାବିତ ହୋଇଛନ୍ତି। ଆଉ ଚିନ୍ତାଜନକ ବିଷୟ ହେଉଛି କର୍ମଚାରୀମାନଙ୍କୁ ଟେଲିକମ୍ କମ୍ପାନୀଗୁଡ଼ିକ ଛଟେଇ କରୁଛନ୍ତି। କର୍ମଚାରୀଙ୍କୁ କିଛି ମାସର ନୋଟିସ୍ ଦେବା ସହିତ ୩ରୁ ୬ ମାସର ଦରମା

### ଅଧିକ ନିଯୁକ୍ତି ସୁଯୋଗ ଆଶା

କ୍ଷତିପୂରଣ ଆକାରରେ ଦିଆଯାଉଛି। ତେବେ ଏ ପ୍ରକାର ଦୂରବସ୍ଥା ଭେଣ୍ଡର୍‌ମାନଙ୍କ କ୍ଷେତ୍ରରେ ୩୫ରୁ ୪୦ ପ୍ରତିଶତ ହୋଇଥିବାବେଳେ ଟେଲିକମ୍ ଅପରେଟର୍‌ମାନଙ୍କ କ୍ଷେତ୍ରରେ ଏହା ୨୫ରୁ ୩୦ପ୍ରତିଶତ। ଟେଲିକମ୍ କମ୍ପାନିଗୁଡ଼ିକର ମିଶ୍ରଣ ଓ ବିଲୟ ପ୍ରକ୍ରିୟା ଆରମ୍ଭ



ହେଲେ ଟେଲିକମ୍ ସେକ୍ଟର୍‌ରେ କର୍ମଚାରୀ ସଂଖ୍ୟା ଆହୁରି ୧୫% କମିବ ବୋଲି ଆକଳନ କରାଯାଇଛି। ଦ୍ୱିତୀୟ ର୍‍ୟାଙ୍କରେ ଥିବା ଟେଲିକମ୍ କମ୍ପାନୀ ଭୋଡାଫୋନ୍ ଓ ତୃତୀୟ ର୍‍ୟାଙ୍କରେ ଥିବା ଆଇଡିଆ ସେଲୁଲାର୍ ଏବେ ମିଶ୍ରଣ ପଥରେ। ସେହିପରି ପୂର୍ବରୁ ଟେଲିନର୍ ଇଣ୍ଡିଆକୁ ଅଧିଗ୍ରହଣ କରିଥିବା ଏୟାରଟେଲ୍ ଏବେ ଟାଟା ଟେଲି ସର୍ଭିସେସ୍‌ର ଓ୍ୱାରଲେସ୍ ବ୍ୟବସାୟକୁ ଅଧିଗ୍ରହଣ କରିବାର ସୂଚନା ମିଳିଛି। ଟେଲିକମ୍ ସେକ୍ଟରରୁ ଚାକିରି ହରାଇଥିବା କୁଶଳୀ କର୍ମଚାରୀଙ୍କୁ ବେଶୀ କ୍ଷତି ସହିବାକୁ ପଡ଼ିଛି । ଅନ୍ୟ ସେକ୍ଟରକୁ ଚାକିରୀ ପରିବର୍ତ୍ତନ ସମୟରେ ଦରମା ଓ ପୋଜିସନ୍‌ରେ ସାଲିସ୍ କରିବାକୁ ପଡୁଛି। ଗତବର୍ଷ ସେପ୍ଟେମ୍ବରରୁ ରିଲାଏନ୍ସ ଜିଓର ବଜାର ପ୍ରବେଶ ପରେ ୫ ଲକ୍ଷ କୋଟିର ଋଣ ଭାରର ଥିବା ଟେଲିକମ୍ ସେକ୍ଟର ସଂପୂର୍ଣ୍ଣ ଦୋହଲି ଯାଇଛି। ଟେଲିକମ୍ ଭେଣ୍ଡର୍‌ମାନେ ଓ ଟାଓ୍ୱାର୍ କମ୍ପାନୀଗୁଡ଼ିକ ମଧ୍ୟ ଖୁବ୍ ପ୍ରଭାବିତ ହୋଇଛନ୍ତି। ଟେଲିକମ୍ ସେକ୍ଟର୍ ଛାଡ଼ିଥିବା କିମ୍ବା ଛଟେଇ ହୋଇଥିବା କର୍ମଚାରୀ ଏବେ ନୂଆ ଚାକିରୀ ପାଇଁ ଇକମର୍ସ, ଟ୍ରାନ୍ସପୋର୍ଟ, ଲଜିଷ୍ଟିକ୍ସ ଓ ଏଫ୍‌ଏମସିଜି ଆଡ଼କୁ ମୁହାଁଉଛନ୍ତି। ତେବେ ଟେଲିକମ୍ ଭିତ୍ତିଭୂମି ନିର୍ମାଣ ବା ଟାଓ୍ୱାର୍ କମ୍ପାନୀ ଏବଂ ଫାଇବର୍ ଅପ୍ଟିକାଲ୍ କେବଲ୍ ବିଛାଉଥିବା କମ୍ପାନୀଗୁଡ଼ିକରେ ଆଗକୁ ଅଧିକ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି।

# ଦଲାଲଙ୍କ ଭରସାରେ ରୋଗୀ

## ସରକାରୀ ଡାକ୍ତରଖାନାରେ ଅବ୍ୟବସ୍ଥା



**କେନ୍ଦ୍ରାପଡ଼ା, (ଇଏନ୍ଏସ୍) :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କୁ ଏମାନେ ବିଭିନ୍ନ ବାହାନା ତଥା ଉତ୍ତମ ଓ ସ୍ୱଳ୍ପ ମୂଲ୍ୟରେ ଚିକିତ୍ସାର ଆଳ ଦେଖାଇ ସିଧାସଳଖ ସ୍ଥାନୀୟ ନର୍ସିଂହୋମକୁ ପଠାଉଥିବାର ଜଣାଯାଏ। ସୂଚନାଯୋଗ୍ୟ ଯେ, ଏ ସମ୍ପର୍କିତ ଖବର 'ଏକମାତ୍ର'ରେ ପ୍ରକାଶ ପାଇଥିଲା। ଯାହାର ସତ୍ୟତା ପ୍ରମାଣିତ ହୋଇଛି। ପ୍ରକାଶଥାଉ କି, ଗତ ୨୩ ତାରିଖରେ ପୌରସଂସ୍ଥା ଅନ୍ତର୍ଗତ ୬ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଚାନ୍ଦିନୀ ସେଠୀଙ୍କ ଗର୍ଭଯନ୍ତ୍ରଣା ହେତୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହାପରେ ୨୪ ତାରିଖ ସକାଳେ ତାଙ୍କ ସ୍ୱାମୀଙ୍କୁ ହସ୍ପିଟାଲରେ ଦାୟିତ୍ୱରେ ଥିବା ଷ୍ଟାଫ୍‌ନର୍ସ କହିଥିଲେ ଯେ, ସାଧାରଣ ପ୍ରସବ ହେବ। କିନ୍ତୁ ଏହାର ପରଦିନ ଅର୍ଥାତ ୨୫ ତାରିଖ ସକାଳେ ଉକ୍ତ ଷ୍ଟାଫନର୍ସ ଜଣକ ପୁଣି ମତ ବଦଳାଇ କହିଥିଲେ ଯେ, ଆଉ ସାଧାରଣ ପ୍ରସବ ନୁହେଁ ଅସ୍ତ୍ରୋପଚାର ତୁରନ୍ତ ଦରକାର। ଏଥିନେଇ ସମ୍ପୃକ୍ତ ଷ୍ଟାଫ୍‌ନର୍ସ ଜଣକ ମହିଳାଙ୍କ ସ୍ୱାମୀଙ୍କୁ କହିଥିଲେ ଯେ, ଅପରେସନ ପାଇଁ ୫ ହଜାର ଟଙ୍କା ଖର୍ଚ୍ଚ ହେବ। ଟଙ୍କା ନ ଦେଲେ କଟକ ବଡ ମେଡିକାଲକୁ ରେଫର କରିଦିଆଯିବ ବୋଲି ମଧ୍ୟ କହିଥିଲେ। ଏଭଳି ସ୍ଥିତିରେ ଗର୍ଭବତୀ ମହିଳା ଜଣକ ଉପାୟ ନପାଇ ଏକ ଘରୋଇ ନର୍ସିଂହୋମକୁ ଚାଲି ଯାଇଥିଲେ। କିଛି ସମୟ ପରେ ଗର୍ଭବତୀ ଜଣକ ସେଠାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ହେଲେ ନର୍ସିଂହୋମ କର୍ତ୍ତୃପକ୍ଷ ମଧ୍ୟ କିଛି କମ୍ ନଥିଲେ। ସେମାନେ ପ୍ରସବ ବାବଦକୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏଥିରେ ମହିଳାଙ୍କ ସ୍ୱାମୀ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଏଭଳି ସ୍ଥିତିରେ ଖବର ବାହାରେ ପ୍ରଚାର ହେବା ପରେ ପୌର ପରିଷଦର ପାଖାପାଖି ୨୫ ଜଣ ପୂର୍ବତନ କାଉନସିଲରଙ୍କ ସମେତ କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ, ଯୁବ ବିଜେଡି ନେତା ରାଜେଶ ପଣ୍ଡା, ନଗର ବିଜେଡି ସଭାପତି ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ବିଜେଡି ନେତା ଓ ସାମାଜିକ କର୍ମୀ ଡାକ୍ତରଖାନା ଘେରାଉ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏତାଦୃଶ କାର୍ଯ୍ୟକୁ ସମସ୍ତେ ନିନ୍ଦା କରିବା ସହିତ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା ସମ୍ପର୍କରେ ମତ ରଖିଥିଲେ। ତେବେ ସାଧାରଣରେ ପ୍ରଶ୍ନଉଠେ ଯେ, ଘରୋଇ ଚିକିତ୍ସାଳୟରେ ସାଧାରଣ ପ୍ରସବ ହେଉଥିଲା ବେଳେ ସରକାରୀ ହସ୍ପିଟାଲରେ ଏଥିପାଇଁ ଅସ୍ତ୍ରୋପଚାରର ଆବଶ୍ୟକତା ହେଉଛି କାହିଁକି। ଯାହା ଜଣାପଡେ ଜିଲ୍ଲା ଚିକିତ୍ସାଳୟରେ ଡାକ୍ତର, ଷ୍ଟାଫ୍‌ନର୍ସ, ଆଶାକର୍ମୀ ଓ ଦଲାଲମାନେ ମିଳିତ ହୋଇ ରୋଗୀଙ୍କୁ ଶୋଷଣ କରିବାରେ ଲାଗି ପଡିଛନ୍ତି। କନସା ନାମକ ଡାକ୍ତର ଏହି ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ବୋଲି ଚର୍ଚ୍ଚା ହେଉଛି। ଏଭଳି ଡାକ୍ତରଙ୍କ ଲାଞ୍ଚଖୋର ମନୋବୃତ୍ତି ବିରୁଦ୍ଧରେ ଆଗାମୀ ଦିନରେ ଆବଶ୍ୟକ ପଡିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଜଣାପଡିଛି।

# ରାଜ୍ୟରେ ନଗଡ଼ା ଭଳି ଅନେକ ଗାଁ : ବିଜେପି

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଜାତୀୟ ପୁଷ୍ଟି ମିଶନ ଓଡିଶା ଭଳି ଏକ ଅପପୁଷ୍ଟି ସମସ୍ୟାରେ ଜର୍ଜରିତ ରାଜ୍ୟ ପାଇଁ ବରଦାନ ସଦୃଶ୍ୟ ହେବ ବୋଲି ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି ଯେ ଓଡିଶାରେ ନଗଡା ଭଳି ଅନେକ ଗାଁରେ ମା' ଓ ଶିଶୁମାନେ ଆଜି ଅପପୁଷ୍ଟିରେ ଶିକାର, ଅନେକ ଗର୍ଭବତୀ ମହିଳା ମାନେ ରକ୍ତହୀନତାରେ ଶିକାର, ସେହିଭଳି ପରିବାର ମାନଙ୍କୁ ଜାତୀୟ ପୁଷ୍ଟି ମିଶନ ଅପପୁଷ୍ଟିର କରାଳ ଗ୍ରାସରୁ ରୋକି ପାରିବ। ଶ୍ରୀମତୀ ପରିଡା କହିଛନ୍ତି ଯେ କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତତ୍ୱାବଧାନରେ ହୋଇଥିବା ଏହି ମିଶନରେ ୩ ବର୍ଷରେ ସାରା ଦେଶରେ ମୋଟ ୯୦୪୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ଯାହା ଆଗରୁ କେଉଁ ସରକାର ସମୟରେ କେବେ ବି ହୋଇନଥିଲା। ମହିଳା ଓ ଶିଶୁ ମାନଙ୍କର ବିକାଶ ମୋଦି ସରକାରଙ୍କର ପ୍ରାଥମିକତାରେ ଅଛି ଏବଂ ଓଡିଶାକୁ ଏହି ଅର୍ଥର ଏକ ସିଂହଭାଗ ମିଳିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ସେ କହିଛନ୍ତି କି ଏହି ଯୋଜନା ଓଡିଶା ପାଇଁ ସବୁଠାରି ବେଶି ଗୁରୁତ୍ୱ ବହନ କରେ। ସେହିପରି ରାଜ୍ୟ ସରକାରଙ୍କର ଅପାରଗତା କାରଣରୁ ଆଜି ରାଜ୍ୟରେ ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାର ଓ ଅପପୃଷ୍ଟିରେ ସାରା ଭାରତରେ ନିନ୍ଦିତ ବୋଲି ଶ୍ରୀମତି ପରିଡା କହିଛନ୍ତି। ସେ କହିଛନ୍ତି କି ରାଜ୍ୟରେ ଏକ ଲକ୍ଷ ଗର୍ଭବତୀ ମାଙ୍କ ମଧ୍ୟରୁ ୨୨୨ ମା ଜଣ ମୃତ୍ୟୁ ବରଣ କରୁଛନ୍ତି ,ଯାହା ରାଜ୍ୟର ଦୁସ୍ଥ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସ୍ୱଷ୍ଟ ପ୍ରମାଣିତ କରୁଛି। ରାଜ୍ୟରେ ପ୍ରତି ହଜାରେ ଜଣରେ ୪୦ ଜଣ ଶିଶୁ ମୃତ୍ୟୁ ବରଣ କରନ୍ତି। ଶ୍ରୀମତୀ ପରିଡା କହିଛନ୍ତି ରାଜ୍ୟ ସରକାର ନିଜେ ବିଧାନସଭାରେ ମାନିଛନ୍ତି କି ରାଜ୍ୟର ୮ ଲକ୍ଷ ୩୯ ହଜାର ୨୮୫ ଜଣ ଶିଶୁ ପୁଷ୍ଟିହୀନତାର ଶୀକାର ଯାହା ରାଜ୍ୟର ମୋଟ ଶିଶୁ ସଂଖ୍ୟାର ୨୨ ପ୍ରତିଶତ। ସେହିପରି ରାଜ୍ୟରେ ୪୫ ହଜାର ୫୩୬ ଜଣ ଶିଶୁ ଅତି ପୁଷ୍ଟିହୀନତାର ଶୀକାର ଅଛନ୍ତି। ଶିଶୁ ହିଁ ଆଗାମି ଦିନର ଭବିଷ୍ୟତ। ସୁସ୍ଥ ଶିଶୁ ହିଁ ସୁସ୍ଥ ଭାରତର ନିର୍ମାଣ କରିପାରିବ। କେନ୍ଦ୍ର ସରକାରଙ୍କର ଏହି ମିଶନ ଆଗାମି ଦିନରେ ଓଡିଶାକୁ ଅପପୁଷ୍ଟିର ସମସ୍ୟାରୁ ମୁକ୍ତି କରିପାରିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ଅଦିନିଆ ବର୍ଷାରେ ଫସଲହାନୀ

# ୩୬୪.୭୪ କୋଟିର ଇନ୍‌ପୁଟ୍ ରିଆତି



**ଭୁବନେଶ୍ୱର :** ମରୁଡ଼ି ଓ ଚକଡ଼ା ପୋକ ପରେ ଅଦିନିଆ ବର୍ଷାରେ ଫସଲ କ୍ଷୟକ୍ଷତି ପାଇଁ ରାଜ୍ୟ ସରକାର ୩୬୪.୭୭ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଅଦିନିଆ ବର୍ଷାରେ ପ୍ରଭାବିତ ୧୯ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ପରିମାଣର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯାଇଛି। ପ୍ରଚଳିତ ଗାଇଡ୍‌ଲାଇନ୍ ଆଧାରରେ ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ବଣ୍ଟନ କରିବା ପାଇଁ ବୁଧବାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅଦିନିଆ ବର୍ଷାରେ ଫସଲ କ୍ଷତିର ଚୂଡ଼ାନ୍ତ ଆକଳନ ପରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ୧୯ଟି ଜିଲ୍ଲାର ୧୩୩ଟି ବ୍ଲକ୍‌ର ୨୪୬୦ଟି ପଞ୍ଚାୟତର ୧୪,୭୨୦ଟି ଗାଁ ଏବଂ ୩୮ଟି ସହରାଞ୍ଚଳର ୨୫୭ଟି ୱାର୍ଡରେ ମୋଟ୍ ୪ଲକ୍ଷ ୭ହଜାର ୧୦୦ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଦର୍ଶାଯାଇଛି। ପ୍ରଭାବିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ୍ ଓ ୧୫ଟି ପୌରାଞ୍ଚଳର ସର୍ବାଧିକ ୯୭,୨୩୩ ହେକ୍ଟର ଜମି ଏବଂ କେନ୍ଦ୍ରାପଡ଼ାର ୪ଟି ବ୍ଲକ୍ ଓ ଗୋଟିଏ ପୌରାଞ୍ଚଳର ୭୬,୩୪୫ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ଏହି ଦୁଇ ଜିଲ୍ଲାର ଫସଲ ନଷ୍ଟ ପାଇଁ ଯଥାକ୍ରମେ ୧୧୧.୯୭ କୋଟି ଓ ୫୮.୦୪ କୋଟି ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଘୋଷଣା ହୋଇଛି। ସେହିପରି ପୁରୀର ୧୧ଟି ବ୍ଲକ୍ ଓ ୩ଟି ପୌରାଞ୍ଚଳର କ୍ଷତିଗ୍ରସ୍ତ ୩୯,୩୫୨ ହେକ୍ଟର ଜମି ନିମନ୍ତେ ୩୭.୫୨ କୋଟି ଟଙ୍କା, ଖୋର୍ଦ୍ଧାର ୪୧,୮୨୯ ହେକ୍ଟର ଜମିକୁ ୩୨.୨୬ କୋଟି ଟଙ୍କା, ଯାଜପୁରର ୫୨,୦୯୨ ହେକ୍ଟର ଜମି ପାଇଁ ୪୧.୭୭ କୋଟି ଟଙ୍କା, ଭଦ୍ରକର ୩୦,୯୮୩ ହେକ୍ଟର୍ ଜମିକୁ ୨୮.୩୭ କୋଟି, ନୟାଗଡ଼ର ୨୪,୭୯୨ ହେକ୍ଟର ଜମି ପାଇଁ ୨୦.୦୮ କୋଟି, ମୟୂରଭଞ୍ଜର ୧୭ଟି ବ୍ଲକ୍ ଓ ଗୋଟିଏ ପୌରାଞ୍ଚଳର କ୍ଷତିଗ୍ରସ୍ତ ୨୦,୭୪୨ ହେକ୍ଟର ଜମିର ଫସଲ ନଷ୍ଟ ପାଇଁ ୧୪.୬୨ କୋଟି ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା ହୋଇଛି। ପ୍ରଚଳିତ ଗାଇଡ୍‌ଲାଇନ୍ ଅନୁସାରେ ୩୩%ରୁ ଊର୍ଦ୍ଧ୍ୱ ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ ଜଳସେଚିତ ଜମି ବାବଦରେ ହେକ୍ଟର ପିଛା ୧୩,୫୦୦ଟଙ୍କା ଓ ଅଣଜଳସେଚିତ ଜମି ପାଇଁ ୬,୮୦୦ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବାଧିକ ୨ ହେକ୍ଟର ଫସଲ ପାଇଁ ଚାଷୀଙ୍କୁ ଏହି ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ନଭେମ୍ବର ୧୫ରୁ ୨୦ତାରିଖ ମଧ୍ୟରେ ଅଦିନିଆ ବର୍ଷାରେ ରାଜ୍ୟର ୧୯ଟି ଜିଲ୍ଲା ଯଥା-ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ ଓ ରାୟଗଡ଼ା ଜିଲ୍ଲାରେ ଫସଲ ନଷ୍ଟ ହୋଇଛି। ପୂର୍ବରୁ ରାଜ୍ୟ ସରକାର ୧୫ଟି ଜିଲ୍ଲାରେ ମରୁଡ଼ିରେ ୩.୧୭ଲକ୍ଷ ହେକ୍ଟର ଫସଲ ନଷ୍ଟ ପାଇଁ ୨୧୬ କୋଟି ଟଙ୍କାର ପ୍ୟାକେଜ୍ ଓ ଓ ୨୪ଟି ଜିଲ୍ଲାରେ ଚକଡ଼ା ପୋକ ସଂକ୍ରମଣରେ ୧.୨୮ଲକ୍ଷ ହେକ୍ଟର ଫସଲ ନଷ୍ଟ ନିମନ୍ତେ ୧୩୭ କୋଟି ଟଙ୍କାର ଇନ୍‌ପୁଟ୍ ପ୍ୟାକେଜ୍ ଘୋଷଣା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପକୁ ସ୍ୱାଗତ

# ରାଜ୍ୟ ଅଣ-ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓ ଓଡ଼ିଶା ଅମଲା ସଂଘର କୃତଜ୍ଞତା



**ଭୁବନେଶ୍ୱର :** ଜିଲ୍ଲାସ୍ତରୀୟ ଅମଲାମାନଙ୍କ ସର୍ବନିମ୍ନ ଯୋଗ୍ୟତା ସ୍ନାତକ କରାଯିବା ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ରାଜ୍ୟ ଅଣ-ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓ ଓଡ଼ିଶା ଅମଲା ସଂଘର ନେତୃବୃନ୍ଦ ଏବଂ ସଦସ୍ୟମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବ୍ଲକ ଠାରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ନିୟୋଜିତ ଅମଲାମାନଙ୍କ ନିଯୁକ୍ତି କ୍ଷେତ୍ରରେ ସର୍ବନିମ୍ନ ସ୍ନାତକ (ଗ୍ରାଜୁଏସନ୍) ଯୋଗ୍ୟତା ପ୍ରଣୟନ କରି ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ଗ୍ରାମାଞ୍ଚଳର ସ୍ନାତକ ଯୋଗ୍ୟତାଧାରୀ ବେକାର ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି ବୋଲି ଆଜି ରାଜ୍ୟ ଅଣ-ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ସଂପାଦକ ବ୍ରଜକିଶୋର ନନ୍ଦ ଓ ଓଡ଼ିଶା ଅମଲା ସଂଘର ସାଧାରଣ ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଶ୍ରୀ ନନ୍ଦ ଓ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଗ୍ରାମାଞ୍ଚଳରେ ଶିକ୍ଷା ଲାଭ କରି ଗ୍ରାମାଞ୍ଚଳର ଉନ୍ନତି ଦିଗରେ କାର୍ଯ୍ୟ କରିବାର ଯେଉଁ ସ୍ୱପ୍ନ ଦୀର୍ଘଦିନ ଧରି ସମାଜର ସବୁବର୍ଗର ଶିକ୍ଷିତ ଯୁବକଯୁବତୀଙ୍କ ମଧ୍ୟରେ ଉଙ୍କି ମାରୁଥିଲା, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସଂପନ୍ନ ନିଷ୍ପତ୍ତି ଫଳରେ ତାହା ଆଜି ସମ୍ଭବ ହୋଇଛି। ସ୍ନାତକ ପ୍ରାର୍ଥୀଙ୍କ ପାଇଁ ପଞ୍ଚାୟତ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସମ୍ମାନଜନକ ସରକାରୀ ପଦପଦବୀ ଅଭାବ ହେଉଥିବା ପରିପ୍ରେକ୍ଷୀରେ କଲେଜ୍‌ମାନଙ୍କରେ ନିର୍ଦ୍ଧାରିତ ପାଠ୍ୟକ୍ରମରେ ସ୍ଥାନ ପୂରଣ ହୋଇପାରୁନଥିଲା। ଏହିଭଳି ଏକ ଯୁଗାନ୍ତକାରୀ ନିଷ୍ପତ୍ତିରେ ରାଜ୍ୟରେ ବ୍ୟାପକ ଭାବେ ଶିକ୍ଷାର ପ୍ରସାର ହୋଇଥିବାର ପ୍ରମାଣ ଦେଉଥିବା ବେଳେ 'ସହର ଆସୁ ଗାଁକୁ' ପରିକଳ୍ପନାର ପ୍ରାସଂଗିକତାକୁ ପ୍ରତିଫଳିତ କରୁଛି। ଖଣ୍ଡିତ ବିଚାରଧାରା ନେଇ ସମାଜର ବିକାଶ ସମ୍ଭବ ନୁହେଁ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଦିଗ୍‌ଦର୍ଶନ ଯୋଗାଇଛି। ଆଦିବାସୀ, ହରିଜନ, ଆର୍ଥିକ ଶ୍ରେଣୀ ଭୁକ୍ତ ଦୁର୍ବଳ ଶ୍ରେଣୀର ବେକାର ଯୁବକଯୁବତୀ ଏହିଭଳି ଏକ ପରିପକ୍ୱ ନିଷ୍ପତ୍ତିରେ ଲାଭବାନ ହେବା ସ୍ୱାଭାବିକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହିଭଳି ବିକାଶମୁଖି ଦାବି ଦୀର୍ଘ ୫ଦଶନ୍ଧି ଧରି ରାଜ୍ୟ ଅଣ-ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓ ଓଡ଼ିଶା ଅମଲା ସଂଘ ସେମାନଙ୍କର ପ୍ରଥମ ଦାବି ଭାବେ ଉପସ୍ଥାପିତ କରିଆସୁଥିଲେ ମଧ୍ୟ ସଫଳତା ହାସଲ କରିବାର ଶ୍ରେୟ ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପରିଷଦର ମାନ୍ୟଗଣ୍ୟ ସଦସ୍ୟ, ବିଧାନସଭାର ମାନ୍ୟବର ସଦସ୍ୟ ଓ ମୁଖ୍ୟ ଶାସନ ସଚିବଙ୍କୁ ଶ୍ରୀ ନନ୍ଦ ଓ ଶ୍ରୀ ତ୍ରିପାଠୀ ଅକୁଣ୍ଠଚିତ୍ତରେ ପ୍ରଦାନ କରିଛନ୍ତି ଓ ଆଶା କରିଛନ୍ତି ଯେ ଏହି ନିଷ୍ପତ୍ତିଟି ବିକାଶର ଗରୁଡ଼ ଖୁମ୍ବ ଭାବେ ସର୍ବଦା ବିକାଶିତ ହୋଇ ଆଗକୁ ଆଗ ବିସ୍ତାରିତ ହେବ।

# ୧୦ଟି ପାର୍କର ବିକାଶ କରିବ ବିଏମ୍‌ସି

**ଭୁବନେଶ୍ୱର :** ରାଜଧାନୀରେ ୧୦ଟି ପାର୍କର ବିକାଶ କରିବ ବିଏମ୍‌ସି। ଅମୃତ ମିଶନ ଯୋଜନାରେ ଏହି ୧୦ଟି ପାର୍କର ବିକାଶ କରାଯିବ। ଏଥିପାଇଁ ସମୁଦାୟ ୩ କୋଟି ଟଙ୍କାର ଟେଣ୍ଡର୍ ପ୍ରଦାନ କରାଯାଇଛି। ୭ଟି ପାର୍କ ପାଇଁ ଠିକାଦାର ଶୁଭେନ୍ଦୁ ମହାନ୍ତିଙ୍କ ୨ କୋଟି ୪୮ ଲକ୍ଷ ୬୧ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ପାର୍କଗୁଡ଼ିକ ମଧ୍ୟରେ ନିଳାଦ୍ରୀବିହାର ପାର୍କ, ରେଣ୍ଟାଲ୍ କଲୋନୀ ପାର୍କ, ମୈତ୍ରୀ ବିହାର ପାର୍କ, ବରମୁଣ୍ଡା ସେନ୍‌ସସ୍ କଲୋନି ପାର୍କ, ଚନ୍ଦ୍ରଶେଖରପୁର ବିଡିଏ ପାର୍କ, ଇଡବ୍ଲ୍ୟୁଏସ୍ କଲୋନି ଓ ଭରତପୁର ପାର୍କ ଅନ୍ତର୍ଭୁକ୍ତ। ସେହିପରି ଲକ୍ଷ୍ମୀସାଗର ସନ୍ତୋଷୀ ବିହାର, ବଡ଼ଗଡ ବ୍ରିଟ୍ କଲୋନି ଓ ପୋଖରୀପୁଟ ପାର୍କ ପାଇଁ ୭୬ ଲକ୍ଷ ୫୨ହଜାର ଟଙ୍କା ବିନିଯୋଗ ହେବ। ଠିକାଦାର କାଜଲ୍ ପଟ୍ଟ ନାୟକଙ୍କୁ ଏହି ତିନିଟି ପାର୍କର ବିକାଶ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି।

# ରାଷ୍ଟ୍ର ଉଦ୍ଦେଶ୍ୟରେ ତୈଳ ଟର୍ମିନାଲ ଲୋକାର୍ପିତ

## ସ୍ୱୟଂଚାଳିତ ବ୍ୟବସ୍ଥା ଜରିଆରେ ଇନ୍ଧନ ଯୋଗାଣ



**ଝାରସୁଗୁଡା :** ପୂର୍ବ ଭାରତରେ ଓଡିଶା ଏବଂ ଝାରସୁଗୁଡା ଜିଲ୍ଲାରେ ଅପାର ସମ୍ଭାବନା ଅଛି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବ ଭାରତ ବିକାଶ ପ୍ରାଥମିକତାରେ ଏହି ଜିଲ୍ଲା ସମ୍ପୂର୍ଣ ପୂର୍ବ ଭାରତର ବିକାଶରେ ଏକ ପ୍ରମୁଖ ଅଂଚଳ ହୋଇ ପାରିବ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଝାରସୁଗୁଡା ଠାରେ ରାଷ୍ଟ୍ରାୟତ ଉଦ୍ୟୋଗ ଇଣ୍ଡିଆନ ଅଏଲ ଟର୍ମିନାଲ ସମେତ ପାରାଦୀପ- ରାୟପୁର- ରାଞ୍ଚି ପାଇପଲାଇନ, ଜଟଣୀର ପରିବର୍ଧିତ ତଥା ଝାଡଖଣ୍ଡର ରାଞ୍ଚି ଅଏଲ ଟର୍ମିନାଲ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେହିପରି ସେ ଆହୁରି କରିଥିଲେ ଯେ, ପେଟ୍ରୋଲ, ଡିଜେଲ ଓ କିରୋସିନ ସଡକ ମାର୍ଗରେ ପରିବହନ ପରିବର୍ତ୍ତେ ଏହି ପାଇପଲାଇନ ଯୋଗେ ସହଜରେ ଓ କମ ଖର୍ଚ୍ଚରେ ପରିବହନ ହେବ। ବିକାଶର ପ୍ରମୁଖ ମାପଦଣ୍ଡ ମଧ୍ୟରେ ଶକ୍ତିର ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି। ଝାରସୁଗୁଡା ଠାରେ ଏହି ଟର୍ମିନାଲକୁ ପାରାଦୀପ -ରାୟପୁର-ରାଞ୍ଚି ପାଇପଲାଇନ ଦ୍ୱାରା ସଂଯୁକ୍ତ କରାଯିବା କାରଣ ଓଡିଶାର ସମ୍ପୂର୍ଣ ପଶ୍ଚିମାଞ୍ଚଳରେ ନିରନ୍ତର ଓ କମ ମୂଲ୍ୟରେ ଇନ୍ଧନ ଯୋଗାଣ ସୁଗମ ହେବ। ଖୁବଶୀଘ୍ର ଏଚପିସିଏଲ ଓ ବିପିସିଏଲ ଦ୍ୱାରା ଆଉ ଗୋଟିଏ ଅଏଲ ଟର୍ମିନାଲ ଝାରସୁଗୁଡା ଜିଲ୍ଲାରେ ପ୍ରତିଷ୍ଠା ହେବ। ୨୮୦୦ କୋଟି ଟଙ୍କା ବ୍ୟୟରେ ପାଇପଲାଇନ ଓ ଟର୍ମିନାଲରେ ଖର୍ଚ୍ଚ ହେଉଥିବା ବେଳେ କେବଳ ଝାରସୁଗୁଡା ଟର୍ମିନାଲ ପ୍ରକଳ୍ପରେ ୧୪୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପାରାଦୀପ ପରିବର୍ତ୍ତେ ଝାରସୁଗୁଡାରୁ ଟ୍ରକ ଯୋଗେ ଓଡିଶାର ପଶ୍ଚିମାଞ୍ଚଳ ଜିଲ୍ଲାକୁ ପେଟ୍ରୋଲ, ଡିଜେଲ ଓ କିରୋସିନ ଯିବ। ଏହାଦ୍ୱାରା ସ୍ଥାନୀୟ ସ୍ତରରେ ଲୋକ ମାନେ ବ୍ୟବସାୟ ଓ ନିଯୁକ୍ତି ସୁଯୋଗ ପାଇବା ସହ ସ୍ଥାନୀୟ ଅର୍ଥନୀତି ପାଇଁ ଏହା ଦୃଢ ସହାୟକ ହେବ। ପୂର୍ବ ଭାରତରେ ଯିବାକୁ ଥିବା ନ୍ୟାଚୁରାଲ ଗ୍ୟାସ ପାଇପଲାଇନ ଉତର ପ୍ରଦେଶର ଫୁଲପୁର ଠାରୁ ବାହାରି ବିହାର, ଝାରଖଣ୍ଡ, ପଶ୍ଚିମବଙ୍ଗ ଓ ଓଡିଶା ସମେତ ରାଜ୍ୟ ଦେଇ ଯିବା ବେଳେ ଝାରସୁଗୁଡା ଜିଲ୍ଲା ମଧ୍ୟ ଏଥିରେ ସଂଯୁକ୍ତ ରହିବ। ପାଇପ ଯୋଗେ ଘରକୁ ପାଣି ଆସିବା ପରି ଘର ଘରକୁ ଶସ୍ତା ମୂଲ୍ୟରେ ରୋଷେଇ ଘରେ ଗ୍ୟାସ ପହଞ୍ଚା ଯିବ। ଝାରସୁଗୁଡାକୁ ପୂର୍ବରୁ ସାଂସଦ ଭାବରେ ପ୍ରତିନିଧିତ୍ୱ କରି ଝାରସୁଗୁଡାର ବିକାଶ ପାଇଁ ସାମିଲ ରହିଛନ୍ତି। ଝାରସୁଗୁଡାରେ ନୂଆ ରେଳ ଡିଭିଜନ ଦାବି ପରିପ୍ରେକ୍ଷୀରେ ଓଡିଶାର ଯେଉଁ ଯେଉଁ ଅଂଚଳ ପୂର୍ବ ତଟ ରେଳ ଜୋନ ବାହାରେ ରହିଛନ୍ତି ସେ ଅଞ୍ଚଳକୁ ନେଇ ଓଡିଶାରେ ନୂଆ ରେଳ ଜୋନ ଖୋଲିବା ସପକ୍ଷରେ ମତ ଦେଇଥିଲେ। ଖୁବ୍‌ଶୀଘ୍ର ଝାରସୁଗୁଡା ଠାରେ ଏୟାରପୋର୍ଟ ଲୋକାର୍ପଣ ପାଇଁ ସେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୋଦି ସରକାରଙ୍କର ବିକାଶ ମୂଳକ ଯୋଜନାର ହିସାବ ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ମୋଦି ସରକାର ଆସିବା ବେଳେ ରାଜ୍ୟରେ ମୋଟ କୋଟିଏ ଘରୁ ୨୦ ଲକ୍ଷ ଘରେ ଏଲପିଜି ପହଞ୍ଚିଥିବା ବେଳେ ଏବେ ଏହି ସଂଖ୍ୟା ୫୫ ଲକ୍ଷରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ରାଜ୍ୟରେ ୧୭ ଲକ୍ଷ ମାଗଣା ଏଲପିଜି ସଂଯୋଗ ଯୋଗାଇ ଦିଆ ଯାଇଛି। ୨୦୧୭ ଶେଷ ସୁଦ୍ଧା ଆଉ ଗୋଟିଏ ମାସରେ ସବୁ ଗାଁରେ ବିଜୁଳି ପହଞ୍ଚିବାକୁ ଲକ୍ଷ୍ୟ ରଖା ଯାଇଥିବା ବେଳେ ୨୦୧୮ ମସିହା ଶେଷ ସୁଦ୍ଧା ସବୁ ଘରେ ବିଜୁଳି ପହଞ୍ଚା ଯିବାର ଯୋଜନା ତିଆରି କରା ଯାଇଛି। ଓଡିଶାରେ ଆଜି ଦିନରେ ୩୦-୩୫ ଲକ୍ଷ ଘରେ ବିଜୁଳି ପହଞ୍ଚି ନ ଥିବା ପରିପ୍ରେକ୍ଷୀରେ ସବୁ ଘରେ ବିଜୁଳି ପହଞ୍ଚିବ ବୋଲି ମୋଦି ସରକାର ବ୍ୟୟବରାଦ କରିଛନ୍ତି। ସ୍ୱାଧୀନତାର ୭୦ ବର୍ଷ ପରେ ଘରେ ପାଇଖାନା ନ ଥିବା କାରଣରୁ ସୂର୍ଯ୍ୟାସ୍ତ ପରେ ହିଁ ମହିଳା ମାନେ ଶୌଚ ହେବା ପାଇଁ ବାହାରୁ ଥିଲେ। ମୋଦି ଗରୀବ ଘରୁ ଆସିଥିବା କାରଣରୁ ଚୁଲି ଧୂଆଁରୁ ମୁକ୍ତି ହେଉ ବା ଘରେ ଶୌଚାଳୟ ପରି ଯୋଜନା ପ୍ରବର୍ତ୍ତନ କରିଛନ୍ତି। ମୋଦିଙ୍କ ଗରୀବ କଲ୍ୟାଣ ଯୋଜନା ଯୋଗୁ ଜନତାର ପ୍ରିୟ ହୋଇଛନ୍ତି। ଝାରସୁଗୁଡା ଜିଲ୍ଲାରେ ସରକାର ଓ କମ୍ପାନୀ ମାନଙ୍କ ସହଯୋଗରେ ମେଡିକାଲ କଲେଜ ଓ ସୁପର ସ୍ପେଶାଲିଟି ହସପିଟାଲ କାହିଁକି ଖୋଲା ଯାଇ ପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଝାରସୁଗୁଡା ଜିଲ୍ଲାର ବିକାଶ ପାଇଁ ସାଂସଦ ଓ ଝାରସୁଗୁଡା ଓ ବ୍ରଜରାଜନଗରର ବିଧାୟକଙ୍କ ସହ ମିଶି ଦିଲ୍ଲୀରେ ଯୋଜନା ପ୍ରସ୍ତୁତ କରିବା ପାଇଁ ଦିଲ୍ଲୀ ଆସିବା ପାଇଁ ଶ୍ରୀ ପ୍ରଧାନ ନିମନ୍ତ୍ରଣ ଜଣାଇଥିଲେ।

କାମବାସନା ସହିତ ସମାନ କୌଣସି ରୋଗ
ନାହିଁ, ମୋହ ବା ଇଚ୍ଛା ଠାରୁ ବଳି ଆଉ କେହି
ଶତ୍ରୁ ନାହିଁ, କ୍ରୋଧ ସମାନ ବଳି ନିଆଁ ନାହିଁ,
ଜ୍ଞାନ ଠାରୁ ବଡ କୌଣସି ସୁଖ ନାହିଁ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ..

## ତଦନ୍ତ ଓ ପ୍ରଶ୍ନଚିହ୍ନ

**ରା**ୟଗଡ଼ା ଜିଲ୍ଲାର ଟିକିରି ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନ ହତ୍ୟା ମାମଲାରେ ସିବିଆଇ କ୍ଲୋଜର ରିପୋର୍ଟ ଦାଖଲ କରିବା ପରେ ସିବିଆଇର ତଦନ୍ତ ପ୍ରକ୍ରିୟା ଓ ବିଶ୍ୱସନୀୟତାକୁ ନେଇ ଏବେ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଶର ସର୍ବୋତ୍ତମ ତଦନ୍ତକାରୀ ସଂସ୍ଥା ଯେ ଇତିଶ୍ରୀଙ୍କ ପ୍ରକୃତ ହତ୍ୟାକାରୀର ସନ୍ଧାନ ପାଇଲାନି ଓ ତଦନ୍ତ ବନ୍ଦ କରିଦେଲା ଏହାକୁ କେହି ସହଜରେ ହଜମ କରିପାରୁନାହାନ୍ତି। ଇତିଶ୍ରୀ ମାମଲାରେ ରାଜ୍ୟ ପୋଲିସର ତଦନ୍ତ ପ୍ରକ୍ରିୟାକୁ ହେୟ ମନେକରି ୨୦୧୪ ମସିହାରେ ଲୋକେ ଆଶା ବାନ୍ଧିଥିଲେ ଯେ, ସିବିଆଇ ହିଁ ଏଥିପାଇଁ ଉପଯୁକ୍ତ ତଦନ୍ତକାରୀ ସଂସ୍ଥା। ସେ ହିଁ ଇତିଶ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିପାରିବେ। ହେଲେ ୨୦୧୭ରେ ସିବିଆଇ ଯେଭଳି ଢଙ୍ଗରେ ଏହି ମାମଲାର ତଦନ୍ତରେ ପୂର୍ଣ୍ଣଚ୍ଛେଦ ପକାଇ ଏଥିରୁ ବାହାରିଯିବାକୁ ବନ୍ଦ କରି ହତ୍ୟାକାରୀକୁ ଚିହ୍ନଟ ନକରି ଫାଇଲ କ୍ଲୋଜ କଲା ତାକୁ ନେଇ ନାନା ସନ୍ଦେହ ଉପୁଜିବା ସ୍ୱାଭାବିକ। ଏବେ ପ୍ରଶ୍ନ ଉଠୁଛି, ସିବିଆଇ ପ୍ରକୃତରେ ହାରିଗଲା ନା ମାମଲାରେ ହାରିଯିବାକୁ କିଏ ଏଥିପାଇଁ ପ୍ରବର୍ତ୍ତାଇଲା ? କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ସିବିଆଇ ଯେ, ଇତିଶ୍ରୀ ପ୍ରଧାନଙ୍କୁ ନ୍ୟାୟ ଦେଇପାରିଲା ନାହିଁ ଏକଥା ସାଧାରଣରେ ବିଶ୍ୱାସଯୋଗ୍ୟ ମନେହେଉନାହିଁ।

ଏହି ଘଟଣାର ପ୍ରାରମ୍ଭିକ ଅବସ୍ଥାରେ ପୋଲିସ ଓ ପରେ କ୍ରାଇମ୍‌ବ୍ରାଞ୍ଚ ଇତିଶ୍ରୀ ମାମଲାର ତଦନ୍ତ କରିଥିଲେ। ଏଥିରେ ସଠିକ୍ ଖୋଳତାଡ ନହେବା ନେଇ ସାରା ଓଡ଼ିଶାରେ ବିରୋଧାଭାଷ ପ୍ରକାଶ ପାଇବା ପରେ ସୁପ୍ରିମ୍‌କୋର୍ଟ ଏହାର ସଠିକ୍ ତଦନ୍ତ ପାଇଁ ମାମଲା ସିବିଆଇକୁ ଦେଇଥିଲେ। ସିବିଆଇ ଇତିଶ୍ରୀ ମାମଲାର ତଦନ୍ତଭାର ଗ୍ରହଣ କରିବା ପରେ ଓଡ଼ିଶାର ଲୋକେ ଭାବିଥିଲେ ଯେ, ଇତିଶ୍ରୀକୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ହେଲେ ସିବିଆଇ ତଦନ୍ତରେ କେଉଁ ତ୍ରୁଟି ରହିଲା ଯେ, ଯେଉଁଥିପାଇଁ ଇତିଶ୍ରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଲା, ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ମୃତ୍ୟୁକାଳୀନ ଜମାନବନ୍ଦୀରେ ଇତିଶ୍ରୀ କହିଥିବା ଅଭିଯୁକ୍ତଙ୍କ ନାଁ ଗୁଡିକ ସହିତ ସିବିଆଇର ତଦନ୍ତ ମେଳ ନଖାଇପାରିବା ମଧ୍ୟ ଆହୁରି ଏକ ପ୍ରଶ୍ନବାଚୀ। ଇତିଶ୍ରୀଙ୍କୁ କିରାସିନି ଢାଳି ହତ୍ୟା କରିଥିବା ଅସଲ ଆସାମୀ ତେବେ କ'ଣ ହଜିଗଲା ? ଅଭିଯୁକ୍ତଙ୍କୁ ଧରିବା ପରିବର୍ତ୍ତେ ସିବିଆଇ ଯେଭଳି ଢଙ୍ଗରେ ମାମଲାକୁ ବନ୍ଦ କରିଦେଲା ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ବିଶାଖାପାଟଣା ହସ୍ପିଟାଲରେ ପ୍ରାଣ ହରାଇବା ପୂର୍ବରୁ ଯାହାସବୁ କହିଥିଲା ପୋଲିସ ସେସବୁକୁ ଠିକ୍ ଠିକ୍ ରେକର୍ଡ କରିଥିଲା କି ନା ସେ ସମ୍ପର୍କରେ ସିବିଆଇର ତଦନ୍ତ ସଠିକ୍ ପର୍ଯ୍ୟାୟରେ ପହଞ୍ଚି ପାରିଥିଲା କି ? ଏହି ମାମଲାରେ ସିବିଆଇ କେବଳ ଅଭିଯୁକ୍ତ ସ୍କୁଲ ଏସ୍‌ଆଇ ନେତ୍ରାନନ୍ଦ ଦଣ୍ଡସେନା ପାଖରେ ଅଟକି ରହିଲା। ବାସ୍ତବରେ ଏଭଳି କଳଙ୍କିତ କାଣ୍ଡ ଭିଆଇଥିବା ଅସଲ ନାୟକମାନେ ସାମ୍ନାକୁ ଆସି ନପାରିବା ଅତ୍ୟନ୍ତ ଦୁଃଖଦାୟକ। ସିବିଆଇ ଇତିଶ୍ରୀ ମାମଲାରେ କ୍ଲୋଜର ରିପୋର୍ଟ ଦାଖଲ କରିବା ପରେ ଏହା ପଛରେ ରାଜନୈତିକ ଗନ୍ଧ ରହିଥିବା ଲୋକେ ଅନୁମାନ କରୁଛନ୍ତି। କିଛି ରାଜନୈତିକ ଲୋକଙ୍କ କହିବା କଥା ହେଉଛି ଯେହେତୁ ଜୟରାମ ପାଙ୍ଗୀ ବିଜେପିରେ ଯୋଗଦେଲେ ଏହି ମାମଲା କ୍ଲୋଜ କରିବାକୁ ହୁଏତ ସିବିଆଇ ବାଧ୍ୟ ହୋଇଥାଇପାରେ। ନଚେତ୍ ଇତିଶ୍ରୀ ମାମଲାରେ ପାଙ୍ଗୀଙ୍କ ସମ୍ପୃକ୍ତିକୁ ନେଇ ସେତେବେଳେ ଚାରିଆଡେ ଚର୍ଚ୍ଚା ହୋଇଥିଲା। ସମସ୍ତେ ଭାବିଥିଲେ ଇତିଶ୍ରୀଙ୍କୁ ମାରିଦେବା ପଛରେ ମନ୍ଦ ଉଦ୍ଦେଶ୍ୟ କିମ୍ବା ରାଜନୈତିକ ଚକ୍ରାନ୍ତ ରହିଛି। ପୂର୍ବରୁ ଶାସକ ଦଳରେ ଥିବା ପାଙ୍ଗୀ ଦଳ ପରିବର୍ତ୍ତନ କରି ବିଜେପିରେ ଯୋଗଦାନ ମଧ୍ୟ ଏହାର ଏକ ପ୍ରମୁଖ କାରଣ ବୋଲି କିଛି ଲୋକ ବିଚାର କରୁଛନ୍ତି। ଏସବୁ ସତ୍ତ୍ୱେ ମାମଲାରେ ପୀଡିତାଙ୍କୁ ଉଚିତ୍ ନ୍ୟାୟ ନ ମିଳିବା ବୁଦ୍ଧିଜୀବୀମାନଙ୍କୁ ନିରାଶ କରିଛି। ତେବେ କଥା ଉଠୁଛି ସିବିଆଇ ଦେଶବାସୀଙ୍କୁ ନିରାଶ କଲେ ନିରାଶ ଲୋକ ନ୍ୟାୟ ପାଇଁ ଯିବେ କୁଆଡେ ? ଦେଶରେ ବହୁ ଚର୍ଚ୍ଚିତ ନିର୍ଭୟା ମାମଲାରେ ସିବିଆଇକୁ ଶତପ୍ରତିଶତ ସଫଳତା ମିଳିଥିବା ବେଳେ ଓଡ଼ିଶାରେ ଘଟିଥିବା ଏଭଳି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଅପରାଧୀଙ୍କ ଟେର ସିବିଆଇ ନ ପାଇବା ଆଶ୍ଚର୍ଯ୍ୟାନ୍ୱିତ ମନେହୁଏ। ତେବେ ଇତିଶ୍ରୀ ମାମଲା ବାଦ୍ ଓଡ଼ିଶାରେ ଘଟିଥିବା ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ଘୋଟାଲା ମାମଲାର ତଦନ୍ତଭାର ସିବିଆଇ କରୁଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଏହା ଚାଲିଥିଲେ ବି ଆରମ୍ଭରୁ କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରୁଥିଲା। ଏଥିରେ ଶାସକ ଦଳର କିଛି ରାଜନେତାଙ୍କ ସମ୍ପୃକ୍ତି ଥିବା କଥା ଉଠିବାରୁ ବିରୋଧୀମାନେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ଉଚିତ୍ ମନେ କଲେନାହିଁ। ସ୍ୱର ଉଠିଲା ଯେ, ଏହାର ନିରପେକ୍ଷ ତଦନ୍ତ ସିବିଆଇ କରୁ। କାରଣ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କଲେ କାଳେ ଏଥିରେ ସମ୍ପୃକ୍ତ ଥିବା ଶାସକ ଦଳର କିଛି ନେତା ବା ମନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବା ସହଜ ହେବ। ତେଣୁ ସିବିଆଇ ମାମଲାର ତଦନ୍ତ କଲେ ଅସଲ ତଥ୍ୟ ପଦାକୁ ଆସିବ। ପ୍ରାରମ୍ଭିକ ଅବସ୍ଥାରେ ସିବିଆଇ ମଧ୍ୟ ଏହି ମାମଲାର ତଦନ୍ତ କରିବା ସମୟରେ ବହୁ ହଟଚମଟ ସୃଷ୍ଟି କରିଥିଲା। ସାଧାରଣ ଲୋକେ ଭାବିଲେ ସିବିଆଇର ତଦନ୍ତ ଚିଟ୍‌ଫଣ୍ଡ ଘୋଟଲାର ମୁଖା ଖୋଲିଦେବ ଏବଂ ବହୁ ରାଜନେତା ଏଥିରେ ବଳି ପଡିବେ। ଚିଟ୍‌ଫଣ୍ଡ ଅର୍ଥଖିଆ କିଛି କୁବେର ବର୍ତ୍ତମାନ ଜେଲ୍‌ରେ ଅଛନ୍ତି ଏବଂ ଆଉ କିଛି ଜାମିନ୍‌ରେ ମୁକୁଳି ସାରିଲେଣି। ଏଥିପାଇଁ ରାଜ୍ୟ ସରକାର ଏକ ଚିଟ୍‌ଫଣ୍ଡ ତଦନ୍ତ କମିଶନ ମଧ୍ୟ ଗଠନ କରିଛନ୍ତି। ଦୀର୍ଘବର୍ଷ ହେବ ଏଥିରେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ କ୍ଷତି ଭରଣା କରିବା ପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରୁଥିବା ଆଲୋଚନା ହେଉଥିଲେ ବି ଏଯାବତ୍ କ୍ଷତିଗ୍ରସ୍ତଙ୍କୁ ସଠିକ୍ ଚିହ୍ନଟ ପ୍ରକ୍ରିୟା ସରିନାହିଁ। ତେବେ କ୍ଷତିଗ୍ରସ୍ତମାନେ ଭରସା କରିଥିଲେ ଯେ, ସିବିଆଇ ଏହାର ତଦନ୍ତ କରୁଥିବାରୁ ନିଶ୍ଚୟ ନ୍ୟାୟ ମିଳିବ। ହେଲେ ସମ୍ପ୍ରତି ସିବିଆଇର ଭୂମିକାକୁ ନେଇ ମଧ୍ୟ ଆହୁରି ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେତେବେଳେ କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଥିଲା। ହେଲେ କୌଣସି ଜଣେ ହେଲେ ବଡ ପ୍ରଶାସନିକ ଅଧିକାରୀ ସିବିଆଇ ତଦନ୍ତର ସମ୍ମୁଖୀନ ହୋଇନାହାନ୍ତି।

ଏବେ କଥା ଉଠୁଛି ଇତିଶ୍ରୀକୁ ନ୍ୟାୟ ପ୍ରଦାନ କରିପାରି ନଥିବା ସିବିଆଇ କ'ଣ ଓଡ଼ିଶା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ନ୍ୟାୟ ଦେଇପାରିବ ? ଏଭଳି କିଛି ଆଲୋଚନା ହେବା ଦ୍ୱାରା ଚିଟ୍‌ଫଣ୍ଡ ଜମାକାରୀଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଚିଟ୍‌ଫଣ୍ଡ ମାମଲାରେ ସିବିଆଇର ତଦନ୍ତ କେଉଁ ଦିଗରେ ଗତି କରିବ ତାହା ମଧ୍ୟ ପ୍ରଶ୍ନ ଘେରରେ। ଯେଉଁ ଦେଶରେ ଗୋଟିଏ ଇତିଶ୍ରୀକୁ ନ୍ୟାୟ ମିଳୁନାହିଁ, ସେ ଦେଶରେ ହଜାର ହଜାର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ କିଭଳି ନ୍ୟାୟ ମିଳିପାରିବ ତାହା ସନ୍ଦେହରେ। ଛୋଟ ଛୋଟ ମାମଲାରେ ଅଭିଯୁକ୍ତଙ୍କୁ ତୁରନ୍ତ ଧରାଯାଉଥିବା ବେଳେ ଏତେ ଏତେ ବଡ ମାମଲାରେ ସିବିଆଇର ତଦନ୍ତ ଦିଗହରା ହେଉଛି କାହିଁକି ଏହା ମଧ୍ୟ ବିଶାଳ ପ୍ରଶ୍ନବାଚୀ।

# ଓଡିଆ ଭାଷା ଓ ଆମେ



ଗଜାନନ ମିଶ୍ର

(୨) **ସି**ଧା ସଳଖ କଥାକୁ ଆମେ ଘାଂଟି ଚାଲିଛେ ନିଜ ନିଜ ସ୍ୱାର୍ଥ ସାଧନ କରିବା ଉଦ୍ଦେଶ୍ୟରେ । ଆଉ ନିଜ ସ୍ୱାର୍ଥ ସାଧନ ନ ହୋଇପାରିଲେ ତାଟିଆ କାମୁଡୁଛେ । ସିଧା କଥା ହେଉଛି ଓଡିଶା ଭିତରେ ସବୁ କାର୍ଯ୍ୟ ଓଡିଆ ଭାଷାରେ କରିବା, ଆଉ ଏଥିପାଇଁ ଓଡିଶା ସରକାରୀ ଭାଷା ଆଇନ ୧୯୫୪ ବି ସ୍ପଷ୍ଟ ଭାଷାରେ କହୁଛି, ସବୁ ବା ଯେ କୌଣସି କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ । ଓଡିଶା ରାଜ୍ୟ ସରକାରୀ ବିଜ୍ଞପ୍ତି ନଂ ତା ୬.୬.୧୯୭୨ କହୁଛି ଯେ ଅଧସ୍ତନ ଅଦାଲତର ଭାଷା ହେଉଛି ଓଡିଆ। ଆମେ ସ୍ୱାଧୀନ, ଆମେ ସ୍ୱତନ୍ତ୍ର, ଆମର ମାଲିକ ଆମେ। ସାର୍ବଭୌମ କ୍ଷମତା ରହିଛି ଆମଠି। ମାଟିର ଭାଷାରେ କାମ କରିବାର ସମସ୍ତ ଶକ୍ତି ଆମଠି ଅଛି, ଆମ ଭାଷାଠି ଅଛି । କିନ୍ତୁ ମନ - ଗୋଳିଆ ପାଣିରେ ଆଉ ଯଦି ପାଣି ଗୋଳିଆ ହୋଇ ନି ଗୋଳିଆ କରି ମାଛ ଧରିବା। କେବେ ସଦ୍ ବୁଦ୍ଧି ଆସିବ ଆମର ? ସିଧା କଥା ହେଉଛି ଆଇନ ତିଆରି ହୁଏ ଆଉ ତାହା ପାଳନ କରାଯାଏ ଗଣତାନ୍ତ୍ରିକ ରାଷ୍ଟ୍ରରେ। ଯିଏ ପାଳନ ନ କରେ ସେ ଦଣ୍ଡ ପାଏ । କିନ୍ତୁ ଆମ ରାଜ୍ୟ ଭାଷା ଆଇନରେ ଦଣ୍ଡ ବ୍ୟବସ୍ଥା ନ ଥିବାରୁ ୧୯୫୪ରୁ ଆଜିଯାଏ ପାଳନ ହେଉ ନାହିଁ। ଆମ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ଅଛି ଯେ ଥରେ ରାଜ୍ୟରେ ଭାଷା ଆଇନ ପ୍ରଣୟନ ହୋଇଗଲେ ଆଉ ଇଂରେଜି ବ୍ୟବହାର ହୋଇ ପାରିବ ନାହିଁ । କିନ୍ତୁ ଆମ ରାଜ୍ୟରେ ୧୯୫୪ରୁ ଅଣସାମ୍ବିଧାନିକ କାର୍ଯ୍ୟ ଚାଲିଛି ଆଇନର ବାହାରେ ଥିବା ଭାଷାରେ। କାହାରି ନଜର ନାହିଁ କି ନ ଥିଲା । ଏଥିପାଇଁ ଭାଷା ସଚେତନତା ସକାଶେ ଆମ୍ଭେ ଅନଶନରେ ବସିଥିଲୁ ବି ଦୁଇ ଥର, ଏପ୍ରିଲ ପହିଲା ୨୦୧୫ ଏବଂ ଜୁଲାଇ ୧ ରୁ ଜୁଲାଇ ୮, ୨୦୧୫ଯାଏ ଆମ ଓଡିଶାର ରାଜଧାନୀରେ। କିଛି ନ ହେଲେ ବି ସମସ୍ତଙ୍କ ଭିତରେ ଚେତନା ପଶିଲା ଭଳି ଲାଗିଲା । ସରକାର କିନ୍ତୁ ଭୁଆଁ ବୁଲାଇବାରେ ଲାଗିଗଲେ ଭାଷା କମିଟି ଗଠନ କରି , ଏ ସରକାର କଣ ଲୋକଙ୍କ ଦ୍ୱାରା ନିର୍ବାଚିତ ନୁହନ୍ତି ! ମନ୍ତ୍ରୀଗଣ ତ ମନ୍ତ୍ରୀସ୍ତରୀୟ ବୈଠକ ମାନଙ୍କରେ ମତେ ବାରମ୍ବାର କହୁଥିଲେ ଆମେ ବି ଓଡିଆ ଆଜ୍ଞା, କରିବୁ ଓଡିଆରେ, ବହୁଥର । ଅନଶନ ସ୍ଥଳରେ ବି ସେତେବେଳର ଆଇନ ମନ୍ତ୍ରୀ ସମସ୍ତଙ୍କ ସାମ୍ନାରେ ଖୋଲାଖୋଲି କହିଥିଲେ ଓଡିଆରେ କରିବୁ ସବୁକାମ, ଅନଶନରୁ ଉଠନ୍ତୁ। କିନ୍ତୁ କାହିଁ ? ଏ ଯାଏ କୌଣସି ତହସିଲ, ବ୍ଲକ, ଏପରିକି ବ୍ଲକ ଶିକ୍ଷା ଅଧିକାରୀ ବା ଓଡିଆ ମାଧ୍ୟମ ବିଦ୍ୟାଳୟରେ ବି ଓଡିଆ ଭାଷାର ଚିଠି ପତ୍ର ଦିଶୁ ନି ! କଣ ଦଣ୍ଡ କିଏ ପାଇଛି ଏ ଖିଲାପ ପାଇଁ ? ଓଡିଶା କଣ ଗୋଠ ସଂପତି। ଓଡିଆଙ୍କର କଣ ଓଡିଆ ରକ୍ତ ନାହିଁ, ମାନ ସମ୍ମାନ ନାହିଁ। ନା ବାପା ମା ଠିକ୍ ନାହାନ୍ତି- ପଡୋଶୀ ରାଜ୍ୟର ଜନୈକ ବିଚାରପତି କହିଲା ଭଳି। ତେଣୁ ଭାଷା କମିଟିରୁ ଆମ୍ଭେ (ମୁଁ ଓ ସୁବାସ ପଟ୍ଟନାୟକ) ପଳେଇ ଆସିଲୁଁ । ଭାଷା କମିଟିରୁ ଆସି ଲୋକ ସଚେତନତା ଜାଗ୍ରତ ପାଇଁ କଳା ପତାକା ଅଭିଯାନ ଆରମ୍ଭ ହେଲା ୧୩.୪.୨୦୧୬ରୁ । ଏହା ଥିଲା/ ଏବେବ ବି ଅଛି ସ୍ୱାର୍ଥହୀନ ଭାଷା ପାଇଁ ରାଜ୍ୟ ପାଇଁ ଅନନ୍ୟ ଅତୁଳନୀୟ ଖର୍ଚ୍ଚବିହୀନ ଉଦ୍ୟମ। ଏବେ ଏବେ ରାଜ୍ୟ ସାରା ପ୍ରାୟ ଏହି କଳାପତାକା ଅଭିଯାନ ଚାଲିଛି । ଏହା ହିଁ ରାଜ୍ୟ ସରକାରଙ୍କ କାଳ ଭାବରେ ଉଭା ହେଉଛି । କଳାପତାକା ଅଭିଯାନକୁ ପ୍ରତିହତ କରିବାକୁ ରାଜ୍ୟ ସରକାର ନାନାଦି ଫନ୍ଦିଫିକର କରିବାରେ ଲାଗିଛନ୍ତି । ସଦ୍ୟତମ ଉଦାହରଣ ହେଉଛି ଭାଷା ଆନ୍ଦୋଳନକୁ ଭାଗ ଭାଗ କରିବା ଆଉ ଅଧ୍ୟକ୍ଷ ବା ଆଉ କାହା କାହାକୁ ବିଭିନ୍ନ ଉପାୟରେ ଅପଦସ୍ତରେ ପକାଇବା। ଏହା ରାଜ୍ୟ ପାଇଁ ଅଶେଷ କ୍ଷତି କରିବ ଏମାନଙ୍କୁ ଅଜଣା ନୁହେଁ। ତଥାପି କରିଚାଲିଛନ୍ତି ନିଜ ନିଜ ସ୍ୱାର୍ଥ ସାଧନ ସକାଶେ।

ଓଡିଶା ରାଜ୍ୟର ରାଜଧାନୀରେ ପ୍ରଥମେ ଭାଷା ପାଇଁ ଠୋସ୍ କାର୍ଯ୍ୟ ଆରମ୍ଭ ହେଲା ୨୦୧୦ରେ ଓଡିଆ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟ ମାଧ୍ୟମରେ । ଏହି ଟ୍ରଷ୍ଟ ଗଠନ ହେଲା ପରେ (ପୂର୍ବରୁ ନୁହେଁ) ମୁଁ କେତେଜଣ ଟ୍ରଷ୍ଟର ସଦସ୍ୟ ସହିତ ବିଶେଷ କରି ସୁବ୍ରତ ପୃଷ୍ଟିଙ୍କ ବାଇକରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପାଖକୁ ଯାଉଥିଲୁଁ। ସେ ଭିତରୁ ପଂଚାନନ କାନନଗୋ, କୃଷ୍ଣ ଚରଣ ବେହେରା, ସାତକଡି ହୋତା, ବୈକୁଣ୍ଠନାଥ ସାହୁ ଆଦିଙ୍କ ପାଖକୁ। କିନ୍ତୁ ଯାର ଅର୍ଥ ଏୟା ନ ଥିଲା ଯେ ମୁଁ ଯାହା ପାଖକୁ ଯାଉଥିଲି ସେମାନେ ଆମ ଟ୍ରଷ୍ଟ କାର୍ଯ୍ୟରେ ହସ୍ତକ୍ଷେପ କରିବେ ଓ ବିଭ୍ରାଟ ସୃଷ୍ଟି କରିଦେବେ। ଏକେ ତ ଟ୍ରଷ୍ଟର ଲେଖାରେ ଭୁଲ ଥିଲା। ଦୁଇରେ ଟ୍ରଷ୍ଟ ବାହାରର ଲୋକଙ୍କୁ ଧରି ସୁବ୍ରତ ପୃଷ୍ଟି ନିଜ ମନମୁତାବକ କାର୍ଯ୍ୟ କରୁଥିଲେ ଏଣୁ ଆମେ ଦୂରତା ରକ୍ଷା କରୁଥିଲୁ, କରିବାକୁ ବାଧ୍ୟ ହେଉଥିଲୁଁ। ଯାହା ଆଶଙ୍କା ଥିଲା ତାହା ବି ହେଲା । ୨୩.୧.୨୦୧୧ରେ ଗୋଟିଏ ବୈଠକ ବସିଥିଲା, ମୁଁ ସଭାପତିତ୍ୱ କରିଥିଲି। ଏହି ବୈଠକରେ ଟ୍ରଷ୍ଟ ବାହାରର ବେଶି ଲୋକ ଥିଲେ । ଆମକୁ ଆଉ କିଏ ପଚାରିଲା ସେଠି ? ସ୍ୱର୍ଗତ ଶୁଭକାନ୍ତ ବାବୁ ଆଇ ଏଫ ଏସ ଯାହା କହିଲେ ସେ ହିସାବରେ ସବୁ ଚାଲିଲା କାହିଁକି ନା ମୋଟା ଟଙ୍କା ପାଇବା ଲୋଭ ବି ଥିଲାମନରେ କିଛି ଲୋକଙ୍କର । କୃଷ୍ଣ ଚରଣ ବାବୁ ଯେହେତୁ ଶୁଭକାନ୍ତଙ୍କ ପିତା, ଟଙ୍କା ଆସିଲେ ସୁବିଧା ହେବ ଭାବି ଆମକୁ ପଦବୀରୁ ହଟାଇ ଆଉ ଏକ ବିଶ୍ୱବିଦ୍ୟାଳୟ କମିଟି ଗଠିତ ହେଲା। ଆମ ଟ୍ରଷ୍ଟର ଆନୁଷ୍ଠାନିକ ମତାମତକୁ ନ ଜାଣି ନ ଶୁଣି, ଖାତିର ନ କରି, ଅପେକ୍ଷା ନ କରି। ଆଉ ସେଥିରେ ସେ

କଷ୍ଣ ଚରଣ ବେହେରା ହେଲେ ମୁଖ୍ୟ। ଏଇଟା ଗୋଟିଏ ପ୍ରକାରର ଟ୍ରଷ୍ଟ ହରଣଚାଳ। ଟ୍ରଷ୍ଟ ବାହାରର ଲୋକେ କମିଟିରେ ମୁଖିଆ ହେଲେ ଯେତେବେଳେ ଆମର ଆଉ କି କାମ ? ତେଣୁ ମୁଁ ଆଉ ବିଶେଷ ଗଲି ନାହିଁ ଭୁବନେଶ୍ୱର। ଗୋଟିଏ ଦୃଷ୍ଟିରୁ ଭଲ ହେଲା ଭାବିଲି। କିଛି ଲୋକ ତ ବାହାରିଗଲେ ଓଡିଆ କାମ କରିବାକୁ । ଆମ ଭଳି ଗଡଜାତିଅ, ପଛୁଆ, ପଶ୍ଚିମ ଓଡିଶାର ଲୋକକୁ କିଏ ପଚାରେ ? ଆମେ ତ ମୂର୍ଖ ନା ! ଗୋଟିଏ ଲେଖାରେ ପଂଚାନନ ବାବୁ ପଚାରିଥିଲେ ଗଜାନନ ମିଶ୍ର ଆଉ କାହିଁକି ଆସିଲେ ନାହିଁ । ଏଠାରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଟ୍ରଷ୍ଟ ଅଲଗା । କମିଟି ଅଲଗା । ଆଉ ମୋର ବିଶ୍ୱାସ ଆସୁ ନ ଥିଲା କମିଟିର କାର୍ଯ୍ୟଧାରା ବା ଶୈଳୀ ଉପରେ । ମୁଁ ସଭାପତିତ୍ୱ କରିଥିବା ବୈଠକରେ କୃଷ୍ଣ ବାବୁ କେମିତି ଓ କଣ ପାଇଁ କୋଉ କ୍ଷମତା ବଳରେ ବୈଠକକୁ ଅନୁମୋଦନ କରିଥିଲେ ପୁଣି ଚାରି ମାସ ପରେ ଏ ଯାଏ ମୁଁ ଟେର ପାଇଲି ନାହିଁ । ମୁଁ କଣ କାହାର ଅଧସ୍ତନ ହୋଇ କାର୍ଯ୍ୟ କରୁଥିଲି କି ?ମୁଁ ସ୍ୱତଃ କାମ କରୁଥିଲି ନିଜେ ଏକ ଟ୍ରଷ୍ଟ ଗଢି ଓଡିଆ ଭାଷା ପାଇଁ , ଯେତେବେଳେ ମୋତେ ଟ୍ରଷ୍ଟ ସଦସ୍ୟଙ୍କ କାର୍ଯ୍ୟଧାରା ପସନ୍ଦ ଆସି ନ ଥିଲା ମୁଁ ସ୍ୱତଃ ମନ ଭଙ୍ଗେଇ ରହିଲି। ତେଣୁ ଟ୍ରଷ୍ଟ ବା ମୋ ନାମରେ ଥିବା ପାସବୁକ ମୁଁ ଦେଇ ନ ଥିଲି କାହାକୁ। ତାହା ଅକାମି ହୋଇ ପଡି ରହିଲା।

ଏବେ ଭାବୁଛି ଭାଷା ବିରୋଧୀ ସରକାର ପୁଣି ଏଇମାନଙ୍କୁ ହାତ କରି ଭାଷା ଆନ୍ଦୋଳନକୁ ଭଙ୍ଗିବାରେ ଲାଗିଛନ୍ତି। ମନ୍ତ୍ରୀସ୍ତରୀୟ କମିଟି ବି ଯାଙ୍କ ( ବିଶେଷ କରି ସୁବ୍ରତ ଓ ଦେବୀ କଂପାନୀ )ଯୋଗୁଁ ଠିକ୍ କାମ କଲା ନାହିଁ । ମୋର ପ୍ରଥମ ଦାବି ଥିଲା ଓଡିଆରେ (ଇଂରେଜି ସହିତ ହେଉ ପଛେ) ଆଇନ ସ୍ନାତକ ପାଠ। ସବୁ ତଳ ଅଦାଲତରେ ଓଡିଆରେ କାର୍ଯ୍ୟ। ଆଇନ ସଚିବ ଓ ଆଇନ ମନ୍ତ୍ରୀ ବି ଏକ ପ୍ରକାର ମତ ଦେଇଥିଲେ ଯେହେତୁ ଉଚ୍ଚ ନ୍ୟାୟାଳୟ ଓଡିଆ ସପକ୍ଷରେ ରାୟ ଦେଇ ସାରିଥିଲେ ୨୦୦୭ରୁ। କିନ୍ତୁ ସକାରାତ୍ମକ ପଦକ୍ଷେପ ନେଇ ପାରି ନ ଥିଲେ ଲାଭଖୋର, ଗାତ୍ରଦାହମାନଙ୍କ ଓଡିଆ ବିଶ୍ୱବିଦ୍ୟାଳୟ ଚକ୍କରରେ ପଡି। ମତେ କୁହାଗଲା ସେହି ବୈଠକରେ ଯେ ଓଡିଆ ବିଶ୍ୱବିଦ୍ୟାଳୟ ହେଲେ ଆଇନ ପାଠ ସହିତ ଆଉ ସବୁ ବି ଓଡିଆରେ ପଢାଯିବ, ଚିନ୍ତା କରନ୍ତୁ ନାହିଁ । ଏବେ ଭାଷା ଆନ୍ଦୋଳନ ଓଡିଶା ସାରା ବ୍ୟାପିଲାବେଳକୁ ଏମାନେ ପୁଣି ଗାଳିଗୁଲଜ କରି ନାନାଦି ଉପାୟ କରି ପଛରେ ଲାଗିଛନ୍ତି । ପ୍ରିୟ ଓଡିଶାବାସୀ ଠିକ୍ ଲୋକଙ୍କୁ ଚିହ୍ନଟ କରିବା ହୁଅନ୍ତୁ। କଥା ଛଳରେ ସୌମ୍ୟ ରଂଜନ ପଟ୍ଟନାୟକ ଠିକ୍ କହିଥିଲେ ସେ ଦିନ ଅନଶନବେଳେ ଶତ୍ରୁ ଚିହ୍ନଟ ନ ହେଲା ଯାଏ କୌଣସି କାର୍ଯ୍ୟରେ ବିଜୟ ମିଳେ ନା ।

ଏଇଟା ବି ସତ୍ୟ ଯେ ଆଜିର ଓଡିଶାର ପ୍ରାଣ ବା ଆତ୍ମା ହେଉଛି ଓଡିଆ ଭାଷା । ଏହି ଆତ୍ମା ପଣ୍ୟ ହୋଇ ପାରେ ନା କାହାର। ଆତ୍ମା ହେଉଛି ସତ୍ୟ। ସତ୍ୟକୁ କେହି କେବେ ମିଛ କରି ପାରିବେ ନାହିଁ ବା ତାକୁ ଦେଖାଇ ନିଜେ ନିଜର ସ୍ୱାର୍ଥ ସାଧନ କରି ପାରିବେ ନାହିଁ। କୁହାଯାଇଛି – ଭାଷା ହିଁ ଜୀବନୀ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷାହୀନ ସେହି ଜାତି ବର୍ବର। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ- ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ ତାକୁ ଯେବେ ଗ୍ୟାନୀ ଗଣରେ ଗଣିବା ଅଗ୍ୟାନ ରହିବେ କାହିଁ ? ତେଣୁ ମୋ ପ୍ରିୟ ଭାଇ ଓ ଭଉଣୀଗଣ, ଆସ ଆମ ଭାଷା ଆମେ ବ୍ୟବହାର କରିବା ସବୁଠି ସବୁବେଳେ, ଏ ଆମ ରାଜ୍ୟ ଭିତରେ ଅନ୍ତତଃ।ସତ୍ୟ ଆହୁରି ଏଇଟା ଯେ ମା, ମାଟି, ମାତୃଭାଷା ଉପରେ କାମ କରିବା ଲୋକ ଆମେ । ଏ ମାଟିର, ଏ ରାଜ୍ୟର, ଏ ଭାଷାର ମାନ ସମ୍ମାନ ରକ୍ଷା ପାଇଁ ଆମ ଜୀବନ ସମେତ ସର୍ବସ୍ୱ ସ୍ଥାବର ଅସ୍ଥାବର ଯାହା ଯେତେ ଅଛି ତ୍ୟାଗ କରିଦେବାକୁ ଆମେ ପ୍ରସ୍ତୁତ। ଯଦି କୁହାଯାଏ ରାଜ୍ୟ ଛାଡି ଚାଲିଯାଅ ବା ଜୀବନ ସମର୍ପି ଦିଅ, ତୁମେ ଗଲାପରେ ମାଟିର ଭାଷାରେ ସବୁ କାମ କରିବୁ, ତେବେ ମୁଁ ସଦା ପ୍ରସ୍ତୁତ ହସି ହସି ପଳାଇଯିବାକୁ ବା ମରିଯିବାକୁ । ଆଜୀବନ କ୍ରୀତଦାସ ବା ବନ୍ଦୀ ଜୀବନ ବି କଟାଇବାକୁ ଚାହେଁ ଯଦି ମାଟିର ଭାଷା ବ୍ୟବହୃତ ହୁଏ। ଯେ କୌଣସି ସର୍ତ୍ତ ପାଇଁ ମୁଁ ତୟାର। କିନ୍ତୁ ମୋର ବା ଆମର ସର୍ତ୍ତ ଏ ରାଜ୍ୟର ପୂର୍ବ ଐତିହ୍ୟ, ପୂର୍ବ ଗୌରବ ଫେରିଆସୁ, ଏ ରାଜ୍ୟରୁ ବେଶୀ ପାଠୁଆ ବା ଅପଢୁଆ କେହି ଦାଦନ ଖଟି ରାଜ୍ୟକୁ ଅବହେଳିତ କରି ପକାଇଦେଇ ରାଜ୍ୟ ବାହାରକୁ ନ ଯାଆନ୍ତୁ ନ ପଳାନ୍ତୁ। ସମସ୍ତେ ଏଇଠି ସୁଯୋଗ ପାଆନ୍ତୁ ନିଜ ନିଜ କର୍ମ କ୍ଷେତ୍ରରେ , ନିଜ ନିଜ ପାରଦର୍ଶିତା ଦେଖାନ୍ତୁ। ସବୁ ବିଷୟ ପଢିବାକୁ ମିଳୁ ଏଇ ମାଟିରେ। ଚାଷୀଙ୍କ ଚାଷ କାର୍ଯ୍ୟର ଉନ୍ନତି ମୁଁ ଚାହେଁ । ମୋ ରାଜ୍ୟର ସବୁଦିଗରୁ ବିକାଶ ମୁଁ ଦେଖିବାକୁ ଚାହେଁ। ପଡୋଶୀରୁ ବା କୋଉ ରାଜ୍ୟରୁ କିଛି ନ ଆଣି ମୁଁ ମୋ ରାଜ୍ୟକୁ ସ୍ୱୟଂ ସଂପୂର୍ଣ୍ଣ ଦେଖିବାକୁ ଚାହେଁ। ମାନ ସମ୍ମାନ ସହିତ ବଂଚିବାକୁ ଚାହେଁ ଏ ରାଜ୍ୟର ଭାଷାକୁ ଧରି। ଚାହେଁ ବି ମରିବାକୁ ବୀର ପରି ଏ ମାଟିର ସେବା କରୁ କରୁ। କିନ୍ତୁ ମାଡିବାକୁ ଚାହେଁ ନା ଅନ୍ୟାୟ, ଅନୀତିର ଛାଇ। ଖଳଲୋକଠୁ ଦୂରେଇ ରହିବାକୁ ଚାହେଁ। ଜୟ ଜଗନ୍ନାଥ।

*ତପୋବନ, ଟିଟିଲାଗଡ,ବଲାଙ୍ଗିର*

# ଶୁଣି କେ ଯିବ ପରତେ ?



ଆର୍ତ୍ତବନ୍ଧୁ ଦାସ

**ଜ**ଣେ ମହାନ୍ ଉଦାର ସ୍ୱଭାବ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଅନାମଧେୟ ହେଲେ ମଧ୍ୟ କିଛି ଗିତି କବିତା, ଭଜନ ଜଣାଣ ଲେଖି ତାଙ୍କ ପ୍ରେରଣାର କବିତା ପାଠୋତ୍ସବରେ ଆବୃତ୍ତି କରି, ଆଉ ମଧ୍ୟ ପତ୍ରପତ୍ରିକା ମାଧ୍ୟମରେ ପ୍ରଚାର ହେବା ଯୋଗୁଁ ଅଧମର ବିଭିନ୍ନ ଖ୍ୟାତି ସମ୍ପର୍ଣ୍ଣ ବ୍ୟକ୍ତି ଗଣଙ୍କୁ ଭେଟିବାର ଉତ୍କଣ୍ଠା ଦିନକୁ ଦିନ ବଳବତ୍ତର ହେବାରେ ଲାଗିଲା। ଯା ମଧ୍ୟରେ ଅପ୍ରତ୍ୟାଶିତ ଭାବେ କେବେ କେଉଁଠି ବିଭିନ୍ନ ଲୋକମାନଙ୍କ ସହ ଭେଟ ସାକ୍ଷାତରେ କବିତା ସମ୍ବନ୍ଧେ ଆଲୋଚନା ହେବାରୁ, ସ୍ୱାଭାବିକ ଭାବେ ଏ ଦିଗରେ ଅଗ୍ରଗତି କରି ସାରିଥିବା ବ୍ୟକ୍ତିଙ୍କ ଗହଣରେ ରହି କିଛି ଆହରଣ କରିବାର ବଳିଷ୍ଠ ଆକାଂକ୍ଷା ବଢ଼ିବାରେ ଲାଗିଥାଏ। "ମାତ୍ର ବିନା ଅର୍ଥେ ଗଙ୍ଗା ଗମନ ଅସମ୍ଭବ।" ହଁ ବେଳେବେଳେ ଦୈନନ୍ଦିନ ଖର୍ଚ୍ଚ କାଟ କରି, କେତେବେଳେ କେମିତି, ବହୁ ଜ୍ଞାନୀ ଗୁଣିଙ୍କ ସାନ୍ନିଧ୍ୟ ଲାଭ କରିବାର ସୁଯୋଗକୁ ହାତଛଡ଼ା ନ କରି, ଭେଟ ସାକ୍ଷାତକାର କେଉଁଠୁ କି ବିଚାର ବିମର୍ଷ ପରେ ଆଦେଶ ଉପଦେଶ ପାଇ ନିଜକୁ ଧନ୍ୟ ମନେକରୁଥାଏ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ନା କିଛି ସ୍ୱାତନ୍ତ୍ର୍ୟ ଅନୁମେୟ ହୁଏ। ଯେମିତିକି ସାରା ଭାରତୀୟ ପ୍ରତ୍ୟେକ ଜଣେ ଜଣେ ଚିକିତ୍ସକ। କାହିଁକି ନା ରୋଗ-ଭୂ, 'ଶରୀର' ଅଛି ତ ରୋଗ ବେମାର ନିଶ୍ଚୟ ହେବ ହିଁ ହେବ ଯା ଫଳରେ ଚିକିତ୍ସା କରିବାକୁ ଏବଂ ସେ ଚିକିତ୍ସା ହିଁ ଅନୁଭବ କରାଇବ ନିଶ୍ଚୟ କିଛି ଅଭିଜ୍ଞତା ଓ ସେ ଅଭିଜ୍ଞତା ଲବ୍ଧ ସଫଳତା ଅନ୍ୟ ଆଗରେ ବଖାଣିବାକୁ କିଏ କ'ଣ କେବେ ପଛେଇପାରେ ? ମୋର ପରା ଅମୂକ ସମୟେ ଠିକ୍ ଏଇପରି ହେଉଥିଲା ଯେ ମୁଁ ଏଇ ପଦକ୍ଷେପ ନେଇ ଏଇୟା କରିବାର ଆଜି ବଞ୍ଚି ତୁମ ଆଗରେ - ଆଉ ତମେ ଏଇୟା କରୁନ ଦେଖିବ....

ସମାଜରେ ଜ୍ଞାନୀ ଗୁଣି ପଣ୍ଡିତଙ୍କ ଅପେକ୍ଷା ଧନୀ ପ୍ରଭାବଶାଳୀ ବ୍ୟକ୍ତିଙ୍କର କାଟତି ଅଧିକ ଆଉ ତାଠୁଁ ଅଧିକ ରାଜନେତାଙ୍କ ପ୍ରଭାବ। ନ ହେବ ବା କାହିଁକି ? ଏ ଯୁଗରେ ଯିଏ ସ୍ୱଚ୍ଛଳ ଭାବେ ଚଳି, ବାକ୍ ଚାତୁରୀରେ ପଟୁ ସେ ତ ସମସ୍ତଙ୍କର ପ୍ରିୟ ପାତ୍ର। ଆଉ କେତେଜଣ ଅବା ଉଚ୍ଚାରଣାନୁଯାୟୀ ଆଚରଣ କରୁଛନ୍ତି ? ଏହା କ'ଣ କାହାକୁ ଅଜଣା ? ଖ୍ୟାତି ସମ୍ପୂର୍ଣ୍ଣ ବ୍ୟକ୍ତିଙ୍କର ଯଶ ଗୌରବ ପ୍ରାୟତଃ ଏଇମିତିକା ଧାରାରେ ପ୍ରଚାରିତ ପ୍ରସାରିତ ହୋଇଥାଏ। ଯେମିତିକି ସଭା ସମିତିରେ ବାକ୍‌ପଟୁଗୁଣ ଯୋଗୁଁ ନାନ ଉପମା ଉଦାହରଣ ଅଳଙ୍କାର ଦେଇ କଥା କହିବାରେ ଧୁରନ୍ଧର ଯଦି ବା କେହି ପ୍ରକୃତ କଥା ବିକୃତ କରି, ବନେଇ ଚୁନେଇ କଦବା କାହାର ଆଗରେ ଏଇମିତି ଯଶ ଗୁଣ ଗାନ କରୁଥାଏ, ସେ ସ୍ୱାଭାବିକ ଭାବେ ଯାହା ସମ୍ବନ୍ଧେ ବାର୍ତ୍ତାଳାପ ହୋଇଥାଏ ସେ ନିଶ୍ଚୟ ଫୁଲି ଉଠିବ ହିଁ ଉଠିବ-କାହିଁକି ନା ଏ ମାୟାବି ମଣିଷ ପରା ଆତ୍ମ ଅଭିମାନ, ଆତ୍ମ ବଡ଼ିମା ସ୍ୱ ଯଶ ଗୁଣ ଗାନରେ ମାହିର।

ତିଳକୁ ତାଳ କରିବା ପ୍ରାୟ ସମସ୍ତଙ୍କଠି ଅନୁମେୟ। ଆଉ ଆମ ଦେଶର ନେତୃସ୍ଥାନୀୟ ଲୋକଙ୍କ ଆଗରେ ଯଦି କେହି ଚତୁର ସ୍ୱାର୍ଥ ସାଉଁଣ୍ଟା ମିଳି ଗଲେ ତ ଦେଖି ପ୍ରଭାବ...ଖାଲି କ'ଣ ଜଣଙ୍କର ନା-ମ' ବରଂ ସେ ଦୁଇଜଣଙ୍କର। କେମିତି ନା ଏ କହିବା ପାଇଁ ତ ଅପ୍ରକୃତ ବନ୍ଧୁ ରୂପେ ରଙ୍ଗେଇ ଯତ୍ ସାମାନ୍ୟ କିଛି ପାଇ ଖୁସି ଏବଂ ଅପର ସେ ବି କୋଉ ନିଜ ପାଣ୍ଠି କିମ୍ବା ପରିଶ୍ରମ ଲବ୍ଧ ଦ୍ରବ୍ୟ ଦେଇ ଦେଉଛି ଏତେ ଚିନ୍ତା ? ନା - ସେମିତି ଭାବନାରୁ ବରଂ ଦୂରେଇ ରହିଲେ ଭବିଷ୍ୟତରେ ନିଜର କୁଶଳ ସାଧନା ଫଳବତି ହୁଅନ୍ତା କିନ୍ତୁ ଯେ ପରା ସଂସାର ମୋହ ଯା ପାଖରେ-ସେ ସିନା ଦେବ ଆଉ ନଥିବା ବ୍ୟକ୍ତି କୋଉଠୁଁ ପାଇବ ଯେ ଦେବ ? ଯେତେ ଲୋଭୀ କୃପଣ ହୁଅନ୍ତୁ ନା କାହିଁକି ପରଠୁଁ ଆତ୍ମ ପ୍ରଶଂସା ଶୁଣି କିଏ ବା ବିଭୋର ନହୋଇ ରହିବ ? ଯୁଗେ ଯୁଗେ ଏଇୟା ହିଁ ତ ପ୍ରତ୍ୟେକ କ୍ଷେତ୍ରରେ ସଂଘଟିତ ହୋଇ ଆସୁଛି ଯେ, ମା ପାଖେ ଧନ ଅଛି, ତାକୁ ହିଁ ଅନ୍ୟାନ୍ୟ ପ୍ରତ୍ୟେକ କ୍ଷେତ୍ରରୁ ଧନ ପ୍ରାପ୍ତି ହୋଇ ଚାଲୁଥିବ ଯେମିତିକି ବ୍ୟାଧିଗ୍ରସ୍ତ ରୋଗୀର ଉପଚାର ଚାଲିଥିବା ବେଳେ ଆଉ ଅନେକାନେକ ବ୍ୟାଧିସ୍ୱୟଂ ପ୍ରକଟିତ ହୋଇ ଚାଲିଥାନ୍ତି ଏବଂ ପ୍ରଥମ ମୂଳ ରୋଗର ଉପଚାରରେ କେତେବେଳେ ଉପଶମିତ ହୁଏ ତ ଆଉ କେତେବେଳେ ଜୋର୍‌ରେ ସଂକ୍ରମିତ ହୋଇଚାଲେ। ଯୁଗୋପଯୋଗୀ ନ୍ୟାୟଧାରାରେ ଦେଖିବାକୁ ମିଳେ ଯେ, ଉପଯୁକ୍ତ ଗୁଣଶାଳୀ ବ୍ୟକ୍ତି ଯଦି ପ୍ରଥମରେ କାହାରି ଆଶ୍ରା ଭରଷା ବିନା, ଆଗେଇ ବାର ଚେଷ୍ଟା କରେ, ତବେ ତ ତାକୁ ନାନା ବାଧା ବନ୍ଧନ ସାମ୍ନା କରିବାକୁ ପଡ଼ିବ ହିଁ ପଡ଼ିବ ମାତ୍ର ସେ ଯଦି ଘାତ ପ୍ରତିଘାତକୁ ଖାତିର୍ ନ କରି ନ କରିବ -କେମିତି ଯେ, କ'ଣ ଆଗରୁ ଏ ସମ୍ବନ୍ଧେ ଏମିତି ଜାଗରୁକ ଯେ ସଂଘର୍ଷ କରି, ଯଦି ବା ଶକ୍ତି ସାମର୍ଥ୍ୟଥାଏ। ଆଗେଇ ଚାଲିବ ? ଏଇମିତି ତ, ଅତ୍ରତତ୍ର ସର୍ବତ୍ର ଦୃଷ୍ଟିଗୋଚର ହୁଏ ଯେ ପ୍ରତିଭାସଂପନ୍ନ ନାନା ପ୍ରତିବନ୍ଧକ ଥାଏ, ନହେଲେ କି ବଣମଲ୍ଲୀ ବଣରେ ଫୁଟି ସୌରର ସୁଗନ୍ଧ ନ ବିତରି, ଅଯଥାରେ ଲୋକ ଅଢୁଆଳରେ ମଉଳି ଯାଆନ୍ତା।

ଭଗବାନଙ୍କ ନୀତି ତ ଅଲଗା - ଯିଏ ଯେତେ ପ୍ରତିଭାଧାରୀ ହେଲେ କ'ଣ ହେବ ? ସେ ତ ନିଜ ପ୍ରତିଭାକୁ ଅନ୍ୟମାନଙ୍କ ସେ କେମିତି କାହିଁକି ବା ସେ ପ୍ରକାର ଅପଚେଷ୍ଟା କରିବ ? ହଁ ଏମିତି ହେବପ -ଯଦିବା କୌଣସି ମତେ ସମାନ୍ୟ ସାହାଯ୍ୟ ସହଯୋଗର ସୂତ୍ରପାତ ହୋଇଗଲା ତ ସେ କଖାରୁ ଡ଼ଙ୍କ ସଦୃଶ ଆଗକୁ ଆଗକୁ ଉପର ଡ଼ଙ୍କେଇ ଚାଲି ଫୁଲଫଳ ଅଜାଡ଼ି ଚାଲିବ ନଚେତ୍ ଉଜୁଡ଼ି ଯିବ।

ଭାଷଣରେ ଆତ୍ମବଡ଼ିମା ବଖାଣ - ସେଥିରେ ଉନ୍ନତି ସାଧିତ ହେବ ଯାଦ୍ୱାରା ଜନ ସମାଜ କ'ଣ ବିଚାରିବେ ? ନା - ତୁମଠୁଁ କ'ଣ ଆଶା କରିବେ ? ସମାଜ ସୁଧାରକ ଆଖ୍ୟା ବହନ କରି ଉଚ୍ଚାରଣ ଭିନ୍ନ ଆଚରଣ ଭିନ୍ନ କଲେ କେମିତି ଚଳିବ ଯେ ? ପରୋପକାରୀ ନାନାଶୀଳ ଧର୍ମାତ୍ମା ବୋଲିଯାଉ ପରିଚୟ ସେ କ'ଣ ? ବର୍ତ୍ତମାନ ଯୁଗରେ ଯେମିତି ଆଧୁନିକ ନୂଆ ବାବାଜି ସାଜି ଲୋକ ଲୋଚନରେ ଚର୍ଚ୍ଚିତ ହେଉଛନ୍ତି -ତୁମେ ସେପରି ନହେବ ବା କିପରି ଯେ ?

ସୁଗନ୍ଧିତ ବାସ୍ନା ପ୍ରସରିବାରେ ପାରିପାର୍ଶ୍ୱିକ ସ୍ଥିତି ଦୂତି ଗନ୍ଧମୟ ପରିବେଶ ବାଧକ ସାଜିଥାଏ। ଆଉ ସାଧକମାନଙ୍କ ଆଗରେ ମୋହମାୟା ପ୍ରାଚିର ରୂପେ ଦଣ୍ଡାୟମାନ ହୋଇ ସାଧନା ପଥକୁ ଅବରୋଧ କରି ନଥାଆନ୍ତି, ମାତ୍ର ସାଧନ କରିବା ପାଇଁ ଅନୁକୂଳ ସ୍ଥିତି ଯଦି ନାହିଁ ତେବେ କ'ଣ ଭାବିବାକୁ ହେବ ? ନା ଭାଗ୍ୟକୁ ନିନ୍ଦି ହାତ ଗୋଡ଼ ବାନ୍ଧି ବସିବା ସାର ହେବ ? ଗାଁ ଗଣ୍ଡାରୁ ଲେଖକ ସମାଲୋଚକ, ଗାଳ୍ପିକ କବି କେମିତି ବା ଅନ୍ତରାଳରୁ ବାହାରି ପାରିବେ ଯେ ? ବାହାରି ଲୋକ ଲୋଚନକୁ ଆସିବା ମାଧ୍ୟମ ତ ପତ୍ର ପତ୍ରିକା କିମ୍ବା ସମ୍ବାଦ ସରବରାହ ସଂସ୍ଥା, ମାତ୍ର ସେମାନେ ଯଦି ହେୟ ମନେକରି, ଚାପିଦେବାକୁ ଚେଷ୍ଟା କରିବେ, ଅଶିକ୍ଷିତ ଗାଉଁଲି ମଳିମୁଣ୍ଡିଆଟେ ସେ ବା କେଉଁଠୁ କ'ଣ ଶିକ୍ଷଣିୟ ବସ୍ତୁ ଉପସ୍ଥାପନା କରିଥିବ ଯେ, ଏହା କେମିତି ହୁଏ ? ପ୍ରାୟତଃ ଧନୀ ଜ୍ଞାନୀଗୁଣିଙ୍କ ସଂସ୍ଥା ଅନ୍ଦରଆଓ୍ୱାଜରେ ଅର୍ନ୍ତନିହିତ ବିଷୟବସ୍ତୁ ଉପରେ ଦୃଷ୍ଟି ନ ପ୍ରକାର, ଅବଶ୍ୟ କେଉଁ କାରଣରୁ ଏମିତି ହୁଏ ?, ତ ସମସ୍ତେ ଅବଗତ ଥିବେ, ତଥାପି ଉଚ୍ଚାରଣ ସର୍ବସ୍ୱ ସଂସ୍ଥାମାନେ ପ୍ରଥମେ ତ ତୁମେ ଆମ ସଂସ୍ଥାର ସ୍ଥାୟୀ ସଦ୍ୟ ବନ୍ ନତୁବା ଏତିକି, ଅନୁଦାନ ଦେଲେ ତୁମର ଲେଖା କବିତା ଗଳ୍ପ କାହାଣୀ ସମାଲୋଚନନା ଆମ ପତ୍ର ପତ୍ରିକାରେ ସ୍ଥାନ ପାଇବ ନୋହିଁଲେ ନାହିଁ ? ଯୁଗେ ଯୁଗେ ତ ଏଇମିତି ଧାରାବାହିକ ଭାବେ, ପ୍ରଚାର ପ୍ରସାର ସଂସ୍ଥାମାନେ କରି ଚାଲିଥିବେ ଆଉ- ଯେଉଁମାନେ ସମାଜ ସଂସ୍କାରକ ସୁଧରକ ସାହିତ୍ୟ ଭଣ୍ଡାର ଭକ୍ଷକ ପରିବର୍ଦ୍ଧକ ରୂପେ ଡ଼ିଣ୍ଡିମ୍ ପିଟି ଚାଲିଛେ, ପ୍ରକୃତରେ କ'ଣ ସେମାନେ ସେଇ ମିଛ ଅହଂମିକାରେ - କାମ ଅଲଗା କଥା ଭିନ୍ନ କରି ପ୍ରକୃତ ପ୍ରତିଭାକୁ ଲୋକଲୋଚନ ଅନ୍ତରାଳେ ଚାପିରଖି ଚାଲୁଥିବେ। ହଁ ଗାଉଁଲି ମଳିମୁଣ୍ଡିଆ ସ୍ୱଳ୍ପ ଶିକ୍ଷିତ ବେକାର ଦରିଦ୍ର ଯୋଉଁ ଅନ୍ଧାରରେ ଅଛି ତାକୁ ସେମିତି ଅନ୍ଧାରରେ ରହିବାକୁ ଦିଅ। ସଭା ସମିତିରେ ଯେଉଁ ଭାଷଣ ଅଭିଭାଷଣ ମାଧ୍ୟମରେ ଯେଉଁ ସାହିତ୍ୟ ଭଣ୍ଡାର ରକ୍ଷକ ପରିବର୍ଦ୍ଧକ ସଂରକ୍ଷକ ବୋଲି କହିବୁଲୁଛି- ତାକୁ ଟିକିଏ ତଳେଇ ଚାହିଁ ଏସବୁ ବିଷୟ ସମ୍ବନ୍ଧେ ହୃଦୟଙ୍ଗମ କରି ନୂତନ ପ୍ରତିଭା ଅନ୍ୱେଷଣରେ ସହାୟକ ହୋଇ ଦେଶ ଯଶ ଜାତିର ଉନ୍ନତି କଳ୍ପେ ନିୟୋଜିତ ହେଲେ ଭଲ ହୁଅନ୍ତା। ସହଜ ସରଳ ଭାବରେ ସଭା ସମିତିରେ ଭାଷଣ ଦ୍ୱାରା ଅନ୍ୟର ପ୍ରିୟପାତ୍ର ହେଲେ - କେତେ ମୁହୂର୍ତ୍ତ। ସଂସ୍ଥା ଗଠନର ଆଭିମୁଖ୍ୟ ଯା ଆଉନା କାହିଁକି ପ୍ରଥମତଃ ନିଜର ପ୍ରଚାର ପ୍ରସାର -ଦ୍ୱିତୀୟରେ ମନ ଚାହିଁ ରୋଜଗାର-ତୃତୀୟରେ ଅନ୍ୟକୁ ଭକୁଆ ବନେଇ ଚାଲାକ ଚତୁରରେ ମାହିର୍, ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିଭାବେ ପରିଗଣନା। ବିଚାରକୁ ନେଲେ ସବୁଦିଗରୁ ଇଏ କେମିତି ହୁଅନ୍ତା ? ସମସ୍ତଙ୍କର ଯେ ପ୍ରାଇଜ୍ ପାଇବା ନିଶା ତା ନୁହେଁ ବରଂ ଅନେକାଂଶରେ କାହାର ବି ଦେଶ ଜାତି ପ୍ରତି କର୍ତ୍ତବ୍ୟ ଦୃଷ୍ଟିରୁ ଭଲ ଉପାଦେୟ, ଜାଣିବା ଶିକ୍ଷଣୀୟ ବସ୍ତୁ ବି ଥାଇପାରେ। ଏଣୁ ଯା ମାଧ୍ୟମରେ ଅନୁରୋଧ ଏହି ଯେ ନୂଆ ପ୍ରତିଭାମାନଙ୍କର ସୃଷ୍ଟିକୁ ବିଚାର ଆଲୋଚନା ପୂର୍ବକ ଯଥା ସମ୍ଭବ ଚେଷ୍ଟା କରି ଆପଣା ଆପଣାପତ୍ର ପିତ୍ରିକାମାଧ୍ୟମରେ ଅନ୍ତରାଳରୁ ଲୋକ ଲୋଚନକୁ ଆଣି ସେମାଙ୍କୁ ଉତ୍ସାହିତ କଲେ ମା ଶାରଦା ନିଶ୍ଚୟ ପ୍ରୀତ ହୋଇ ଉତ୍ତୋତ୍ତର ପ୍ରଗତି ଉନ୍ନତି କରିବେ। ନବ ପ୍ରତିଭାମାନେ ବହୁ କଷ୍ଟ ସ୍ୱୀକା ପୂର୍ବକ ମୁଣ୍ଡ ଖଟେଇ ଭାବିଚିନ୍ତି ବହୁ ସମୟ ନିୟୋଜିତ କରି, ଯଦିବା ଯେଉଁ ସାରସ୍ୱତ ସମ୍ପନ୍ନ ହେଉ କି, ଉପାଦେୟ ହେଉ ବିବେଚନା କରି ପ୍ରଚାର ପ୍ରସାର କଲେ ତ, ସେମାନେ ଉତ୍ସାହିତ ହେବା ସଂଗେ ସଂଗେ ମା ବାଗ୍‌ଦେବୀ ପ୍ରସନ୍ନ ହେଲେ ଓଡ଼ିଆ ସାହିତ୍ୟ ଭଣ୍ଡାର ସମୃଦ୍ଧ ହେବା ଫଳରେ ତଥାକଥିତ ଦେଶଜାତି ହିତେଶ୍ରୀମାନଙ୍କ କଥା କାମରେ ସମାନତା ପ୍ରତିଫଳତି ହେବ।

*ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ*
*ଏଚ୍‌ଆଇଜି -ସି/୮୬, ଭୁବନେଶ୍ୱର*
*ଭ୍ରମ୍ୟଭାଷ: ୯୪୩୭୫୮୦୨୪୩*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭



# ଅମୁହାଁ ଦେଉଳ

ଉପନ୍ୟାସ
ଭାଗ-୧୦

ଡ. ମୌସୁମୀ ପରିଡ଼ା

**ଛା**ଡ ସେ ଭାଷା କଥା ! ଖୁବ୍ ଚେଷ୍ଟା କରୁଛି ଶିଖିବାକୁ ଓ ବ୍ୟବହାର କରିବାକୁ। କରୁଛି ମଧ୍ୟ। କିନ୍ତୁ ଏସବୁ କଥା କହିବା ପାଇଁ ଆସିନି ମୁଁ। ତୁମେ ମିଛ କାଇଁ କହିଲ ? ପାପ କଲା ଭଳି ଲାଗୁଛି। ଆମ ପାଇଁ ଏସବୁ ଦୁର୍ଘଟଣା ହେଲା ନା ? ତୁମେ ଯଦି ଆମକୁ ସେତେବେଳେ ସତ କହିଥାନ୍ତ କିଛି ହୋଇନଥାନ୍ତା। ବିଶ୍ୱାସ କର।

କିଛି ଭୁଲ୍ ତୁମର ନାହିଁ। ସବୁ ଭୁଲ୍ ମୋର। ପାଲଟା ଜବାବ୍ ଦେଲା ଦେବଦାସ।

ଆଶ୍ଚର୍ଯ୍ୟ..! କି ଅଜବ ଯୁକ୍ତି ତୁମର !

ସତ କହୁଛି..ତୁମ ଦୁହିଁଙ୍କୁ ସାହାଯ୍ୟ ନକରି ଚାଲି ଆସିଥିଲେ ମୋତେ ବିବେକ ଧିକ୍କାରି ଥାଆନ୍ତା। ମୋ ପ୍ରିୟ ସାରଂକ ଝିଅଙ୍କୁ ମୁଁ ଏମିତି ଅସହାୟ ଭାବେ ରାସ୍ତା କଡରେ ଛାଡି ଦେଇ ଚାଲିଆସିଲି ଯିଏ ବିନା ଦ୍ୱିଧାରେ ପ୍ରତିଟି କ୍ଷେତ୍ରରେ ମୋତେ ସାହାଯ୍ୟ କରନ୍ତି ! ହଁ ସେଠାରୁ ଫେରି ସାରଙ୍କୁ ପିକ୍ ଅପ୍ କରିପାରିଲିନି। କିନ୍ତୁ ଚେଷ୍ଟା ତ କରିଛି ! ସତ୍ ମନରେ ବ୍ୟସ୍ତ ତ ହୋଇଛି ! ହଁ ସଫଳ ହୋଇପାରିଲିନି। ଦୁର୍ଘଟଣା ନଘଟିଥିଲେ ଏସବୁ ପ୍ରଶ୍ନ ଆସିନଥାନ୍ତା ସାମ୍ନାକୁ। ଘଟିଗଲା ବୋଲି..ଏମିତି ଲାଗୁଛି। କିନ୍ତୁ ବ୍ୟସ୍ତ ହୁଅନି। ସବୁ କାର୍ଯ୍ୟରେ ଈଶ୍ୱରୀର ସନ୍ଦେଶ୍ ଥାଏ। ଏ ଘଟଣାରେ ବି ଥିବ। ଅବିଚଳିତ ସ୍ୱରରେ କହିଗଲା ଦେବଦାସ।

ମାନେ ତୁମେ କହୁଚ..ଯାହା ହୋଇଛି ସେଇଟା ସ୍ୱାଭାବିକତା ? ଓ..ଗଡ୍। ୟୁ ଆର୍ ଅନ୍ ବିଲିଭେବ୍ଲ। ସବୁକିଛି ଗ୍ରହଣ କରିଯିବାଟା ଅଯୌକ୍ତିକ ଲାଗେନି ବେଳେବେଳେ ? ମୋତେ ଲାଗେ ଏମାନେ ବି ଗୋଟେ ପ୍ରକାରର ପାଗଳ ! ଯାହାଙ୍କ ପାଗଳାମୀ ମନରେ ଥାଏ। ଆଖିକୁ ଦୃଶ୍ୟ ହୁଏନି। ବିରକ୍ତିର ସହିତ ଉତ୍ତର କଲା ତନ୍ଦ୍ରା।

ଯାହା କହିପାର। ସ୍ୱାଗତ କରୁଛି। ଏତେ କଷ୍ଟ ସତ୍ୱେ ହସିଲା ସେ। ତା ହସଟା କିନ୍ତୁ ଚମତ୍କାର ମାନୁଥିଲା। ତନ୍ଦ୍ରାର ବଡପଣିଆକୁ ଉପହାସ କଲେ ବି।

ମହାନ୍ ହେବାର ନାଟକ କରୁଛ ବୋଧେ ? ତନ୍ଦ୍ରାର ଏ ପ୍ରଶ୍ନରେ ସେ ନୀରବିଗଲା। ହୁଏତ ଆଘାତ ପାଇଲା।

ଯଦି ନାଟକ ବୋଲି ଭାବିବ କଣ କହିପାରିବି ଆଉ। ସତ କଥା ହେଲା। ସାର୍ ମୋ ଜୀବନର ଆଦର୍ଶ। ଢେର୍ ସମ୍ମାନ କରେ ମୁଁ ତାଙ୍କୁ। ତାଙ୍କୁ ସୁଖୀ ଦେଖିବାକୁ ଚାହେଁ। ତାଙ୍କ ମୁହଁ ଟିକେ ଶୁଖିଥିଲେ କି ମଥାରେ ଭାଙ୍ଗ ପଡିଥିଲେ..ମୋତେ ବ୍ୟସ୍ତ ଲାଗେ। ସତ କଥା କହିଥିଲେ ସାର୍ କାଳେ ତୁମ ପାଇଁ ନିଜକୁ ଦୋଷୀ ଭାବିଥାନ୍ତେ..ତା' ମୁଁ ସହିଥାନ୍ତି କେମିତି ! ଏଥିରେ ବି ମୋ ସ୍ୱାର୍ଥ ଅଛି। କାରଣ ମୁଁ ସାରଙ୍କୁ ପିତୃତୁଲ୍ୟ ସମ୍ମାନ କରେ। ତାଙ୍କ ସ୍ଥିତି ବିନା ମୁଁ ନିଜକୁ ଅସଂପୂର୍ଣ୍ଣ ବୋଲି ଭାବେ।

ପାପାଙ୍କୁ ଏତେ ବୁଝ କିପରି ! ଯାହା ମୁଁ ବି ଅସମର୍ଥ ହୁଏ କେବେ ନା କେବେ।

ବୁଝିବା ପାଇଁ ସ୍ନେହ ଛଳଛଳ ମନଟିଏ ଦରକାର। ବିଶ୍ୱାସ ଓ ସଚ୍ଚୋଟତା ଦରକାର ଏବଂ ଦମ୍ଭର ସହିତ ମୁଁ କହିପାରେ ଯେ ମୋ ପାଖରେ ଏସବୁ ଅଛି।

ତା ମାନେ ମୋ ପାଖେ ଅଭାବ ଏସବୁ ?

ମୁଁ ମୋ କଥା କହୁଛି। ତୁମର ତ ସେ ନିଜ ପାପା। ତୁମେ ତାଙ୍କୁ ବୁଝ କି ନ ବୁଝ ଯାଏ ଆସେ ନା। ପରିଚୟ ବଦଳିଯିବନି। କିନ୍ତୁ ସାର୍‌ଙ୍କ ମୋ ପରି ଅସଂଖ୍ୟ ଛାତ୍ର। ସେମିତି କିଛି ବିଶେଷତା ନଦେଖିଲେ ସାର୍ ମୋତେ ଗୁରୁତ୍ୱ କାଇଁ ଦେବେ !

ବୁଝିଲି ଏବେ..ସେଦିନର ସେ ସାହାଯ୍ୟ ବି ଥିଲା ପାପାଙ୍କ ପାଇଁ ପରୋକ୍ଷରେ..। ଓଜନିଆ ସ୍ୱରରେ ପଚାରିଲା ତନ୍ଦ୍ରା।

ହଁ।

ମୋ ପାଇଁ ବି କିଛି ଅନୁକମ୍ପା ଥିବ..ସେଥିପାଇଁ ବି ପାପା ହିଁ କାରଣ ?

ହଁ..ହୋଇପାରେ। ନିରୀହଟେ ପରି କହିଲା ଦେବଦାସ।

ଠିକ୍ ଅଛି। ତୁମେ ଖୁବ୍ ସ୍ପଷ୍ଟବାଦୀ ବୋଲି ନୂଆ କଥାଟେ ଜାଣିଲି। ମନର ସଂଶୟ ଦୂର ହେଲା ଏଥର। ଗୋଟେ କଥା ରଖିବ ?

କଣ ?

ପାପାଙ୍କ ଝିଅ ହିସାବରେ କ୍ଷମା କରିଦେବ। ଆଉ ସବୁଦିନ ଏଠିକୁ ଆସିବାକୁ ସୁଯୋଗ ଦେବ। ଯେପର୍ଯ୍ୟନ୍ତ ତୁମେ ଏଠୁ ଡିସ୍‌ଚାର୍ଜ ନହୋଇଛ।

କିନ୍ତୁ ସାର୍‌ଙ୍କ ଅନୁମତି ନେଇ ଆସିବ। ଦ୍ୱିଧାର ସହିତ କହିଲା ଦେବଦାସ।

ପାପା ମନା କରିବେନି। ତୁମେ ତାଙ୍କ ପ୍ରିୟ ଛାତ୍ର।

ସତରେ..? ତନ୍ଦ୍ରାଠୁ ଏକଥା ପଦକ ଶୁଣି ଦେବଦାସର ଆଖି ଭରି ଆସୁଥିଲା ଲୁହରେ।

ହଠାତ୍ ତୁହିନାଂଶୁଙ୍କ ଆବିର୍ଭାବ-କଣ ହେଲା ଦେବଦାସ ? କଷ୍ଟ ବେଶୀ ହେଉଛି କି ? ଟିକେ କନ୍‌ସ୍ ହେଉଥିଲା ସେ। କିନ୍ତୁ ତୁହିନାଂଶୁ ତାକୁ ନର୍ମାଲ୍ ରହିବାକୁ କହି ତା ପାଖରେ ବସିଲେ। ତା ମଥାକୁ ସାଉଁଳେଇ ଦେଇ କହିଲେ-ବଡକଥା ହେଉଛି ତୁ ହେଲମେଟ୍ ପିନ୍ଧିଥିଲୁ ବୋଲି ରକ୍ଷା ପାଇଗଲୁ। ଆଶ୍ଚର୍ଯ୍ୟଜନକ ଭାବେ ପାପାଙ୍କ ଆଖିରେ ବି ଲୁହ ଧାରେ ଛଳକି ଉଠିଲା। ନିଜ ପୁଅକୁ ଶ୍ରଦ୍ଧା କଲା ଭଳି ତୁହିନାଂଶୁ ତା ସହିତ କଥା ହେଉଥିଲେ,ସ୍ୱାସ୍ଥ୍ୟ ପାଇଁ ଉପଦେଶ ଦେଇ ବ୍ୟସ୍ତ ହେଉଥିଲେ ଆଉ କେତେକଣ ବୁଝାଉଥିଲେ। ତନ୍ଦ୍ରା କେବଳ ଦର୍ଶକ ପାଲଟି ଯାଇଥିଲା ଏତେ କାଳ। ଆଜି ପାପାଂକ ଅନାବିଳ ଶ୍ରଦ୍ଧାରେ ସେ ଈର୍ଷା କରୁନଥିଲା ଚମ୍ପୁକୁ। ରାଗ ହେଉନଥିଲା ଚମ୍ପୁ ଉପରେ।

(କ୍ରମଶଃ...)



କୁନାବାପାଙ୍କ କୁନିକଥା ୨୭

**ଗ**ଲା ସପ୍ତାହରେ ଆମେରିକା ରାଷ୍ଟ୍ରପତି ଲଳନା ଇଭାଙ୍କା ଟ୍ରମ୍ପ' ଆସିଲେ ଭାରତ, ଅନ୍ତରାଷ୍ଟ୍ରୀୟ ଉଦ୍ୟୋଗୀଙ୍କ ମେଳାରେ ଭାଗନେବାକୁ। ସାରା ଦେଶର ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଲା। ଭାରତର ହାଇଦ୍ରାବାଦରେ ପହଞ୍ଚିବାର ପରଠୁ ଖାଲି ଗୋଟିଏ ଚର୍ଚ୍ଚା, ଇଭାଙ୍କା। ଚର୍ଚ୍ଚା କେବଳ ଗଣମାଧ୍ୟମରେ ନୁହେଁ ବରଂ ଖଟିକୁ ମଧ୍ୟ ବ୍ୟାପିଲା। ବୁଧବାର ଦିନ, ମାଣବସା ଗୁରୁବାରର ପ୍ରସ୍ତୁତିରେ ସାରା ରାଜ୍ୟର ସବୁ ଗୃହସ୍ଥ ବ୍ୟସ୍ତ ଏବଂ କୁନାବାପା ମଧ୍ୟ। ବୁଧବାର ସଂଧ୍ୟାରେ ଅଫିସରୁ ଫେରିବା ବେଳକୁ ଆଉକିଛି ଜିନିଷ ଆଣିବାକୁ କୁନାବୋଉ ଫୋନରେ କୁନାବାପାଙ୍କୁ କୁହନ୍ତେ, କୁନାବାପାଙ୍କୁ ଖଟିଆଡେ ବୁଲି ଆସିବାର ସୁବର୍ଣ୍ଣ ସୁଯୋଗଟିଏ ମିଳିଲା। ଖଟିରେ ପହଞ୍ଚିବା ବେଳକୁ ଗରମା ଗରମ ଆଲୋଚନା ଚାଲିଥାଏ ଇଭାଙ୍କାଙ୍କ ବିଷୟରେ। ଇଭାଙ୍କାଙ୍କ ଶରୀର ଗଠନଠୁ ପାଠ-ସାଠ, ଉଦ୍ୟୋଗ ବିଷୟକ ଜ୍ଞାନ ଏବଂ ଆହୁରି କାହିଁରେ କଣ। ତେବେ କୁନାବାପା ଖଟିରେ ଯୋଗଦେବାର କିଛି ସମୟ ପରେ ବନ୍ଧୁ ରଙ୍କନିଧି ପଚାରିଲେ, କହିଲ ଭାଇ, ଆମର ପ୍ରଧାନମନ୍ତ୍ରୀ ଇଭାଙ୍କା ଟ୍ରମ୍ପଙ୍କୁ ସ୍ୱାଗତ କରିବାରେ ଅସୁବିଧା କୋଉଠି ହେଲା। କୁନାବାପା ରଙ୍କନିଧିଙ୍କ ସ୍ୱଭାବ ସହ ଖାପ ଖାଇଲା ଭଳି ଉତ୍ତରଟିଏ ଦେବା ପାଇଁ ଟିକିଏ ନିରବ ରହି ଆରମ୍ଭ କଲେ। କହିଲେ, ଆଚ୍ଛା କହିଲ ଭାଇ ଏଇଟା କୋଉ ମାସ, ଉତ୍ତର ଆସିଲା ଇଂରାଜୀରେ ନଭେମ୍ବର ଆଉ ଓଡ଼ିଆରେ ମାର୍ଗଶୀର। ଆହେ ଇଭାଙ୍କା ହେଲେ ପୃଥିବୀର ସବୁଠାରୁ ଧନୀ ଓ ଉନ୍ନତ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି। ସେଥିରେ ପୁଣି ଅଚଳାଚଳ ସମ୍ପତ୍ତିର ମାଲିକ, ମାନେ ପୁରା ସମୁଦ୍ର ଭଳିଆ ଧନର ଅଧିପତି। ତାଙ୍କ କନ୍ୟା ମାନେ ବ୍ୟବସାୟରେ ନିଶ୍ଚୟ ଧୁରୀଣ। ଯେହେତୁ ବାପାଙ୍କର ବହୁତ ବିତ୍ତ ତେଣୁ ଝିଅର ମଧ୍ୟ ଅଗାଧ ଉଦ୍ୟୋଗ ଜନିତ ଜ୍ଞାନ। ଆଉ ଏଇଟା ହେଉଛି ମାର୍ଗଶିର ମାସ, ମାନେ ମାଣବସା ଗୁରୁବାର, ଲକ୍ଷ୍ମୀଙ୍କର ମାସ। ଏଇ ମାସରେ ମହାଲକ୍ଷ୍ମୀ ଘରଘର ବୁଲି ସଫା ସୁତୁରା ଘରେ ଧନ ବର୍ଷା କରନ୍ତି। ଅଧାରୁ ଅଟକେଇ ଶଙ୍କବାବୁ ପଚାରିଲେ, ବୁଝି ହେଲାନି। କୁନାବାପା କହିଲେ, ଆହେ ସମୁଦ୍ର ଭଳିଆ ବିତ୍ତଶାଳୀ ଡୋନାଲ୍ଡ ଟ୍ରମ୍ପଙ୍କ କନ୍ୟା ଲକ୍ଷ୍ମୀ ସ୍ୱରୂପା ହୋଇ ଭାରତକୁ ମାର୍ଗଶିର ମାସରେ ଆସିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନରେ ଭାରତ ଏକଦମ୍ ସଫା ହୋଇଯାଇଛି, ତେଣୁ ପ୍ରଧାନମନ୍ତ୍ରୀ ତାଙ୍କୁ ମହା ଆଡମ୍ବରରେ ସ୍ୱାଗତ କଲେ ଭାରତରେ ବିଦେଶୀ ମୁଦ୍ରାର ବର୍ଷା ହେବ ଏବଂ ଭାରତ ପୁଣିଥରେ ସୁନାର ଭାରତ ହେବ। ଇଭାଙ୍କା ଆମ ଦେଶ ବିଷୟରେ ଭଲଭଲ କଥା ଘରେ ଯାଇ ଶୁଣେଇବେ। ଭାରତକୁ ଅଚ୍ଛେଦିନ ଆସିବାର ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏବେତ ଆଉ କଳାଧନ ନାହିଁ, ତେଣୁ ସ୍ୱଚ୍ଛ ଭାରତରେ ସ୍ୱଚ୍ଛ ଶାସନର ଯୋଗୁ ଭାରତର ହେବ ସ୍ୱର୍ଗ ଏବଂ ଭାରତବାସୀ ହେବେ ...। ଯାହା ବୁଝିଲ। ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ନୋଟିସ୍ ବୋର୍ଡ



ଭଲପାଇବାର ଅନନ୍ୟ ଚିତ୍ରକୁ ପ୍ରେମ ରଙ୍ଗରେ ଚିତ୍ରିତ କରିବାର ଅଦ୍‌ଭୁତ ଖିଆଲ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଶବ୍ଦର କୋଣାର୍କ ଗଢ଼ିବା ପାଇଁ ଯଥେଷ୍ଟ ଖୋରାକ ଯୋଗାଇଛି। ସମ୍ଭବତଃ ସେଇଥିପାଇଁ ଲଭ ସିରିଜ୍...

(୨) ଏ ସାହୁ ବାବୁ ଲକ୍ଷ ଲକ୍ଷ ଟଙ୍କା କମାଉଛନ୍ତି। ହେଲେ ତାଙ୍କ ଜୀବନରେ ଶାନ୍ତି କାହିଁ ! ତାଙ୍କ ସ୍ତ୍ରୀ କହିଲେ ସାହୁ ବାବୁଙ୍କର ହୃଦୟଟିଏ ଅଛି ଯେ ସେ ପ୍ରେମ କରି ଶାନ୍ତି ପାଇବେ...। ମୋହନ ବାବୁ କହିଲେ ଠିକ୍ କହିଛ ତମେ। ଏ ଜୀବନଟା ଦୁଇ ଦିନ। ହସି ହସି ଜୀଇଁଗଲେ ଗଲା। ତୁଚ୍ଛାଟାରେ ରାଗ ରୁଷାରେ କ'ଣ ମିଳେ ଯେ ! - ହଁ ଠିକ୍ କଥା। ମଣିଷ ପ୍ରେମ କଲେ ସିନା ଆୟୁଷ ବଢ଼ିଥାଏ ଏବଂ ସେ ଖୁସିରେ ରୁହେ। କଥାରେ ଅଛି ଟଙ୍କା ପଇସାରେ ଘର କିଣିହୁଏ, ହେଲେ ହୃଦୟ, ପ୍ରେମ କି ଶାନ୍ତି କିଛି କିଣି ହୁଏନି। ମୋ ସୋହମ ଖଟରେ ଶୋଇ ଏସବୁ ଶୁଣୁଥିଲା। ଏହା ମୋହନ ବାବୁ କିମ୍ବା ତାଙ୍କ ସ୍ତ୍ରୀକୁ ଜଣା ନଥିଲା। - ସକାଳେ ପୁଅକୁ ନେଇ ନୂଆ ସ୍କୁଲରେ ଆଡମିଶନ୍ କରିବା ପାଇଁ ଯାଇଥିଲେ ମୋହନ ବାବୁ। ସ୍କୁଲ ଶିକ୍ଷକ ସୋହମଙ୍କୁ କିଛି ସାଧାରଣ ପ୍ରଶ୍ନ ପଚାରିବା ପରେ କହିଥିଲେ, ବାବା ! ବଡ ହେଲେ ତୁମେ କାହାପରି ହେବ ? ସୋହମ - ମୋ ବାପାଙ୍କ ପରି ହେବି। ଆଉ ପ୍ରେମିକଟିଏ ବି ହେବି। ପ୍ରଶ୍ନ ପଚାରୁଥିବା ଶିକ୍ଷକ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ। କଥା ବାଆଁରେଇ ମୋହନ ବାବୁ କହିଲେ ସାର ଏଥିରୁ କ'ଣ ମିଳିବ। ବାପାଙ୍କ ପାଟିରୁ କଥା ସରିଛି କି ନାହିଁ ସୋହମ ଉତ୍ତର ଦେଲା - ଶାନ୍ତି। ସାର୍ ଏକଥାକୁ ସେବେଠାରୁ ନୋଟିସ୍ ବୋର୍ଡରେ ଲେଖିଥିଲେ। ବୋଧେ ପ୍ରଥମଥର ପାଇଁ 'ପ୍ରେମ' ନୋଟିସ୍ ବୋର୍ଡରେ ଝୁଲିଲା। ମୋହନ ବାବୁ ସୋହମକୁ ନେଇ ଘରକୁ ଫେରିଲେ ଓ ବାଟରେ ମନେ ମନେ ଭାବୁଥିଲେ ପୁଅର ଏମିତି ଆଶ୍ଚର୍ଯ୍ୟଜନକ ଉତ୍ତର ଯାହା ସାର ନୋଟିସ୍ ବୋର୍ଡରେ ଝୁଲାଇ ଦେଲେ।

ମୋ-୭୮୭୩୯୪୦୬୨୬

# ପାସ୍‌ୱାର୍ଡ଼



ଡା. ଗୌରୀଶଙ୍କର ପଣ୍ଡା

**ଏ**ଯାଏଁ ... ଏଯାଏଁ ...
ମୋ'ର ସବୁ ଆକାଉଣ୍ଟର ପାସ୍‌ୱାର୍ଡ଼ରେ ତୁ !
ଜି-ମେଲ୍‌ରୁ ଜୀବନ ଯାଏଁ ..!

ଆଖି ଖୋଲୁ ଖୋଲୁ
ତତେ ନ ଛୁଇଁଲେ ସତେ ଯେମିତି
ମାରା ହୋଇଯିବ ମୋ'ର ଛାତିର ଛ'ପୁରି ପଇତା
ଓ ଠାକୁର ଘରେ ଘୋଷୁଥିବା ସବୁତକ କବିତା ..!

ଆଖି ବନ୍ଦ କରୁ କରୁ
ତତେ ଜାବୁଡ଼ି ନ ଧରିଲେ ସତେ ଯେମିତି
ଆରମ୍ଭ ହେବନି ମୋ'ର ସ୍ୱପ୍ନର ଶୋଭାଯାତ୍ରା
ଓ ଘଡ଼ିଏ ମୃତ୍ୟୁର ମିଛ ସଫଳତା ..!

ଏ ପାସ୍‌ୱାର୍ଡ଼ ପାଇଁ ତ ସବୁକିଛି ..!

କେଉଁ ଗୋଟେ ବସନ୍ତରେ
ବିମୁଗ୍ଧ ବିଶ୍ୱାସରେ ବେଧଡ଼କ୍ ଟାଇପ୍ କରୁ କରୁ
ଭୁଲ୍ ହୋଇଯାଇଛି ଅଚାନକ୍ !
ତ, ମୋ'ର ଅଜାଣତରେ
ଫରଚ୍ଛା ଲଙ୍ଗଳା ହୋଇ
ପଡ଼ିଯାଇଛି ମୁଁ ହାଇୱେରେ !
ପୁରାପୁରି ପାଉଁଶ ହୋଇଯାଇଛି ମୁଁ
ବିନା ଜୁଇରେ !

ତଥାପି ...
ପ୍ରେମିକପଣର ଦାୟରେ, ପ୍ରେମିକପଣର ଦମ୍ଭରେ
ଛିଡ଼ା ହୋଇଛି ଏକ୍ଲା ଏଯାବତ୍ ...
ପ୍ରେମର ଛକରେ ତୋ' ଘର ମୁହାଁ ହୋଇ
ଧୂ ଧୂ ଖରାରେ, ଝୋ ଝୋ ବର୍ଷାରେ
ନୀରବରେ, ବିନା ଛତାରେ ... !
ତୋ'ର ଅଫେରା ପ୍ରେମିକାପଣର ଅଯଥା ଅପେକ୍ଷାରେ .!

ଯେହେତୁ ଏଯାଏଁ ମୁଁ ଶିଖି ପାରିଲିନି
ପାସ୍‌ୱାର୍ଡ଼ ବଦଳେଇବାର କପଟୀ କଳା
ସେପାଇଁ ବୋଧେ, ତୁ ନଥିବାରେ ବି
ତୋ' ନାଁ ର ଚାବିରେ ଖୋଲୁଥାଏ ରୀତିମତ୍
ମୋ'ର ହୃଦୟର ତାଲା !

ଦିନଯାକର ହୋ-ହା ଘୋ-ଘା ରେ ହାଲିଆ ହୋଇ
ନିସ୍ତବ୍ଧ ରାତିରେ
ଶୋଇପଡ଼େ ନିଘୋଡ଼ ନିଦରେ ଏ ସହର ଯେତେବେଳେ
ନିଜକୁ ପାଏ ମୁଁ ସେତେବେଳେ
ତୋ' ଘର ସାମ୍ନାର ଦେବଦାରୁ ତଳେ ।

ଯଦିଓ ମୁଁ ଭଲ କି ଜାଣେ- ତୁ ଆଉ ନାହୁଁ ସେଠି
ହେଲେ ବି ମତେ ଚମ୍‌କେଇ ଦେଇ
ବାସ୍ନା ତୋ'ର ଆସୁଥାଏ ଚହଟି ।

ମୁଁ ତତେ ଲୋଡ଼େ
କାଲିର କତିପୟ କାହାଣୀକୁ ଯୋଡ଼େ ।

ପାସ୍‌ୱାର୍ଡ଼ ଟାଇପ୍‌କରି
ମୋ' ମନର ଇନ୍‌ବକ୍ସକୁ ଖୋଲେ
ପାଦ ଥାପି ଥାପି ତୁ ଆସୁ ଧିରେ ଧିରେ
ଆମେ ତୁଚ୍ଛାଟାରେ ହସୁ, କାନ୍ଦୁ,
ଗୁଡ଼ାଏ ଫାଲ୍‌ତୁ କଥା ଗପୁ
ତୋ'ର ପଣତରେ ମୋ'ର ପାପ ପୋଛୁ ପୋଛୁ
ଜଣା ପଡ଼େନି ପାହାନ୍ତି ତାରା ଆସିଯାଏ କେତେବେଳେ
ମୋ'ର ଅନିଚ୍ଛାରେ ବି
ତୁ ବାଧ କରୁ ମତେ ସାଇନ୍ ଆଉଟ୍ ହୋଇଯିବାକୁ
ତା'ପରେ ଛାତିରେ ଜାକି ମୋ'ର ତମାମ୍ ଅସହାୟତାକୁ
ମତେ ଫେରିବାକୁ ହୁଏ
ମୋ'ର ନିଆଁକୁ, ନାଟକୁ, ହାଟକୁ, ଥାଟକୁ, ବାଟକୁ
ହସର ହଳାହଳକୁ, ଖୁସିର ଖୋଳପାକୁ ।

ନା ମୁଁ ବଦଳେଇପାରେ ମୋ'ର ପାସ୍‌ୱାର୍ଡ଼
ନା ମୁଁ ଭୁଲିପାରେ ମୋ'ର ପାସ୍‌ୱାର୍ଡ଼
କାରଣ, ପାସ୍‌ୱାର୍ଡ଼ ବିନା
ନିଜକୁ ନିଜେ ମୁଁ ସତରେ ଚିହ୍ନେନା... !
କି , ପାସ୍‌ୱାର୍ଡ଼ ବିନା
ନିଜକୁ ନିଜେ ମୁଁ ଜମାରୁ ପାଏନା... !

ସେଇ ପାସ୍‌ୱାର୍ଡ଼ ହିଁ ତ ଭରସା ମୋ'ର ଆଜି ପାଇଁ
ମୋ'ର ସକଳ ସ୍ୱପ୍ନ ପାଇଁ
ମୋ'ର ନିରୁତା ନିଶ୍ୱାସ ପାଇଁ
ତୋ'ର ଥିବାରେ ବା ନ ଥିବାରେ
ଖାଲି ତୋ'ର ପ୍ରେମ ଟିକେ ପାଇଁ !
ଖାଲି ତୋ'ର ପ୍ରେମ ଟିକେ ପାଇଁ !

ମାର୍ଫତ୍- ଗୋପାଳ ଚନ୍ଦ୍ର ପଣ୍ଡା
ଶାନ୍ତିନଗର, ସୋନପୁର
ମୋ.- ୯୪୩୮୨୦୪୫୯୮

# ବାର୍ ଭିତରେ ରାତିଟିଏ

ଦିବ୍ୟଜ୍ୟୋତି ମହାନ୍ତି



ନିହାରିକା ଚାତକ ପରି ଅପେକ୍ଷା କରିଥିଲା କେତେବେଳେ ଫେରିବେ ତା ମନର ମଣିଷ ଦେବାଶିଷ । ଅଫିସ ଫେରିବା ସମୟଠୁ ଦୁଇ ଘଂଟା ବିଳମ୍ବ ହେଲାଣି କାହିଁକି ସେ ଆସୁନାହାନ୍ତି । ଘଂଟାର କଂଟା ଯେତେ ଯେତେ ଆଗକୁ ଆଗକୁ ବଢୁଥାଏ ନିହାରିକା ମନ ସେତିକି ଆହୁରି ଅଧିକ ବ୍ୟସ୍ତ କରୁଥାଏ ତାକୁ । ବାହାଘରକୁ ଦୁଇ ବର୍ଷ ହେଲାଣି କେବେ ତ ତାଙ୍କର ବିଳମ୍ବ ହୁଏନି ଆଉ ଯଦି ବା କେବେ ବିଳମ୍ବରେ ଫେରିବାର ଥାଏ ସେ ତ କହିଦେଇ ଯାଇଥାନ୍ତି । ହେଲେ ଆଜି ତ ଗଲାବେଳେ ସେ କହିଯାଇଥିଲେ ତୁମେ ସବୁ କାମ ସାରି ଦେଇଥିବ ଆମେ ସାଙ୍ଗ ହୋଇ ସିନେମା ଯିବା ଓ ଗୋଟେ ଭଲ ହୋଟେଲରେ ଖାଇକି ଫେରିବା । କିନ୍ତୁ ଫେରୁନାହାନ୍ତି କାହିଁକି କ'ଣ ରାସ୍ତାରେ କିଛି ଅସୁବିଧା ହେଲା କି, ନା ଆଉ ଅଫିସ୍‌ର କିଛି କାମ ରହିଗଲା । ଯଦି ବି କିଛି କାମ ଅଛି ତ ଫୋନଟା ରିସିଭ୍ କରୁ ନାହାନ୍ତି କ'ଣ ପାଇଁ ? ଏହିପରି ଅନେକ ଚିନ୍ତା ତାକୁ ଚାରିଆଡୁ ଗୋଳେଇ ଘାଂଟି ଖାଇଯାଉଥାଏ । ଏହାରି ଭିତରେ ସେ କେତେ ଥର ଯେ ଯାଇ ବାହାରକୁ ଦେଖି ଆସିଲାଣି ତାହା ସେ ବି ଜାଣେନା । ଦେବାଶିଷକୁ ନେଇ ମନ ଭିତରେ ଯେତିକି ବ୍ୟସ୍ତତା ବସା ବାନ୍ଧୁଥାଏ ସେତିକି ରାଗ ଲାଗୁ ଥାଏ ତାକୁ । ସେ ମନେ ମନେ ଭାବୁଥାଏ କିଭଳି ଲୋକଟା ଟିକିଏ ଫୋନ କରୁନି ଘରେ ଏକୁଟିଆ ସ୍ତ୍ରୀଟା କଣ କଲା କଣ ନାଇଁ ଟିକିଏ ପଚାରି ବୁଝିବାର ବି ନାହିଁ । ଏହିଭଳି ଅନେକ ଚିନ୍ତା ଓ କିଛି ପରିମାଣର ରାଗ ତା ଆଖିରେ ନିଦ ଆଣିଦେଲା ।

ଟିକିଏ ଆଖି ଲାଗିଛି କି ନାଇଁ ହଠାତ୍ ବାଜି ଉଠିଲା କଲିଙ୍ଗ୍‌ବେଲ ଟି । ସେ ଧଡପଡ ହୋଇ ଦଉଡି ଯାଇ କବାଟ ଖୋଲିଲା ଆଉ ତା ଆଗରେ ଛିଡା ହୋଇଥିଲା ତା ମନର ମଣିଷ, ସାତଜନମର ସାଥୀ ଦେବାଶିଷ । ସେ କିଛି କହିବା ଆଗରୁ ଦେବାଶିଷ ହସିଦେଇ କହିଲା ସରି ବେବି ଅଫିସରେ ଟିକେ କାମ ରହିଯାଇଥିଲା ସେଥିପାଇଁ ଏ ବିଳମ୍ବ । ତା' କଥା ନିହାରିକା କେଉଁ ଶୁଣିବା ପରିସ୍ଥିତିରେ ଥିଲା ତା' ରାଗ ତ ପଂଚମରେ ଥିଲା । ତାକୁ ଅନେକ ବୁରାଭଲା ଶୁଣାଇ ଦେଇ ସିଧା ଚାଲିଗଲା ବେଡ୍ ରୁମ୍‌କୁ । ଅଫିସର କାମ ଆଉ ବସ୍‌ଙ୍କ ଗାଳି ଶୁଣି ଘରକୁ ଫେରିଥିବା ଦେବାଶିଷ ଭାବିଥିଲା ଘରର ଦ୍ୱାର ଖୋଲିବା ମାତ୍ରେ ତା ଆଗେ ଛିଡା ହୋଇଥିବ ତା ମନର ମାନସୀ । ମୁହଁରେ ଥିବ ତାର ମିଠା ମିଠା ହସ । ତାକୁ ଘର ଭତରକୁ ପାଛୋଟି ନେଇ ତା ଲୁଗା କାନିରେ ପୋଛିଦେବ ମୁଣ୍ଡରେ ଲାଗିଥିବା ତାର ବୁନ୍ଦା ବୁନ୍ଦା ଝାଳକୁ । ଖାଇବାକୁ ବାଢି ଦେଇ ତା ଆଗରେ ବସି ତା'ର ପଣତ କାନିରେ ବିଂଚି ଦେବ । ହେଲେ ନା, ନିହାରିକାର ରାଗ ଥିଲା ପଂଚମରେ । ହସି କି ପଦେ କହିବା ଦୂରର କଥା ତାକୁ ପଚାରିଲାନି ମଧ୍ୟ ସେ ଖାଇବ କି ନାହିଁ । ବିଚାରା ଦେବାଶିଷର ସେଦିନ ପ୍ରବଳ ମୁଣ୍ଡ ବିନ୍ଧା ହେଉଥାଏ ତା ସାଙ୍ଗକୁ ଦେହଟା କେମିତି ଗୋଟେ କମ୍‌ଜୋର କମ୍‌ଜୋର ଲାଗୁଥାଏ । ଅଫିସର ସବୁ ପରିଶ୍ରମ ଦେହର କ୍ଳାନ୍ତି ଭିତରେ ତାକୁ ସେଦିନ ରାତିରେ ପାଣି ଗ୍ଲାସେ ପିଇ ଶୋଇବାକୁ ହେଲା । ଶୋଇଲା ବେଳେ ଭାବିଲା ନିହାରିକା ତ ସେମିତି ଟିକିଏ ଟିକିଏ କଥାରେ ରାଗେ ନାକ ଫୁଲାଏ, ପିଲାଳିଆମି ଆଜିଯାଏ ବି ତାର ଗଲାନି । କାଲି ସକାଳୁ ସବୁ କିଛି ଠିକ୍ ହୋଇଯିବ ଭାବି ସେ ଶୋଇଗଲା । ସକାଳର ଖରା ଝରକା ଦେଇ ବେଡ୍‌ରୁମ ଉପରେ ପଡୁଥାଏ । ତା ସହ ମଧ୍ୟ ଦେବାଶିଷ ମୁହଁରେ ଖରା ପଡି ସୁଆଇ ଦେଉନଥାଏ ତାକୁ । ସେ ଖରାଟା ଉପରେ ରାଗ ତମତମ ହୋଇ ଉଠିଲା ଆଉ ପଖାରେ ଥିବା ଘଡିକୁ ଲକ୍ଷ୍ୟ କଲାବେଳକୁ ସମୟ ୯.୩୦ । ସେ ବ୍ୟସ୍ତ ହୋଇପଡିଲା ଅଫିସ ଯିବା ପାଇଁ ତାର ବିଳମ୍ବ ହୋଇଗଲାଣି । ତାର ପୁଣି ଆଜି ଗୋଟେ ଜରୁରି ମିଟିଙ୍ଗ ଥିଲା ଯେଉଁଥିପାଇଁ ତ ସେ କାଲି ରାତିରେ ବିଳମ୍ବରେ ଫେରିଲା ଆଉ ଘଟିଗଲା ଏତେ ସବୁ ଘଟଣା । ବେଡର ଆରପଟକୁ ଦେଖିଲା ବେଳକୁ ଶୋଇଛି ନିହାରିକା । ସେ ତ ଏତେ ସମୟ ଶୋଇବାକଥା ନୁହେଁ । ସକାଳର ସୂର୍ଯ୍ୟ ଭୂପୃଷ୍ଠ ଛୁଇଁଥାଏ କି ନାହିଁ ସେ ଉଠେ । ସବୁଦିନେ ସଅଳ ଉଠିବା ତା'ର ଅଭ୍ୟାସ । ଖାଲି ସେତିକି ନୁହେଁ ପ୍ରତ୍ୟେକ ଦିନ ସକାଳୁ ଦେବାଶିଷ ସହ ଲାଗି ତାକୁ ଶେଯରୁ ନ ଉଠାଇଲେ କାଳେ ଦିନଟା ସାରା ନିହାରିକାକୁ ଭଲ ଲାଗେନି । ସବୁଦିନ ସକାଳେ ସେ ପ୍ରଥମେ ହିଁ ଦେଖେ ନିହାରିକାର ମୁହଁ ତା' ଆଖିଆଗରେ । ତା' ଆଖି ଆଗରେ ସବୁଦିନେ ନିହାରିକା ଛିଡା ହୋଇଥାଏ ଚା କପ୍‌ଟେ ଧରି । ଗାଧୋଇ ସାରିବା ପରେ ଖୋଲା କେଶରେ ତାକୁ ଦେଖିଲେ ସତରେ ସେ ଖୁସିରେ ଆତ୍ମହରା ହୋଇଯାଏ । ତାର ଓଦା ମୁକୁଳା କେଶରୁ ଝରୁଥିବା ବୁନ୍ଦା ବୁନ୍ଦା ଜଳ ଦେବାଶିଷର ନିଦ ଭାଙ୍ଗିଥାଏ ପ୍ରତ୍ୟେକ ଦିନ । ସେ ତ ଚାତକ ପରି ସବୁଦିନେ ଏହି ସମୟକୁ ଅପେକ୍ଷା କରିଥାଏ । ଯେତେ ଶୀଘ୍ର ନିଦ ଭାଙ୍ଗିଯାଉ ନା କାହିଁକି ସେ ଜାଣିଶୁଣି ପଡିରହିଥାଏ ବେଡ୍‌ରେ ନିହାରିକାକୁ ଏପରି ଦେଖିବା ପାଇଁ ।

ନିହାରିକାକୁ ସେ ତାର ଛାତି ଉପରକୁ ଟାଣି ନେଇ ତା' ନରମ ଓଠରେ ଆଙ୍କି ଦିଏ ସକାଳର ସତେଜଭରା ମିଠା ମିଠା ଚୁମ୍ବନ । ଆଉ ନିହାରିକା ତାକୁ ପେଲିଦେଇ କୁହେ ଯା' ଦୁଷ୍ଟ ଅଳସୁଆ ଯାଅ ଶୀଘ୍ର, ଅଫିସ ଲେଟ୍ ହୋଇଯିବ ଯେ ତୁମର । ହେଲେ ଆଜି କ'ଣ ହୋଇଛି ନିହାରିକାର ସେ ଏ ପର୍ଯ୍ୟନ୍ତ ବିଛଣାରୁ ଉଠିନି କି ତାକୁ ଉଠାଇନି କଣ ପାଇଁ ? ତା ଦେହ ଭଲ ଅଛି ତ ! ଏମିତି ଚିନ୍ତା କରି ନିହାରିକା ମୁଣ୍ଡରେ ସେ ହାତ ପକାଇ ଦେଖିଲା ଠିକ୍ ଥିଲା ସେ । ତାର ହାତ ସ୍ପର୍ଶରେ ନିହାରିକା ରାଗି ଯାଇ ସେପଟକୁ ବୁଲି ଶୋଇଲା । ବୋଧ ହୁଏ କାଲି ରାତିର ରାଗ ଏପର୍ଯ୍ୟନ୍ତ ବୁଝିନି । ପାଖରେ ବସାଇ ନିହାରିକାକୁ ମିଠାମିଠା କଥା କହି ତା ରାଗ ଶାନ୍ତ କରିବାକୁ ଇଚ୍ଛା ଥିଲେବି ଅଫିସର ମିଟିଙ୍ଗ ପାଇଁ ତାକୁ ଅଫିସ ବାହାରି ଯିବାକୁ ହେଲା । ସେଦିନ ମିଟିଙ୍ଗ୍ ସାରି ସଅଳ ସଅଳ ସେ ଘର ଅଭିମୁଖେ ବାହାରିଲା । ହାତରେ ଥିଲା ମିଠା ପ୍ୟାକେଟ୍ । ସେ ଘରେ ପହଂଚି ନିହାରିକାକୁ ମିଠା ଗୋଟେ ଖୁଆଇଦେବାକୁ ବାହାରିଲାବେଳକୁ ସେ ତା' ହାତକୁ ଫୋପାଡି ଦେଲା । ବିଚରା ମିଠାଟା ବି ଯାଇ ପଡିଲା ତଳେ । ଦେବାଶିଷ ତାକୁ ଯେତେ ବୁଝାଇଲେ ବି ସେ ବୁଝିବାକୁ ଥିଲା ନାରାଜ । ଏସବୁ ଘଟଣା ଦେବାଶିଷକୁ ଆଶ୍ଚର୍ଯ୍ୟଚକିତ କରିଦେଉଥିଲା । ଦିନେ ଯେଉଁ ନିହାରିକା ତାର ବହୁତ ବଡ ବଡ ଭୁଲ ଅତି ସହଜରେ କ୍ଷମା କରିଦେଉଥିଲା ସେହି ନିହାରିକା ଆଜି ସାମାନ୍ୟ କଥା ପାଇଁ ଏପରି ହେଉଛି । ଏପଟେ ଏଇ ଦୁଇ ବର୍ଷରେ ଦୁହିଁଙ୍କ ଭିତରେ ଥିବା ସମ୍ପର୍କ ଯେତିକି ନିବିଡ ହୋଇଥିଲା ତାହା ଏହି ଦୁଇ ଦିନରେ ତାଠୁ ଅଧିକ ବିଗିଡି ଯାଇଥଲା । ବୋଧହୁଏ ନିହାରିକାର ବୟସ ବଢିବା ସଙ୍ଗେ ସଙ୍ଗେ ତାର ଏଇ ବଦ୍‌ଗୁଣ ରାଗ ବି ବଢିଚାଲିଥିଲା । ଅବଶ୍ୟ ଦିନେ ଦେବାଶିଷକୁ ନିହାରିକାର ଏଇ ରାଗ ବହୁତ ଭଲ ଲାଗୁଥିଲା ହେଲେ ଏଭଳି ପରିସ୍ଥିତିରେ ଯେ ନିହାରିକା ତାକୁ ବୁଝିବାକୁ ଚେଷ୍ଟା କରିବନି ସେ ଭାବିପାରୁନଥିଲା । ଦିନେ ଯେଉଁ ନିହାରିକା ତାକୁ ସବୁବେଳେ ସବୁ ପରିସ୍ଥିତିରେ ବୁଝିବ ବୋଲି କଥା ଦେଇଥିଲା ସେ କାହିଁକି ଆଜି ତା'ର ଏଭଳି ଅସହାୟ ପରିସ୍ଥିତିକୁ ବୁଝିପାରୁନଥିଲା । ନିହାରିକାର ଏଭଳି ବ୍ୟବହାର ଦେବାଶିଷକୁ ବହୁତ କଷ୍ଟ ଦେଲା ସେ ସିଧା ଘରୁ ବାହରି ଗଲା । ସେଦିନ ରାତି ତା'ର କଟିଥିଲା ସହରର କେଉଁ ଏକ ବାର୍‌ରେ ।

ମୋ : ୭୩୭୭୫୧୦୨୫୪



EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

ପରିକ୍ରମା






ଭୁବନେଶ୍ୱର, ୦୪ - ୧୦ ଡିସେମ୍ବର, ୨୦୧୭
Bhubaneswar, 04th - 10th December, 2017




## ବିକାଶ ବିଜ୍‌ନେସ୍ ସ୍କୁଲ୍‌ରେ 'ଲିଡ୍ ୟୋର୍ ଟିମ୍' ଶୀର୍ଷକ ସଂଗୋଷ୍ଠୀ

**ବରଗଡ଼, (ଇଏନ୍ଏସ୍) :** ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ରେ 'ଲିଡ୍ ୟୋର୍ ଟିମ୍' ଶୀର୍ଷକ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧନ ଶିକ୍ଷା କ୍ଷେତ୍ରରେ ସୁନାମଧନ୍ୟ ଭାରତୀୟ ପ୍ରବନ୍ଧନ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଅତ୍ରି ସେନ୍ ଗୁପ୍ତା ଏହି ସଂଗୋଷ୍ଠୀରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରବନ୍ଧନ, କମ୍ପ୍ୟୁଟର ଏବଂ ବାଣିଜ୍ୟ ବିଭାଗର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇଥିବା ଏହି ଶିବିରରେ ବକ୍ତାମାନେ ସଂପ୍ରତି କର୍ପୋରେଟ୍ ସଂସ୍କୃତିରେ ପ୍ରବନ୍ଧକମାନଙ୍କ ପାଇଁ ଆବଶ୍ୟକୀୟ ନେତୃତ୍ୱବୋଧର ବିଭିନ୍ନ କୋଣ ଉପରେ ମ୍ୟାନେଜ୍‌ମେଣ୍ଟ କେସ୍ ଷ୍ଟଡି ମାଧ୍ୟମରେ



ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମେନ୍ ଡି.ମୂରଲୀ କ୍ରୀଷ୍ଣା ସ୍ୱାଗତ ଭାଷଣରେ ଗୁଣାତ୍ମକ ମ୍ୟାନେଜ୍‌ମେଣ୍ଟ ଶିକ୍ଷାରେ ଆଇଆଇଏମ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ରେଖାଙ୍କିତ କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱବୋଧ ଏବଂ ଦଳବଦ୍ଧ ଭାବେ କାମ କରିବା ଉପରେ ଆଲୋକପାତ କରିଥିଲେ। ଦୀର୍ଘ ୩ଘଣ୍ଟା ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଅଧ୍ୟକ୍ଷ ଇଂ.ଅଜୟ ମହାପାତ୍ର, ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଇଂଜିନିୟରିଂ କୋଅର୍ଡିନେଟର ଇଂ.ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ। ସଭା ଆରମ୍ଭରେ ବିବିଏ ଛାତ୍ରୀ ମୁସ୍କାନ୍ ଅଗ୍ରୱାଲ୍ ଓ ଅଙ୍କିତା ବାନାର୍ଜୀ ଅତିଥି ପରିଚୟ ଏବଂ ସଭା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଶେଷରେ ମ୍ୟାନେଜ୍‌ମେଣ୍ଟ ସ୍କୁଲ୍ ର କୋଅର୍ଡିନେଟର ଆର୍‌ଏସ୍‌ଭି କ୍ରୀଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଶେଷ ହେଲା ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ'

**ପାରାଦୀପ, (ଇଏନ୍ଏସ୍) :** ପାରାଦୀପରେ ଓଡିଶା ପୋଲିସ ଦ୍ୱାରା ପାରାଦୀପରେ ଆୟୋଜିତ ହୋଇଥିବା ଦୁଇଦିନିଆ ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ' ଶେଷ ହୋଇଯାଇଛି। ଉପକୂଳ ସୁରକ୍ଷା ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସମୁଦ୍ର ପଥରେ ବେଆଇନ୍ ଭାବେ ରପ୍ତାନୀ ଓ ଆମଦାନୀ ହେଉଥିବା ଅସ୍ତ୍ରଶସ୍ତ୍ର, ବେଆଇନ୍ ଭାବେ ମାଛଧରା, ଅସାମାଜିକ ତତ୍ତ୍ୱ ଓ ଆତଙ୍କବାଦୀ ମାନଙ୍କୁ ଯାଞ୍ଚ କରିବା ସହିତ ଉପକୂଳ ସମେତ ଗୁରୁତ୍ୱପୁର୍ଣ୍ଣ ପ୍ରତିଷ୍ଠାନ ଉପରେ ତୀକ୍ଷ୍ଣ ନଜର ରଖିବା । ୨୬/୧୧ ମୁମ୍ବାଇ ଆକ୍ରମଣ ପରେ କେନ୍ଦ୍ର ସରକାର ଉପକୂଳ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଦୁଇଦିନ ଧରି ଚାଲିଥିବା ମିଳିତ





ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ' ସମାପନ ହୋଇଯାଇଅଛି। ଏଥିରେ ପାରାଦୀପର ସମସ୍ତ ୫ଟି ଥାନା ପାରାଦୀପ, ନେହେରୁ ବଙ୍ଗଳା ମେରାଇନ୍‌ଥାନା, ଅଭୟଚାନ୍ଦପୁର, ଲକ୍‌ଥାନା, ଜଟାଧାରୀ ମୁହାଁଣ ମେରାଇନ୍ ଥାନାର କର୍ମଚାରୀଙ୍କ ସମେତ ବନ୍ଦରର ମେରାଇନ ବିଭାଗ ଓ ଓଡ୍ରାଫ୍ ସଂସ୍ଥାର ପ୍ରତିନିଧିମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଜୟନାରାୟଣ ପଙ୍କଜ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ଚରଣ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବହୁ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଉପକୂଳ ସୁରକ୍ଷା ଅଭ୍ୟାସ ଦ୍ୱାରା ଭବିଷ୍ୟତରେ ସମ୍ଭାବ୍ୟ ଅକ୍ରମଣ ଓ ଅପରାଧମୂଳକ ଗତିବିଧିକୁ ବହୁମାତ୍ରାରେ ନିୟନ୍ତ୍ରଣାଧିନ କରାଯାଇପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏସିଡ୍ ଟେଷ୍ଟରେ ...

ବିଜେପି ଆଖିଦୃଶିଆ ସଫଳତା ହାସଲ କରିଛି। କିନ୍ତୁ ପ୍ରଥମ ଥର ପାଇଁ ପୌର ନିର୍ବାଚନରେ ବିଏସ୍‌ପି ଦଳୀୟ ସଂକେତରେ ନିର୍ବାଚନ ଲଢ଼ି ସଫଳତା ହାସଲ କରିଛି। ସାଧାରଣ ନିର୍ବାଚନରେ ବିଏସ୍‌ପିର ଶୋଚନୀୟ ପରାସ୍ତ ହୋଇଥିଲା ଏବଂ ସେ ଏହା ପୂର୍ବରୁ ବିଏସ୍‌ପି ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେଉଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନିର୍ବାଚନରେ କଂଗ୍ରେସର ସ୍ଥିତି ଅତ୍ୟନ୍ତ ଦୟନୀୟ। ଅଧିକାଂଶ ସ୍ଥାନରେ ଦଳୀୟ ପ୍ରାର୍ଥୀ ଶୋଚନୀୟ ପରାଜୟବରଣ କରିଛନ୍ତି। ପରିତାପର ବିଷୟ, କଂଗ୍ରେସ ଉପାଧ୍ୟକ୍ଷ ରାହୁଲ ଗାନ୍ଧିଙ୍କ ନିର୍ବାଚନମଣ୍ଡଳୀ ଆମେଥିରେ ବିଜେପି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଜେପି ପାଇଁ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ଅଯୋଧ୍ୟା ପୌର ନିଗମ ଦଳର ଝୁଲାକୁ ଆସିଛି। ଭୋଟ୍ କରାଯାଇଥିବା ୫୪୩୪ ନଗରପଂଚାୟତ ଆସନରୁ ସ୍ୱାଧୀନ ପ୍ରାର୍ଥୀ ୫୨୨ ଆସନରେ ବିଜୟୀ ହୋଇଥିଲା ବେଳେ ବିଜେପି ଆଗରେ ରହିଛି। ୫୨୬୧ କର୍ପୋରେଟର୍ ଆସନ ମଧ୍ୟରୁ ବିଜେପି ଅଧିକ ଆସନ ଅକ୍ତିଆର କରିଛି। ଲକ୍ଷ୍ନୌରେ ବିଜେପି ଉଲ୍ଲେଖନୀୟ ସଫଳତା ହାସଲ କରି ମେୟର ପଦ ଅକ୍ତିଆର କରିବାକୁ ଯାଉଛି। ଲକ୍ଷ୍ନୌ କର୍ପୋରେସନ୍‌ର ୧୦୦ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ମେୟର ହେବାକୁ ଯାଉଛନ୍ତି। ବିଜେପିର ସଂଯୁକ୍ତା ଭାଟିଆ ମେୟର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୧୬ରେ ଉତ୍ତରପ୍ରଦେଶ ମ୍ୟୁନିସିପାଲ ଆଇନ ପ୍ରଥମେ ଲାଗୁ ହୋଇଥିଲା। ଏଥର ପୌର ନିର୍ବାଚନରେ ସମାଜବାଦୀ ପାର୍ଟି ସେଭଳି ଭଲ ଫଳାଫଳ କରିନାହିଁ। ଆମ୍ ଆଦ୍‌ମୀ ପାର୍ଟି ଏପର୍ଯ୍ୟନ୍ତ ୨ଟି ଆସନରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ହୋଇଛି। ଉତ୍ତରପ୍ରଦେଶ ପୌର ନିର୍ବାଚନରେ ବିଜେପିକୁ ବିପୁଳ ବିଜୟ ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଉତ୍ସାହିତ ହୋଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ହଡପ ପଛରେ ...

ଯାହାଫଳରେ କଳାରାହାଙ୍ଗ ମୌଜାରେ ଥିବା ଉକ୍ତ ସରକାରୀ ଜମିର କିସମ ବଦଳିଗଲା ଓ ଏହି ଜମି କିଛି ଲୋକଙ୍କ ବ୍ୟକ୍ତିଗତ ମାଲିକାନା ହୋଇଗଲା। ଏତିକିରେ ସରିଲାନି ବାବୁଙ୍କ କଲମ ମୁନର ଖେଳ। ଉକ୍ତ ଜମିର କିସମ ପରିବର୍ତ୍ତନ କରାଯିବା ପରେ ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଇଥିବା ସମ୍ପତ୍ତି ବିକ୍ରି ଖର୍ଦ୍ଦିରେ ମଧ୍ୟ ବାବୁଙ୍କ ହାତ ଥିବା ଜଣାପଡିଛି। ଯାହା ଜଣାଯାଏ ଏଭଳି ଘଟଣା ପଛରେ ଏକ ବିରାଟ ଷଡଯନ୍ତ୍ର ଓ ର୍‍ୟାକେଟ୍ କାମ କରିଥିଲା। ତହସିଲଦାର ଭାବେ କାମ କରୁଥିବା ଏହି ବାବୁ ଜଣକ ଏବେ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ ବୋଲି ଜଣାପଡିଛି। ବେଆଇନ୍ ଅର୍ଥ ଉପାର୍ଜନ କରିବା ପରେ ସେ ଏବେ ସ୍ୱଚ୍ଛନ୍ଦରେ ରାଜଧାନୀରେ ବାସ କରୁଛନ୍ତି। ଖବର ଅନୁସାରେ ବାବୁ ଜଣକ ଖୁବ୍ ପ୍ରଭାବଶାଳୀ ଏବଂ ତାଙ୍କ ପଛରେ ବହୁ ରାଜନେତା ମଧ୍ୟ ଅଛନ୍ତି। ଯେଉଁଥିପାଇଁ ସେ ଆଇନ୍ ଆଖିରେ ଅଙ୍ଗୁଳି ଗେଞ୍ଜି ସରକାରୀ ତହବିଲ୍‌କୁ ଖୋଲ କରି ନିଆଁଗିଳା ଅଧିକାରୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ତେଣୁ ଏ ଦିଗରେ ତଦନ୍ତର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି।

### ତିନି ତଲାକ୍ ...

ପ୍ରତିକ୍ରିୟା ଓ ମତାମତ ଯେତେଶୀଘ୍ର ଦେବାପାଇଁ ନିର୍ଦ୍ଦେଶ ରହିଛି। ଗୃହମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଏକ ମନ୍ତ୍ରୀସ୍ତରୀୟ କମିଟି ଏହି ବିଲ୍‌ଟିକୁ ପ୍ରସ୍ତୁତ କରିଛନ୍ତି। କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଲେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ, ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ, ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏବଂ ଆଇନ ରାଷ୍ଟ୍ରମନ୍ତ୍ରୀ ପିପି ଚୌଧୁରୀ । ଏହା ତତ୍କାଳ ତିନି ତଲାକ୍ ବା ତଲାକ୍-ଇ-ବିଦାତ୍ ପାଇଁ ଲାଗୁ ହେବ ଏବଂ ଛାଡ଼ପତ୍ରର ଶିକାର ହୋଇଥିବା ମହିଳା ଏହି ଆଇନ ବଳରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ତାଙ୍କ ପାଇଁ ଏବଂ ତାଙ୍କର ନାବାଳକ ସନ୍ତାନ ପାଇଁ କ୍ଷତିପୂରଣ ଦାବି କରିପାରିବେ। ମହିଳାଙ୍କର ନାବାଳକ ଶିଶୁ ଉପରେ ଅଧିକାର ପାଇଁ ମଧ୍ୟ ସେ ନ୍ୟାୟାଳୟ ନିକଟରେ ଦାବି ରଖିପାରିବେ। ଏହି ଆଇନ ଅନୁଯାୟୀ ମୌଖିକ, ଇମେଲ୍, ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟ୍‌ସ୍‌ଆପ୍ ଆଦି ଯେକୌଣସି ମାଧ୍ୟମରେ ତଲାକ୍ କହିଥିଲେ ମଧ୍ୟ ତାହା ନିନ୍ଦନୀୟ, ବେଆଇନ୍ ଓ ମୂଲ୍ୟହୀନ ବୋଲି ବିଚାର କରାଯିବ।

### 'ନୂଆ ବ୍ୟବସ୍ଥା ...

ଜାଲ କମ୍ପାନୀଗୁଡ଼ିକୁ ଚିହ୍ନଟ କରାଯାଇ ସେଗୁଡ଼ିକର ନିର୍ଦ୍ଦେଶକମାନେ ଯେପରି ଅନ୍ୟ କମ୍ପାନୀରେ କାର୍ଯ୍ୟକର୍ତ୍ତା ଭାବେ ରହିନପାରିବେ ତାହାର ବ୍ୟବସ୍ଥା ହେଉଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ତାଙ୍କ ସରକାର ସ୍ୱଚ୍ଛ ଭାରତ ଅଭିଯାନ ଚଳାଇଛି। ଜନଧନ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ଉଜ୍ଜ୍ୱଳା ଯୋଜନାରେ ରିହାତି ଦରରେ ରନ୍ଧନ ଗ୍ୟାସ୍, ଏଲ୍‌ଇଡି ବଲ୍‌ବ, କମ୍ ପ୍ରିମିୟମରେ ଗରିବ ଲୋକଙ୍କୁ ଜୀବନ ବୀମା ସୁବିଧା ମିଳିବା ସମ୍ଭବ ହୋଇଛି। ଡିଜିଟାଲ୍ ଇଣ୍ଡିଆ ତାଙ୍କ ସରକାରଙ୍କ ଆଉ ଏକ ଅଣଲେଉଟା ପ୍ରାରମ୍ଭ। ସରକାରଙ୍କ ଏହିସବୁ ଅଭିନବ ପଦକ୍ଷେପ ଯୋଗୁ ଗରିବଙ୍କ ମନରେ ଆତ୍ମବିଶ୍ୱାସ ବଢ଼ିଛି ଓ ପ୍ରତ୍ୟୟ ସୃଷ୍ଟି ହୋଇଛି। ମୋଦି କହିଛନ୍ତି, ୨୦୧୪ରେ ଦେଶବାସୀ ସରକାର ନୁହେଁ, ଶାସନ ବ୍ୟବସ୍ଥା ବଦଳାଇବାକୁ ଭୋଟ ଦେଇଥିଲେ। ଲୋକେ ଚାହିଁଥିଲେ, ଦୁର୍ନୀତିମୁକ୍ତ, ନାଗରିକ-କୈନ୍ଦ୍ରିକ ତଥା ବିକାଶମୁଖୀ ଶାସନ ବ୍ୟବସ୍ଥା ଯାହା ତାଙ୍କ ସରକାର ଦେବାକୁ ଅଙ୍ଗୀକାରବଦ୍ଧ ହୋଇଛି। ସେଥିପାଇଁ ଯାହା ରାଜନୀତିକ ମୂଲ୍ୟ ଦେବାକୁ ପଡ଼ିଲେ ବି ସେ ଅଗ୍ରସର ହେବେ ବୋଲି ମୋଦି କହିଛନ୍ତି।

### ପିପିପି ମୋଡରେ ...

ଏଥିରେ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଦ୍ରୁତ ବିକାଶ ପଥରେ ଆଗେଇଚାଲିଥିବା ଓଡିଶାରେ ସାଧାରଣ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ୪କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ସରକାରୀ – ବେସରକାରୀ ଡାକ୍ତରଖାନା ମାନଙ୍କରେ ମାତ୍ର ୩୬ ହଜାର ଶଯ୍ୟା ଉପଲବ୍ଧ। କେବଳ ଖୋର୍ଦ୍ଧା (ଭୁବନେଶ୍ୱର), କଟକ ଏବଂ ସୁନ୍ଦରଗଡ ଜିଲ୍ଲାରେ ମୁଖ୍ୟତଃ ଭଲ ଡାକ୍ତରଖାନା ସବୁ ରହିଛି। ସେଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରୋଗୀମାନଙ୍କୁ ଦୀର୍ଘ ବାଟ ଚିକିତ୍ସା ପାଇଁ ଆସିବାକୁ ପଡୁଛି। ଏହି ସବୁକୁ ବିଚାରକୁ ନେଇ ରାଜ୍ୟର ୧୯ଟି ସ୍ଥାନରେ ଯଥା ପୁରୀ, ଜୟପୁର, ଅନୁଗୋଳ, ବଡବିଲ୍, ବାରିପଦା, ଭଦ୍ରକ, ବଲାଙ୍ଗିର, କଳାହାଣ୍ଡି, ଝାରସୁଗୁଡା, ଫୁଲବାଣୀ, ଢେଙ୍କାନାଳ, ବୌଦ୍ଧ, ନୂଆପଡା, ମାଲକାନଗିରି, ନବରଙ୍ଗପୁର, ସୁବର୍ଣ୍ଣପୁର, ରାୟଗଡା, ପାରଳାଖେମୁଣ୍ଡି ଏବଂ ରାଇରଙ୍ଗପୁର ଭଳି ସ୍ଥାନରେ ପିପିପି ମୋଡରେ ୧୯ ଟି ଡାକ୍ତରଖାନା ସ୍ଥାପନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି । ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ସରକାରଙ୍କ ତରଫରୁ ପ୍ରକଳ୍ପ କାର୍ଯ୍ୟନିର୍ବାହ ବ୍ୟବସ୍ଥା, କେଉଁମାନେ ସକ୍ଷମ ହୋଇପାରିବେ, କେଉଁମାନଙ୍କୁ ନ୍ୟସ୍ତ କରାଯାଇପାରିବ, ଆର୍ଥିକ ସ୍ୱଚ୍ଛଳତା ଏବଂ ରାଜ୍ୟ ସରକାରଙ୍କ ସହାୟତା ବା ସହଯୋଗ ଆଦି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ବିଶ୍ୱ ବ୍ୟାଙ୍କ ଗ୍ରୁପ୍‌ର ଆନ୍ତର୍ଜାତିକ ଅର୍ଥ ନିଗମର ସହଯୋଗରେ ଇଡକଲ୍ ହାଉସଠାରେ ଆୟୋଜିତ ଏହି କର୍ମଶାଳାରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ସଞ୍ଜିବ ଚୋପ୍ରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର – ଶାସନ ସଚିବ ତଥା ସି.ଏମ୍.ଡି ଇଡକୋ ସଞ୍ଜୟ କୁମାର ସିଂହ, ସାଉଥ ଏସିଆ ପିପିପି କାର୍ଯ୍ୟନିର୍ବାହ ପରାମର୍ଶ ସେବା ପରିଚାଳକ ମିସି ଇଶାବେଲ ଚାଟରଟନ୍ ଏବଂ ପୁଞ୍ଜିନିବେଶ ଅଧିକାରୀ ଡଃ ପ୍ରଣବ ମୋହନ ପ୍ରମୁଖ ଏହି କର୍ମଶାଳାରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ବାହାରୁ ଏଥିପାଇଁ ପ୍ରାୟ ୨୫ ପୁଞ୍ଜି ନିବେଶକାରୀ ଯୋଗ ଦେଇଥିଲା ବେଳେ ୪୦ରୁ ଅଧିକ ସଂସ୍ଥାର କର୍ମକର୍ତ୍ତା ଏବଂ ୧୦୦ରୁ ଅଧିକ ଆଗ୍ରହୀ ଯୋଗଦାନ କରିଥିଲେ।

### ଜିଡିପିରେ ...

ବସ୍ତୁ ଓ ସେବା କର(ଜିଏସ୍‌ଟି)ର ପ୍ରଚଳନ ଅର୍ଥନୀତି ଉପରେ ଯେଉଁ ସାମୟିକ ପ୍ରତିକୂଳ ପ୍ରଭାବ ପକାଇଥିଲା ତାହା ଅପସରି ଯାଉଛି। ଏବେଠାରୁ ଅର୍ଥନୀତିକ ଅଭିବୃଦ୍ଧି ଗ୍ରାଫ୍ ଊର୍ଦ୍ଧ୍ୱମୁଖୀ ରହିବ। ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଗୁଜରାଟରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜିଡିପି ବୃଦ୍ଧି ହାର ସେପ୍ଟେମ୍ବରରେ ସମାପ୍ତ ତ୍ରୟମାସରେ ଉଚ୍ଚ ରହିବା ସରକାରଙ୍କ ପାଇଁ ଖୁସି ଖବର। ଜୁନ୍‌ରେ ସମାପ୍ତ ତ୍ରୟମାସରେ ଦେଶର ଜିଡିପି ବୃଦ୍ଧି ହାର ଥିଲା ୫.୭%। ବିରୋଧୀ ଦଳଗୁଡ଼ିକ କହୁଥିଲେ, ବିନା ପ୍ରସ୍ତୁତିରେ ଅଚାନକ ବିମୁଦ୍ରାକରଣ ନିଷ୍ପତ୍ତି ନିଆଯିବା ଓ ତରବରିଆ ଭାବେ ଜିଏସ୍‌ଟି ପ୍ରଚଳନ କରାଯିବା କାରଣରୁ ଅର୍ଥନୀତିରେ ମାନ୍ଦାବସ୍ଥା ଆସି ଅଭିବୃଦ୍ଧି ହାର ତଳକୁ ଖସିଛି। ଜିଏସ୍‌ଟି କ୍ଷୁଦ୍ର ବ୍ୟବସାୟୀଙ୍କ ମେରୁଦଣ୍ଡ ବଙ୍କା କରିଦେଇଛି। ବିରୋଧୀଙ୍କ ଏ ପ୍ରକାର ନୈରାଶ୍ୟ ଭାବର ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ବିମୁଦ୍ରାକରଣ ଓ ଜିଏସ୍‌ଟି ପ୍ରଚଳନ ହେଉଛି ଦୁଇଟି ମହତ୍ତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପ ଯାହାର ଦୀର୍ଘସ୍ଥାୟୀ ସୁଫଳ କିଛି ଦିନ ପରେ ମିଳିବ। ନିମ୍ନାଭିମୁଖୀ ହୋଇ ରହିଥିବା ଜିଡିପି ବୃଦ୍ଧି ହାର ସେପ୍ଟେମ୍ବରରେ ସରିଥିବା ତ୍ରୟମାସରେ ଊର୍ଦ୍ଧ୍ୱମୁଖୀ ହେବାରୁ ସରକାର, ଶିଳ୍ପ ଓ ବ୍ୟବସାୟ ମହଲ ଉତ୍ସାହିତ ହୋଇଛନ୍ତି। ତେବେ, କଂଗ୍ରେସ ନେତା ପି ଚିଦାମ୍ବରମ୍ କହିଛନ୍ତି, ଗୋଟିଏ ତ୍ରୟମାସର ଫଳକୁ ନେଇ ଉଲ୍ଲସିତ ନହୋଇ ଆଗାମୀ ତିନି ଚାରିଟି ତ୍ରୟମାସରେ କ'ଣ ହେଉଛି ତାହା ଦେଖିବାକୁ ଅପେକ୍ଷା କରାଯାଉ। ସେପ୍ଟେମ୍ବରରେ ସମାପ୍ତ ତ୍ରୟମାସରେ ମାନୁଫାକଚରିଂ କ୍ଷେତ୍ରର ଅଭିବୃଦ୍ଧି ହାର ୭% ରହିଛି ଯାହା ଜୁନ୍‌ରେ ସମାପ୍ତ ତ୍ରୟମାସରେ ମାତ୍ର ୧.୨% ଥିଲା। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ଅଟୋମୋବାଇଲ୍ ବିକ୍ରି, ନିର୍ମାଣ, ଶକ୍ତି ଉତ୍ପାଦନ ପୂର୍ବ ତ୍ରୟମାସ ତୁଳନାରେ ବହୁତ ଅଧିକ ବଢ଼ିବାରୁ ଜିଡିପି ବୃଦ୍ଧି ହାର ବଢ଼ିଛି। ଗତ ୧୭ତାରିଖରେ ଅନ୍ତରାଷ୍ଟ୍ରୀୟ ରେଟିଂ ଏଜେନ୍ସି 'ମୁଡିଜ୍' ଭାରତର କ୍ରେଡିଟ୍ ରେଟିଂ ବଢ଼ାଇଛି। ଫଳରେ ଭାରତରେ ପୁଞ୍ଜି ନିବେଶ କରିବାକୁ ବିଦେଶୀ ନିବେଶକମାନେ ଆଗ୍ରହୀ ହେବେ। ଦେଶକୁ ପ୍ରଚୁର ବିଦେଶୀ ପ୍ରତ୍ୟକ୍ଷ ନିବେଶ ବା ଏଫ୍‌ଡିଆଇ ଆସିବ। ତେଣୁ ଆଗାମୀ ଦିନରେ ଜିଡିପି ବୃଦ୍ଧି କ୍ଷୀପ୍ରତର ହେବା ଆଶା କରାଯାଏ। ମୁଡିଜ୍ ଆକଳନ କରିଛି ଯେ ୨୦୧୮ ମାର୍ଚ୍ଚ ୩୧ରେ ସମାପ୍ତ ହେଉଥିବା ଆର୍ଥିକ ବର୍ଷରେ ଦେଶର ଜିଡିପି ବୃଦ୍ଧି ହାର ୬.୭% ରହିବ ଓ ତା' ପର ବର୍ଷ ତାହା ୭.୫%କୁ ବଢ଼ିବ।

### ଓଡ଼ିଶାକୁ ...

ତେଣୁ ଏହାର ବିରୋଧ ଆହୁରି ଜୋର୍‌ଦାର୍ କରାଯିବ। ପୋଲାଭରମ ପ୍ରକଳ୍ପ ବିରୋଧରେ ଓଡ଼ିଶା ସହିତ ତେଲେଙ୍ଗାନା ରହିଛି ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କର ଆଲୋଚନା କରିଥିବା ସେ ସ୍ପଷ୍ଟ କରିଛନ୍ତି। ତେବେ ଏନେଇ ତେଲେଙ୍ଗାନା ସରକାରଙ୍କ ଠାରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ସମର୍ଥନ ଚାହିଁଥିବା ସେ ସୂଚନା ଦେଇଥିଲେ। ସୂଚନାଥାଉ କି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲାଭରମ ପ୍ରକଳ୍ପ ନିର୍ମାଣ ବନ୍ଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଚିଠିରେ ସେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ଏନେଇ ଥିବା ସମସ୍ତ ବିବାଦ ସମାଧାନ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କାମ ବନ୍ଦ ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏନେଇ ସେ କେନ୍ଦ୍ର ସରକାର ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଥିଲେ ସୁଦ୍ଧା ଓଡ଼ିଶାର ସ୍ୱାର୍ଥରକ୍ଷା ନେଇ ସମସ୍ତେ ଉଦାସୀନ ରହୁଥିବା ସେ ତାଙ୍କ ଚିଠିରେ ଦର୍ଶାଇଥିଲେ। ଏହି ବିଷୟ ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧିନ ରହିଛି। ତେଣୁ କାମ ବନ୍ଦ ପାଇଁ ସେ ଉଭୟ କେନ୍ଦ୍ର ଏବଂ ଆନ୍ଧ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ଏହା କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲ୍ଲାର ବହୁ ଗାଁ ଜଳମଗ୍ନ ହେବା ସହିତ ଲୋକ ବିସ୍ଥାପିତ ହେବେ। ତେଣୁ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ରାୟ ଆଧାରରେ ଏହି ପ୍ରକଳ୍ପକୁ ପରିବର୍ତ୍ତିତ କରିବାକୁ ସେ ଅନୁରୋଧ କରିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଗତକାଲି ପୋଲାଭରମ ପ୍ରକଳ୍ପକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଏନେଇ ଯଦି କେନ୍ଦ୍ର ସରକାର ସନ୍ତୁଷ୍ଟ ନାହାନ୍ତି, ତା'ହେଲେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଆନ୍ଧ୍ର ସରକାର ରାଜି ଅଛନ୍ତି। ପୋଲାଭରମ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ତାଙ୍କ ଜୀବନର ଲକ୍ଷ୍ୟ ଏବଂ ଏହା କାର୍ଯ୍ୟକ୍ଷମ ହେଲେ ରାଜ୍ୟର ପ୍ରଭୂତ ଉନ୍ନତି ଘଟିବ ବୋଲି ସେ କହିଥିଲେ। ମାତ୍ର ଏହି ପ୍ରକଳ୍ପକୁ ନେଇ କିଛି ପଡ଼ୋଶୀ ରାଜ୍ୟ ଏବଂ ବିରୋଧୀଦଳଗୁଡ଼ିକ ଯେଭଳି ଭାବରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ତାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଆନ୍ଧ୍ରପ୍ରଦେଶ ବିଧାନସଭାରେ ଏନେଇ ପ୍ରତିକ୍ରିୟା ପ୍ରକାଶ କରି ସେ କହିଥିଲେ ଯେ କେନ୍ଦ୍ରରେ ତାଙ୍କ ଦଳ ଟିଡିପି ମେଣ୍ଟ ସରକାରରେ ରହିଛି। ସେହିପରି ଆନ୍ଧ୍ରପ୍ରଦେଶରେ ମଧ୍ୟ ବିଜେପି ସହିତ ତାଙ୍କର ମେଣ୍ଟ ଅଛି। ତେଣୁ ଅନେକ ସମୟରେ ଏହି ପ୍ରସଙ୍ଗକୁ ନେଇ ସେ ଚୁପ୍ ରହୁଛନ୍ତି। ଏହାର ଅର୍ଥ ନୁହେଁ ଯେ ପୋଲାଭରମ ପ୍ରକଳ୍ପକୁ ନେଇ ଯିଏ ଯାହା ଚାହିଁବେ ମନଇଚ୍ଛା କରିବେ।

### ବ୍ୟୟ ବରାଦ ...

ଅଣବନ୍ଧିତ ସମ୍ବଳରୁ ୩୩୦୦କୋଟି, ବିଭିନ୍ନ ବିଭାଗ ଫେରାଇଥିବା ଅନୁଦାନରୁ ୧୨୧୬ କୋଟି ଓ ବର୍ଷଶେଷ ବେଳକୁ ୧୪୦୫.୨୮ କୋଟି ଟଙ୍କା ସଂଚୟ ଓ ସର୍ମପଣ ଜରିଆରେ ଭରଣା କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ଋଣଭାର ଏବେ ୬୬,୫୬୦କୋଟି ଟଙ୍କା ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୫୫୦୦କୋଟି ଟଙ୍କା ଋଣ କରାଯାଇଛି। ପୁଞ୍ଜିଗତ ବ୍ୟୟ କ୍ଷେତ୍ରରେ ଓଡ଼ିଶା ଦେଶର ସବୁଠୁ ଆଗରେ ରହିଛି। ବଜେଟ୍‌ରେ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ର ପାଇଁ ୩୫୦୭.୪୭ କୋଟି ଟଙ୍କା, ବିଜୁ ପକ୍କାଘର (ପିଏମ୍‌ଏୱାଇ) ପାଇଁ ୨୨୭୩.୦୪କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନିମନ୍ତେ ୭୧୪.୯୯କୋଟି, ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ୧୯୭.୯୩ କୋଟି ଟଙ୍କା, ଜଳସେଚନ ଭିତ୍ତିଭୂମି ଉନ୍ନୟନ ପାଇଁ ୪୯୩.୪୭କୋଟି ଟଙ୍କା, ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ 'ଉନ୍ନତି' ଯୋଜନାରେ ୨୫୮.୭୭କୋଟି, ସହରାଞ୍ଚଳ ପାନୀୟ ଜଳ ଯୋଗାଣ 'ବସୁଧା'ରେ ୧୧୧.୧୯କୋଟି ଟଙ୍କା ଆବଣ୍ଟିତ ହୋଇଛି। ସେହିପରି ଆଦିବାସୀ ଅଧୁଷିତ ଜିଲ୍ଲାଗୁଡ଼ିକର ଉନ୍ନୟନ ପରିଷଦ ପାଇଁ ପ୍ରଥମଥର ୧୭୫.୫୦କୋଟି ଟଙ୍କାର ବଜେଟ୍ ବରାଦହୋଇଥିବାବେଳେ ବିଜୁ ଯୁବ ସଶକ୍ତିକରଣ ଯୋଜନା ପାଇଁ ୫୦କୋଟି ଟଙ୍କାର ଆଖିଦୃଶିଆ ବ୍ୟୟବରାଦ ହୋଇଛି। ଓଡ଼ିଶା ବିଶ୍ୱକପ୍ ହକି ପାଇଁ ୧୭.୨୦କୋଟି, ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦କୋଟି ଟଙ୍କା, ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କ ବର୍ଦ୍ଧିତ ପାରିଶ୍ରମିକ ବାବଦରେ ୧୦୦କୋଟି, ବ୍ଲକ୍‌ଗ୍ରାଣ୍ଟ ସ୍କୁଲ ଓ କଲେଜକୁ ବର୍ଦ୍ଧିତ ହାରରେ ଅନୁଦାନ ପାଇଁ ୧୪୦କୋଟି, ଶିକ୍ଷା ସହାୟକଙ୍କୁ ନିୟମିତ ଦରମା ପାଇଁ ୯୬.୧୮ କୋଟି, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସଂଶୋଧିତ ଦରମା ପାଇଁ ୩୧ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସେହିପରି ଆଇଓସିଏଲ୍ ସହ ସଂଶୋଧିତ ଚୁକ୍ତିନାମା ଆଧାରରେ ୨୦୧୬-୧୭,୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ୧୪୦୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସେହିପରି ବିଜେପୁର ଉପନିର୍ବାଚନ ପରିଚାଳନା ପାଇଁ ୧.୪୫ କୋଟି ଟଙ୍କା, ରାଜ୍ୟ ରାଜଧାନୀ ପ୍ରକଳ୍ପ ପାଇଁ ୩୩.୭୧ କୋଟି ଟଙ୍କା, ଝାରସୁଗୁଡ଼ା ଏୟାରଷ୍ଟ୍ରିପ୍ ପାଇଁ ୩୨.୦୮ କୋଟି ଟଙ୍କା, ମଧୁବାବୁ ପେନ୍‌ସନ୍ ଯୋଜନାରେ ଅଧିକ ହିତାଧିକାରୀଙ୍କୁ ସାମିଲ ପାଇଁ ୬୨.୦୯ କୋଟି ଟଙ୍କା, ଅନୁସୂଚିତ ଜାତିଙ୍କ ବିକାଶ ପାଇଁ ୮୪.୬୬ କୋଟି, ମେଡିକାଲ କଲେଜର ସମ୍ପୂର୍ଣ୍ଣୀକରଣ ପାଇଁ ୫୭.୩୦କୋଟି, ଆଦିବାସୀ ଛାତ୍ରୀ ହଷ୍ଟେଲ୍ ନିର୍ମାଣ ପାଇଁ ୭୪ କୋଟି ଟଙ୍କା, ସ୍ୱତନ୍ତ୍ର ଉନ୍ନୟନ ପାଡରି ପାଇଁ ୭୦କୋଟି ଟଙ୍କା, ଓଡ଼ିଶା ସଡ଼କ ସୁରକ୍ଷା ସମିତିକୁ ଅନୁଦାନ ବାଦରେ ୨୫କୋଟି ଟଙ୍କା, ବାଙ୍କି ମୁହାଣରେ ଜଳ ନିଷ୍କାସନ ବ୍ୟବସ୍ଥାର ଦିଗ ପରିବର୍ତ୍ତନ ପାଇଁ ୧୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସୂଚନାଯୋଗ୍ୟ, ଅତିରିକ୍ତ ବଜେଟ୍ ସହ ୨୦୧୭-୧୮ ଆର୍ଥିକ ବର୍ଷ ନିମନ୍ତେ ମୋଟ ବଜେଟ୍‌ର ପରିମାଣ ୧ଲକ୍ଷ ୧୬ହଜାର ୭୩୯.୪୪ କୋଟି ଟଙ୍କା।

### ଅଳ୍ପଦିନ ପରେ ...

ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିବା ସୂଚନା ଦେଇଛନ୍ତି। ଏନେଇ କ୍ଷେତ୍ରସ୍ତରରେ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିବା ସେ କହିଛନ୍ତି। ଆଗକୁ ମ୍ୟାଟ୍ରିକ୍ ପରୀକ୍ଷା ରହିଥିବା ଏବଂ ବିଜେପୁର ବିଧାନସଭାରେ ନିର୍ବାଚନୀ ଅନିୟମିତତା ନେଇ ହାଇକୋର୍ଟଙ୍କ ରାୟ ବିଷୟରେ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଥିବା ସେ କହିଥିଲେ। ତେବେ ନିୟମ ଅନୁସାରେ ୬ମାସ ମଧ୍ୟରେ ସମ୍ପୃକ୍ତ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ତଥ୍ୟ ଅନୁସାରେ ଆସନ୍ତା ସପ୍ତାହରେ ୧୦ଟି ରାଜ୍ୟର ୭ଟି ଲୋକସଭା ଏବଂ ୧୦ଟି ବିଧାନସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯିବାର ଅଛି। ସେତିକିବେଳେ ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ସବୁ ଗାଁକୁ ...

ବେଳେ ଏବେ ଜିଲ୍ଲାରେ ମୋଟ ୭୬ଟି 'ବିଜୁ ଗାଁ ଗାଡ଼ି' ଚାଲୁଛି । ସେହିପରି କନ୍ଧମାଳ ଜିଲ୍ଲାର ୧୭୧ଟି ଗ୍ରାମପଞ୍ଚାୟତ ମଧ୍ୟରୁ ୭ଟି ଗ୍ରାମପଞ୍ଚାୟତକୁ ଗାଡ଼ି ଚଳାଚଳ ସଂପ୍ରସାରିତ ହୋଇପାରିନଥିବାବେଳେ ତା'ମଧ୍ୟରୁ ୫ଟି ପଞ୍ଚାୟତକୁ ରାସ୍ତା ସଂଯୋଗ ବ୍ୟବସ୍ଥା ହୋଇପାରିନାହିଁ। ତେବେ ବି ଜିଲ୍ଲାରେ ମୋଟ ୫୬ଟି ବିଜୁ ଗାଁ ଗାଡ଼ି ଚଳାଚଳ କରୁଛି। ଏହି ୯ଟି ଜିଲ୍ଲାର ୧୯୫୮ ଗ୍ରାମପଞ୍ଚାୟତ ମଧ୍ୟରୁ ୮୦ ଗ୍ରାମପଞ୍ଚାୟତକୁ ବିଜୁ ଗାଁ ଗାଡ଼ି ଚଳାଚଳ କରୁନଥିବାବେଳେ ୨୭ ପଞ୍ଚାୟତକୁ ରାସ୍ତାଘାଟର ସୁବିଧା ନାହିଁ। ଏବେ ୯ ଜିଲ୍ଲାରେ ମୋଟ ୧୩୩ଟି ବିଜୁ ଗାଁ ଗାଡ଼ି ଚଳାଚଳ କରୁଛି। ତେବେ ଭବିଷ୍ୟତରେ ଏହି ଯୋଜନାକୁ କିଭଳି ଅଧିକ ସଂପ୍ରସାରଣ କରି ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତର ସବୁ ଗାଁକୁ ବିଜୁ ଗାଁ ଗାଡ଼ି ସେବା ପ୍ରଚଳନ କରାଯାଇ ପାରିବ ସେ ସଂପର୍କରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଜୁ ଗାଁ ଗାଡ଼ି ଯୋଜନାରେ ଅନ୍ତର୍ଭୁକ୍ତ ଗାଡ଼ିଗୁଡ଼ିକୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଏହି ଯୋଜନାରେ ପଞ୍ଜିକୃତ ଗାଡ଼ିଗୁଡ଼ିକୁ ସଂପୂର୍ଣ୍ଣ ଭାବେ ରୋଡ଼ ଟ୍ୟାକ୍ସ ଦେୟ ମୁକ୍ତ କରାଯାଇଛି। ନୂଆ ଗାଡ଼ି କିଣିବା ପାଇଁ ଋଣ ଉପରେ ୫ ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବାର୍ଷିକ ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶିର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ବିଜୁ ଗାଁ ଗାଡ଼ି ଯୋଜନାକୁ କ୍ରିୟାଶୀଳ କରିବା ତଥା ସମସ୍ତଙ୍କ ନିକଟରେ ପହଂଚାଇବା ପାଇଁ ବିଭାଗୀୟ ପ୍ରମୁଖ ସଚିବ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ରେଳ କୋଅର୍ଡିନେସନ୍‌ର କମିଶନର ମନୋଜ ମିଶ୍ର, ବିଭାଗୀୟ ଅତିରିକ୍ତ ସଚିବ ଦୟାନିଧି ନାୟକ, ଉପଶାସନ ସଚିବ ବବିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

### ପ୍ରସ୍ତାବରେ ...

ଇ-ରିକ୍‌ସା ଏବଂ ଇ-ବସ୍ ପ୍ରଚଳନ ପାଇଁ ଏଥିରେ ପ୍ରସ୍ତାବ ରହିଛି। ବସ୍ ଆଧୁନିକୀକରଣ ଯୋଜନା ଅନ୍ତର୍ଗତ ଏହି ପ୍ରକଳ୍ପ ପାଇଁ ୯୨ ଗୋଟି ଇ-ବସ୍ ପ୍ରଚଳନ ବ୍ୟବସ୍ଥା କରାଯିବ। ଦୈନିକ ଏକ ଲକ୍ଷ ୯୨ ହଜାର ଯାତ୍ରୀଙ୍କୁ ଯାତାୟାତ ସୁବିଧା ପ୍ରଦାନ ପାଇଁ ୩୨ କିମି ଲମ୍ବା ପ୍ରାଓରିଟି ଟ୍ରାନ୍‌ଜିଟ୍ କରିଡର୍ ନିର୍ମାଣ କରିବାକୁ ଏହି ପ୍ରକଳ୍ପରେ ଲକ୍ଷ୍ୟ ରଖାଯାଇଛି। କିଟ୍ ଛକ ଠାରୁ ବରମୁଣ୍ଡା ଓ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଇ-ବସ୍, ରିକ୍ସା ଚଳାଚଳ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଏହି ପ୍ରକଳ୍ପରେ ୫ଶହ ଗୋଟି ଇ-ରିକ୍‌ସା ପ୍ରଚଳନ କରାଯିବ। ଏଥିରେ ଆବଶ୍ୟକ ସଂଖ୍ୟକ ରିଚାର୍ଜ ପଏଣ୍ଟ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଏହି ଦୁଇଟି ପ୍ରକଳ୍ପ ଯୋଗୁ ୨୦୨୧ ମସିହା ସୁଦ୍ଧା ସହରର ୨୦ ପ୍ରତିଶତ ଲୋକ ଇ-ଯାନ ମାଧ୍ୟମରେ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୩୦ ସୁଦ୍ଧା ୩୦ ପ୍ରତିଶତ ଯାତ୍ରୀ ଇ-ଯାନ ମାଧ୍ୟମରେ ଯାତାୟତ କରିବା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ସଂପ୍ରତି ରାଜଧାନୀ ଭୁବନେଶ୍ୱରରେ ୨୦୦୪ ରୁ ୨୦୧୪ ମଧ୍ୟରେ ଯାନବାହନ ସଂଖ୍ୟା ଆଶାତୀତ ଭାବରେ ୩ଗୁଣ ବୃଦ୍ଧି ପାଇଛି। ଦୁଇ ଚକିଆ ଏବଂ ୪ ଚକିଆ ଅର୍ଥାତ କାର୍ ସଂଖ୍ୟାରେ ବହୁଳ ବୃଦ୍ଧି ପାଇଥିବା ବେଳେ ଅଟୋରିକ୍ସା ସଂଖ୍ୟା ୧୩ ଗୁଣ ବୃଦ୍ଧି ପାଇଛି। ଯାହାକି ଜାତୀୟ ହାର ଠାରୁ ମଧ୍ୟ ଅଧିକ ରହିଛି। ଭୁବନେଶ୍ୱରର ମୁଖ୍ୟ ପରିବହନ ଭାବରେ ଅଟୋ ରିକ୍‌ସା ସବୁଠାରୁ ଆଗରେ ରହିଛି। ସହରର ୨୪ ପ୍ରତିଶତ ଯାତାୟତ କେବଳ ଅଟୋ ରିକ୍‌ସା ମାଧ୍ୟମରେ ହିଁ ହେଉଛି ଯାହାକି ଭୁବନେଶ୍ୱର ଭଳି ସହରରେ କେବଳ ୫ ପ୍ରତିଶତ ମଧ୍ୟରେ ସୀମିତ ରହିବା କଥା ବୋଲି ଏକ ଆକଳନରୁ ଜଣାପଡ଼ିଛି।

# ଆସ ବୁଲିଯିବା ଗୋଆ

ପର୍ଯ୍ୟଟନ ଋତୁ

ଉପସ୍ଥାପନା
ଜାହ୍ନବୀସୁତ

**ଗୋ**ଆରେ ରହଣୀ ସମୟରେ ମୁଁ ଗୋଆର ଗୋଟିଏ ସ୍ଥାନ ନୁହେଁ ବିଭିନ୍ନ ସହରରେ ରହିବାକୁ ଚେଷ୍ଟା କରିଥିଲି । ତା'ର କାରଣ ମଧ୍ୟ ଥିଲା । ଆପଣମାନେ ଯେତେବେଳେ ଗୋଟିଏ ନୂଆ ସ୍ଥାନକୁ ବୁଲିବାକୁ ଯିବେ ସେତେବେଳେ ଗୋଟିଏ ସ୍ଥାନରେ ରହି ବିଭିନ୍ନ ସ୍ଥାନ ବୁଲିବା ଅପେକ୍ଷା ବିଭିନ୍ନ ପ୍ରମୁଖ ସ୍ଥାନରେ ରହି ତା'ର ନିକଟବର୍ତ୍ତୀ ସ୍ଥାନ ବୁଲିଲେ ଖୁବ୍ ନୂଆ ନୂଆ ତଥ୍ୟ ପାଇପାରିବେ । ସେଥିପାଇଁ ଗୋଆରେ ରହିବା ଭିତରେ କିଛିଦିନ ଏହାର ରାଜଧାନୀ ପାଣାଜୀରେ ରହିବା ପରେ ମାରଗାଓଁ ବା ମାଡଗାଓଁରେ କିଛିଦିନ ରହିବା ପାଇଁ ମନସ୍ଥ କରିଥିଲି । ମାରଗାଓଁ ଦକ୍ଷିଣ ଗୋଆରେ ଅବସ୍ଥିତ ଏକ ସହର । ଏହାକୁ କେହି କେହି ଗୋଆର ବ୍ୟବସାୟିକ ଓ ସାଂସ୍କୃତି ରାଜଧାନୀ ବୋଲି ମଧ୍ୟ କହିଥାନ୍ତି । ଏଠାରେ ଅନେକ ପ୍ରାଚୀନ ମନ୍ଦିର ଏବଂ ମଠ ରହିଛି । ତେଣୁ ଯେହେତୁ ପ୍ରଥମେ ଆପଣମାନଙ୍କୁ ଗେଆର ବିଭିନ୍ନ ମନ୍ଦିର ସମ୍ପର୍କରେ ଏହି ସ୍ତମ୍ଭରେ ସୂଚନା ଦେଉଛି, ସେଥିପାଇଁ ମୁଁ ମାରଗାଓଁ ସମ୍ପର୍କରେ ମଧ୍ୟ କିଛି ସୂଚନା ଦେବା ଉଚିତ୍ ମନେ କରୁଛି । ଜନସଂଖ୍ୟା ଅନୁସାରେ ଏହି ସହର ହେଉଛି ଗୋଆର ଦ୍ୱିତୀୟ ବୃହତ୍ତମ ସହର । ପର୍ତ୍ତୁଗୀଜମାନେ ଏହାକୁ ମାର୍ଗାଓଁ ନାମ ଦେଇଥିବା ବେଳେ ସ୍ଥାନୀୟ କୋଙ୍କଣୀ ଭାଷାରେ ଏହାକୁ କେହି କେହି ମାଡ୍ଗାଓଁ ବୋଲି କୁହନ୍ତି । କିନ୍ତୁ ମରାଠୀ ଭାଷାରେ ଏହାକୁ ମାଡଗାଓଁ ବୋଲି ସୂଚନା ମିଳେ । ମାଓଗାଓଁ ନାମରେ ଏହି ସହର ବେଶ୍ ପ୍ରସିଦ୍ଧ । ଗୋଆର ଏହି ସାଂସ୍କୃତିକ ସହର ପାଣାଜୀ ଠାରୁ ପ୍ରାୟ ୩୩ କିଲୋମିଟର ଦୂରତାରେ ଅବସ୍ଥିତ । ଏଠାରେ ନାଥ ସମ୍ପ୍ରଦାୟର ଅନେକ ମଠ ରହିଥିବାର ପ୍ରମାଣ ରହିଥିବା କଥା ମୁଁ ଜାଣିବାକୁ ପାଇଲି । ତେଣୁ ସେହି ସ୍ଥାନକୁ ଯିବା ପାଇଁ ମନସ୍ଥ କରି ମାଡଗାଓଁରେ ପହଞ୍ଚିଥିଲି ।

ଏଠାରେ ପହଞ୍ଚିବା ପରେ ଆଉଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏହି ସହର ବିଷୟରେ ମୁଁ ଜାଣିବାକୁ ପାଇଲି । ଏଠାରେ ମତ୍ସ୍ୟେନ୍ଦ୍ରନାଥ ଆଉ ଗୋରଖନାଥଙ୍କର ଧର୍ମପୀଠ ରହିଥିବାର ପ୍ରମାଣ ମିଳେ । ପ୍ରାୟ ୯ ଗୋଟି ମଠ ଏଠାରେ ରହିଥିଲା । ପଞ୍ଚଦଶ ଶତାବ୍ଦୀ ଯାଏଁ ଏହି ମଠ ପରମ୍ପରା ଏଠାରେ ରହିଥିବାର ସୂଚନା ମିଳେ । ହେଲେ ପରବର୍ତ୍ତୀ ସମୟରେ ପର୍ତ୍ତୁଗୀଜ ମାନଙ୍କ ଆଗମନ ପରେ ଏହା ଅବଦମିତ ହେବାରେ ଲାଗିଲା । କେହି କେହି ଏହି ସ୍ଥାନର ନାମକରଣ ଏଠି ମଠ ପରମ୍ପରାରୁ ସୃଷ୍ଟି ହୋଇଥିବା ମଧ୍ୟ ବିଶ୍ୱାସ କରନ୍ତି । ସଂସ୍କୃତ ଶବ୍ଦ ମଠଗ୍ରାମରୁ ପରବର୍ତ୍ତୀ ସମୟରେ ମାରଗାଓଁ ବା ମାଡଗାଓଁ ହୋଇଥିବା କୁହାଯାଏ । ତେବେ ଏହି ସହରର ସମ୍ପର୍କ ପ୍ରାଚୀନ ଦାମୋଦର ମନ୍ଦିର ସହ ରହିଥିବା କଥା ମଧ୍ୟ ବିଶ୍ୱାସ କରାଯାଏ । ଦେବଦେବ ମହାଦେବଙ୍କ ଏଠାରେ ଦାମୋଦର ରୂପରେ ଉପାସନା କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ମନ୍ଦିର ଧ୍ୱଂସ ହୋଇଯାଇଥିବାର ସୂଚନା ମିଳେ । ମାରଗାଓଁରେ ପ୍ରାୟ ସଂଧ୍ୟା ସମୟରେ ପହଞ୍ଚିଥିଲି । ଆଉ ହୋଟେଲ ଖୋଜି ରହିବା ପରେ ରାତ୍ରୀ ସମୟରେ ମାର୍କେଟ ବୁଲିବା ପାଇଁ ଯାଇଥିଲି । ସ୍ଥାନୀୟ ଲୋକମାନଙ୍କ ନିକଟରୁ ଯାହା ଜାଣିବାକୁ ପାଇଲି ଏହି ସ୍ଥାନ ନିକଟରେ ଅନେକ ପ୍ରାଚୀନ ଓ ଐତିହ୍ୟପୂର୍ଣ୍ଣ ଧର୍ମସ୍ଥଳୀ ରହିଛି । ତେଣୁ ଆଉ ବେଶୀ ଡେରି ନକରି ହୋଟେଲକୁ ଫେରି ପରଦିନ ପ୍ରଭାତର କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ ଲାଗିଲି ।



ସଂଗୃହିତ କରି ଆଣିଥିବା ତଥ୍ୟରୁ ଯାହା ଜାଣିବାକୁ ପାଇଲି ଏଠାରେ ହିନ୍ଦୁ ଜନବସତି ସାମାନ୍ୟ ଅଧିକ । ଏହା ସହ ରୋମାନ କ୍ୟାଥୋଲିକ୍ ସଂପ୍ରଦାୟର ଖ୍ରୀଷ୍ଟିୟାନ୍ ଧର୍ମାବଲମ୍ବୀମାନେ ମଧ୍ୟ ଏଠାରେ ବସବାସ କରନ୍ତି । ମୁସଲିମ୍ ସମ୍ପ୍ରଦାୟର ଜନବସତି ଏଠାରେ କମ୍ ଦେଖିବାକୁ ମିଳେ । ତେଣୁ ଏ ସବୁ କଥା ଜାଣିବା ଭିତରେ ଅନୁଭବ ହେଲା ଯେ, ମାରଗାଓଁ ସବୁଧର୍ମର ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଭଲ ସ୍ଥାନ । ତେବେ ଏହାରି ଭିତରେ ରାତ୍ରଭୋଜନ ଆସିଯାଇଥିଲା, ଆଉ ତାହା ଥିଲା ପାଂପ୍ଲେଟ୍ ମାଛର ତରକାରୀ ଆଉ ରୁଟି ତା ସହ ଗୋଆର ପ୍ରସିଦ୍ଧ ମିଠା ବେବିନ୍କା । ରାତ୍ରି ଭୋଜନର ସବୁଠାରୁ ଆକର୍ଷଣୀୟ ବ୍ୟଞ୍ଜନ ଥିଲା ଏହି ବେବିନ୍କା । ଯାହା ପ୍ରସ୍ତୁତ କରାଯାଏ ଅଣ୍ଡା, ନଡିଆ ରହସ, ଘିଅ ଏବଂ ଚିନିରୁ । ଦେଖିବାକୁ ଏକ କେକ୍ ଭଳି । ଯେତେବେଳେ ଆପଣମାନଙ୍କୁ ମୁଁ ଗୋଆର ଖାଦ୍ୟ ପରମ୍ପରା ବିଷୟରେ ସୂଚନା ଦେବି, ସେତେବେଳେ ଏହି ଖାଦ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରିବି । ଖାଦ୍ୟ ଖାଇସାରି ବିଶ୍ରାମ ନେବା ପାଇଁ ବାହାରିଲୁ ।

*କ୍ରମଶଃ...*

---

**୨୮ତମ ରାଜ୍ୟ ଚଳଚ୍ଚିତ୍ର ଓ ୫ମ ରାଜ୍ୟ ଟେଲି ପୁରସ୍କାର**

# ପ୍ରଣବ ପଟ୍ଟନାୟକଙ୍କୁ 'ଜୟଦେବ' ପୁରସ୍କାର

**ଭୁବନେଶ୍ୱର :** ୨୮ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ୫ମ ରାଜ୍ୟ ଟେଲି ପୁରସ୍କାର ଘୋଷିତ ହୋଇଛି । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସହଯୋଗରେ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ଜୟଦେବ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ସେହିପରି 'ଚିନି' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ପାଇଁ ମନୋନୀତ ହୋଇଥିବାବେଳେ 'ନାମର୍ଦ୍ଦ' ପାଇଁ ଅଭିନେତା ସମରେଶ ରାଉତରାୟ, ଓ 'ମୀମାଂସା' ପାଇଁ ଅଭିନେତ୍ରୀ ସୁଶ୍ରୀ ସଂଗୀତା ମହାପାତ୍ର (ଲିପି) ଯଥାକ୍ରମେ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ, ମୀନକେତନ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ମୀମାଂସା) ଓ ମହାଶ୍ୱେତା ରାୟ ଶ୍ରେଷ୍ଠ ଅଭିନେତ୍ରୀ (ଦେଲେ ଧରା କଥା ସରେ) ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଅଜୟ ରଥ 'ନାମର୍ଦ୍ଦ' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ, ଦିଲ୍ଲୀପ କୁମାର ଚୌଧୁରୀ ଶ୍ରେଷ୍ଠ କାହାଣୀକାର (ନାମର୍ଦ୍ଦ), ଗୁଡ୍ଲି ରଥ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ (ତୁ କହିବୁ ନା ମୁଁ), ଶଶାଙ୍କ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ (ତୁ କହିବୁ ନା ମୁଁ - 'ଦିନେ ଫୁଟିଥିଲା ଫୁଲ'), ମହାଲକ୍ଷ୍ମୀ ଆୟାର୍ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା (ମୀମାଂସା - 'ଢେଉ ଫେରେ କୂଳେ'), ଦିଲ୍ଲୀପ ରାୟ ଶ୍ରେଷ୍ଠ ଚିତ୍ରଗ୍ରହଣ (ଚିନି), ସୁକୁମାର ମଣି ଶ୍ରେଷ୍ଠ ସମ୍ପାଦକ (ଲଭ୍ ୟୁ ଜେସିକା), ସୁବ୍ରତ ସ୍ୱାଇଁ ଶ୍ରେଷ୍ଠ ଗୀତିକାର (ଅଗସ୍ତ୍ୟ - 'ଧୀରେ ଧୀରେ ଭଲ ପାଇଗଲି'), ଦିଲ୍ଲୀପ କୁମାର ଚୌଧୁରୀ ଶ୍ରେଷ୍ଠ ଚିତ୍ରନାଟ୍ୟକାର(ନାମର୍ଦ୍ଦ) ପୁରସ୍କାର ଲାଭ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ରାଜ୍ୟ ଟେଲି ପୁରସ୍କାର ସେହିପରି ୫ମ ରାଜ୍ୟ ଟେଲି ପୁରସ୍କାର ମନୋନୟନ ପ୍ରକ୍ରିୟାରେ 'ସିନ୍ଦୂର ବିନ୍ଦୁ' ଶ୍ରେଷ୍ଠ ଟେଲି ଧାରାବାହିକ, ଚୌଧୁରୀ ସତ୍ୟବ୍ରତ ଦାଶ ଶ୍ରେଷ୍ଠ ଅଭିନେତା (ସିନ୍ଦୂର ବିନ୍ଦୁ) ଓ ଶ୍ୱେତଲାନା ଶ୍ରେଷ୍ଠ ଅଭିନେତ୍ରୀ ଭାବେ (ଏସିପି ନିକିତା) ଯୋଗ୍ୟ ବିବେଚିତ ହୋଇଛନ୍ତି । ପୁରସ୍କାର ଘୋଷଣା ବେଳେ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ପଟ୍ଟନାୟକ, ସଂସ୍କୃତି ବିଭାଗ ଉପସଚିବ ସଂଘମିତ୍ରା ଶତପଥୀ, ସଂଗୀତ ନାଟକ ଏକାଡେମୀ ସଚିବ ପ୍ରଦୀପ କୁମାର ମିଶ୍ର, ଜୁରୀ ସଦସ୍ୟ ପ୍ରଦୋଷ ପଟ୍ଟନାୟକ, ବୃନ୍ଦାବନ ଜେନା, ଲାଲା ବୀରେନ ରାୟ, ସୁସ୍ମିତା ବାଗଚୀ, ସ୍ନେହପ୍ରଭା ସାମନ୍ତରାୟ, ଗୀତା ଦାଶ, ବିପିନ ବିହାରୀ ମିଶ୍ର, ସୂର୍ଯ୍ୟ ଦେଓ, ଶୈଳେଶ୍ୱର ନନ୍ଦ, ସୁବାସ ଦାସ, ଶୀର୍ଷାନନ୍ଦ ଦାସ କାନୁନଗୋ, ଗୀତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



---

# ବିକାଶ ମହାବିଦ୍ୟାଳୟ ପକ୍ଷରୁ ଏଡ୍ସ ସଚେତନତା ଦିବସ




**ବରଗଡ଼, (ଇଏନ୍ଏସ୍) :** ବିଶ୍ୱ ଏଡ୍ସ ଦିବସ ଅବସରରେ ବରଗଡ଼ର ବିକାଶ କନିଷ୍ଠ ମହାବିଦ୍ୟାଳୟ ଓ ବିକାଶ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏଡ୍ସ ସଚେତନତା ପଦଯାତ୍ରାରେ ଭାଗ ନେଇଥିଲେ । ବିକାଶ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଟ୍ର ଏକାଡେମିକ୍ ଉପଦେଷ୍ଟା ଡି ନାଗେଶ୍ୱର ରାଓ, ବିକାଶ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଆଡମିନ୍ଷ୍ଟ୍ରେଟର ଏସ୍ କାନ୍ତା ରାଓ ଓ ବରଗଡ଼ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏହି ପଦଯାତ୍ରାକୁ ସବୁଜସଙ୍କେତ ଦେଖାଇ ଉତ୍ସାହିତ କରିଥିଲେ । ପଦଯାତ୍ରା ବରଗଡ଼ ଥାନା ଛକରୁ ଆରମ୍ଭ ହୋଇ ବେସରକାରୀ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରେଡ୍କ୍ରସ, ଇକୋ-କ୍ଲବ ଓ ଏନ୍ଏସ୍ଏସ୍ ୟୁନିଟ୍ର ପ୍ରୋଗ୍ରାମ ଅଫିସର ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ବିଜୟ ବାରିକ, ଚନ୍ଦ୍ର କୁମାର ରାୟ, ବିରେନ୍ଦ୍ର କୁମାର ବାଗ, ଶ୍ୱେତପଦ୍ମା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

---

# ଶ୍ରମିକଙ୍କ ପାଇଁ ସାମାଜିକ ନିରାପତ୍ତା



## ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର :** ସ୍ଥାନୀୟ ଓ୍ୱାର୍ଡ ନଂ-୨୧ ଅଧୀନସ୍ଥ ଆଦିବାସୀ ଗାଁଠାରେ ଶ୍ରମିକମାନଙ୍କର ବିକାଶ ନିମନ୍ତେ ଉଦ୍ଦିଷ୍ଟ ଶ୍ରମ ଆଇନ୍ ଓ ସାମାଜିକ ନିରାପତ୍ତା ଉପରେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସିସିଡ଼ବ୍ଲୁଡ଼ି ଓ ଆକ୍ସନଏଡ୍ଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଘରୋଇ ପରିଚାରିକାମାନଙ୍କର ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା ହୋଇଥିଲା । ଏଥିରେ ସର୍ବନିମ୍ନ ମଜୁରୀ, ଶ୍ରମିକର ମାନ୍ୟତା, ମାସିକ ଛୁଟି ଓ ଉପଯୁକ୍ତ ତାଲିମ୍ ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେବବ୍ରତ ମାହୁନ୍ତ ପ୍ରଦାନ କରିଥିବା ବେଳେ ଫୁଲମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ଏଡ୍ସ ଦିବସ

**ପାରାଦୀପ, (ଇଏନ୍ଏସ୍) :** ବିଶ୍ୱ ଏଡସ୍ ଦିବସ ଅବସରରେ ପାରାଦୀପ ବନ୍ଦର ଚିକିତ୍ସାଳୟ ଓ ପାରାଦୀପ ସ୍ୱାକ୍ଷରତା ସମିତି ମିଳିତ ଆନୁକୂଲ୍ୟରେ ଏହି ଦିବସକୁ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ଏନଜିଓ, ଆଇଆରଡିଏମ୍ଏସ୍ ଓ ସିଆଇଏସ୍ଟି ସଂସ୍ଥା ମାନେ ସହଯୋଗ କରୁଥିଲେ । ଆଜିର ଅନୁଷ୍ଠିତ ଏହି ବିଶ୍ୱ ଏଡ୍ସ୍ ଦିବସ ୨୦୧୭ ର ମୁଖ୍ୟ ସାରାଂଶ ଓ ସ୍ଲୋଗାନ୍ ଥିଲା 'ଆମ ସ୍ୱାସ୍ଥ୍ୟ , ଆମ ଅଧିକାର' । ଏହି ଅବସରରେ ଏକ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନ୍ଦର ଉପାଧ୍ୟକ୍ଷ ଶ୍ରୀ ଏନ୍ ଭାୟାପୁରୀ ଏବଂ ପାରାଦୀପ ଲେଡିଜ୍ କ୍ଲବର ଅଧ୍ୟକ୍ଷା ଶ୍ରୀମତୀ ସୁଭଲକ୍ଷ୍ମୀ ରଏ ଏହି ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ସୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ବନ୍ଦର ଚିକିତ୍ସାଳୟ ଠାରୁ ଆରମ୍ଭ ହୋଇ ବନ୍ଦର ପ୍ରଶାସନ ଭବନ ନିକଟରେ ସମାପ୍ତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ସ୍କୁଲର ଛାତ୍ର ଛାତ୍ରୀ, ସ୍ୱେଚ୍ଛା ସେବୀ, କିନର ସଂଗଠନ, ପାରାଦୀପ ସ୍ୱାକ୍ଷରତା ସମିତିର ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିପେକ୍ଷିରେ ବନ୍ଦର ପ୍ରଶାସନ ଭବନ ପରିଷରରେ ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ରିଙ୍କେଶ ରଏ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଡ୍ସ୍ ଓ ହେପାଟାଇଟିସ୍ ବି ରୋଗ ସମ୍ବନ୍ଧରେ ସଚ୍ଚେତନତା କରାଇବା ସଙ୍ଗେ ସଙ୍ଗେ ଏହା ଉପରେ ସ୍ମୁମହିକ ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ବନ୍ଦର ଉପାଧ୍ୟକ୍ଷ ଶ୍ରୀ ଏନ୍. ଭାୟାପୁରୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ଏଡ୍ସ୍ ମୁକ୍ତ ଲକ୍ଷ୍ୟ ନେଇ ନିଜର ବକ୍ତବ୍ୟ ରଖିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଚିକିତ୍ସାଳୟର ଉପମୁଖ୍ୟ ଚିକିତ୍ସାଧିକାରୀ ଡା ଆର୍.କେ.ମଲ୍ଲିକ, ବନ୍ଦର ସଚିବ ଶ୍ରୀ ୟୁ.ଆର.ମୋହନ ରାଜୁ ଉପସ୍ଥିତ ରହି ଏହି ରୋଗର କାରଣ , ପ୍ରତିଷେଧକ ମୂଳକ ନିୟନ୍ତ୍ରଣର ଉପାୟ ଓ ସଚେତନତା ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ସ୍ୱାକ୍ଷରତା ସମିତିର ଉପାଧ୍ୟକ୍ଷ ଇଂ. ସୁଶୀଲ ଚନ୍ଦ୍ର ନାୟକ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ ପ୍ରଭାତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସମିତିର ସଂଯୋଜକ ଅଶୋକ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ସ୍କୁଲ ଛାତ୍ର ଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ କାନମାସ୍ ସଂସ୍ଥାଦ୍ୱାରା ଏଡ୍ସ୍ ସଚେତନତା ନିମିତ୍ତ ଏକ ପଥପ୍ରାନ୍ତ ନାଟକ 'ଆଶ୍ଚର୍ଯ୍ୟ ଚଉକି' ପ୍ରଦର୍ଶିତ ହୋଇଥିଲା । ଏହି ପଥପ୍ରାନ୍ତ ନାଟକ ଆଜି ଓ କାଲି ଦୁଇଦିନ ଧରି ବନ୍ଦର ନଗରୀର ବିଭିନ୍ନ ସ୍ଥାନରେ ସଚେତନତା ନିମିତ୍ତ ପ୍ରଦର୍ଶିତ ହେବ । ବନ୍ଦର ୩ନଂ ଫାଟକ ନିକଟରେ ଟ୍ରକ ଡ୍ରାଇଭର ମାନଙ୍କର ବନ୍ଦର ଚିକିତ୍ସାଳୟ ତରଫରୁ ମାଗଣାରେ ଏଚ.ଆଇ.ଭି ପରିକ୍ଷା କରାଯିବାର କାର୍ଯ୍ୟକ୍ରମ ରହିଛି । ସେହି ପରି ୩ୟ ଓଡିଶା ନାଭାଲ ୟୁନିଟ୍ , କଟକ ପକ୍ଷରୁ ପୃଥକ ଭାବରେ ଏନସିସି କ୍ୟାଡର ମାନଙ୍କ ଦ୍ୱାରା ଏଡସ ସଚେତନତା ସ୍ଲୋଗାନ ଦେଇ ବନ୍ଦର ସହର ପରିକ୍ରମା କରାଯାଇଥିଲା । ଏଥିରେ ୫ସହରୁ ଉର୍ଦ୍ଧ ଏନସିସି ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।







# କଳିଙ୍ଗ ଷ୍ଟାଡିୟମରେ ହକି ମହାକୁମ୍ଭ : ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** କ୍ରୀଡ଼ା ବିକାଶ କ୍ଷେତ୍ରରେ ଆଗପରି ଓଡ଼ିଶା ଆଉ ପଛୁଆ ନାହିଁ। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିସାରିଛି। ଯେଉଁଥିପାଇଁ କଳିଙ୍ଗ ଷ୍ଟାଡିୟମରେ ଆନ୍ତର୍ଜାତୀୟ ହକିର ଚାମ୍ପିଅନ୍ସ ଲିଗ୍‌ର କେତୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯାହାକି ଅତ୍ୟନ୍ତ ସଫଳତାର ସହିତ ହୋଇପାରି ଥିବାରୁ ସାରା ବିଶ୍ୱ ଏଥିପାଇଁ ଓଡ଼ିଶା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଠିକ୍ ଏହାର କିଛି ବର୍ଷ ପରେ ପୁଣିଥରେ ଓଡ଼ିଶା ହକିପ୍ରେମୀଙ୍କ ପାଇଁ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଛି ହକି ବିଶ୍ୱ ଲିଗ୍ ଫାଇନାଲ। ଏହି କ୍ରୀଡ଼ାର ତୃତୀୟ ସଂସ୍କରଣକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ଗତ ଦେଢ଼ ସପ୍ତାହ ଧରି ବିଶ୍ୱର ୮ଟି ଦଳ ଏଠାରେ କଡ଼ା ଅଭ୍ୟାସ କରିଥିବା ବେଳେ ଅସଲ ମୁକାବିଲାକୁ ଓହ୍ଲାଇଛନ୍ତି। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଅଧିକାଂଶ ଦର୍ଶକ ଗ୍ୟାଲେରୀ ଭିତରେ ପହଞ୍ଚି ଯାଇଥିଲେ। ଏହାପରେ ପ୍ରତିଯୋଗିତାର ମାସ୍କଟ୍ ଓଲି ପଡ଼ିଆ ଭିତରେ ପ୍ରବେଶ କରି ଦର୍ଶକମାନଙ୍କୁ ସ୍ୱାଗତ କରିଥିଲେ। ଦୁଇଟି ଓଲି ସେମାନଙ୍କ ଆକର୍ଷଣୀୟ ଅଙ୍ଗଭଙ୍ଗୀ ମାଧ୍ୟମରେ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଜବାବରେ ଦର୍ଶକମାନେ ମଧ୍ୟ ଷ୍ଟାଡିୟମ୍‌କୁ କରତାଳିରେ ଏକରକମ ପୋତି ପକାଇଥିଲେ। ଏହାପରେ ଆଦିବାସୀ ବାଦ୍ୟର ତାଳେ ତାଳେ ଖେଳାଳିମାନେ ପଡ଼ିଆ ଭିତରେ ପ୍ରବେଶ କରିଥିଲେ। ସୁମଧୁର ଆଦିବାସୀ ବାଦ୍ୟର ସ୍ୱରରେ କେତେକ ଦର୍ଶକ ନାଚୁଥିବା ମଧ୍ୟ ପରିଲକ୍ଷିତ ହୋଇଥିଲା। ଜାତୀୟ ସଂଗୀତ ଗାନ ବେଳେ ଉଭୟ ଦଳର ଖେଳାଳିଙ୍କ ସହ ଓଲି ଦ୍ୱୟ ଛିଡ଼ା ହୋଇଥିଲେ। ଏହାପରେ ପ୍ରଥମେ ଜର୍ମାନୀ ଦଳର ଜାତୀୟ ସଂଗୀତ ଗାନ କରାଯାଇଥିଲା। ପରେ ଇଂଲଣ୍ଡ ଦଳର ଜାତୀୟ ସଙ୍ଗୀତ ଗାନ ପରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ପଟ୍ଟନାୟକ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଟ୍ରଫିକୁ ଉନ୍ମୋଚନ କରିଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସଭାପତି ନରିନ୍ଦର ବତ୍ରା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା। ଏହାପରେ ଓଡ଼ିଶାର ଇତିହାସ, ଗୌରବମୟ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଦର୍ଶକ ଓ ବିଦେଶୀ ଖେଳାଳିଙ୍କୁ ପରିଚିତ କରିବା ସକାଶେ ଏକ ଭିଡିଓ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ପରେ ପରେ ପର୍ଯ୍ୟଟନ ସଂକ୍ରାନ୍ତ ଏକ ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ପଦ୍ମଶ୍ରୀ ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ସୀଟାରିଷ୍ଟି ଓ ତାଙ୍କ ଗ୍ରୁପ୍ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ପବିତ୍ର ଗାୟତ୍ରୀ ମନ୍ତ୍ର 'ଓଁ ଭୁର୍ଭୁବସ୍ୱହ...'ରେ ଓଡ଼ିଶୀ ନୃତ୍ୟାଙ୍ଗନମାନଙ୍କ ତାଳ ଓ ଲୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍ 'ଚକ୍ ଦେ ଇଣ୍ଡିଆ...' ଗୀତ ଗାଇଥିଲେ ଓ ରଙ୍ଗବେରଙ୍ଗ ଲାଇଟ୍‌ରେ ସଜ୍ଜିତ ହୋଇ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ଆକର୍ଷଣୀୟ ଲେଜର୍ ଲାଇଟ୍ ଶୋ' ଉତ୍ସବର ମାହୋଲ୍‌କୁ ଆହୁରି ରଙ୍ଗିନ କରିଥିଲା। ସେମାନଙ୍କ ସହ ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଯୋଗଦେବା ପରେ ମିଳିତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।







## ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର : ୨୦୧୩-୧୪

# ନୂତନଧାରା ଆରମ୍ଭ ହେବ : ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ଭାଗବଣ୍ଟାକୁ ନେଇ ସାହିତ୍ୟିକ ମହଲରେ ଉପୁଜିଥିବା ଅସନ୍ତୋଷ ଦୂର କରିବାକୁ ଯାଇ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ, କୌଣସି ଗୋଟିଏ ବିଭାଗରେ ଯଦି ଏକାଧିକ ସାହିତ୍ୟିକ ପୁରସ୍କୃତ ହୁଅନ୍ତି ତେବେ ପୁରସ୍କାର ରାଶି ଭାଗବଣ୍ଟା ହେବନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୨୦୧୩ ଓ ୨୦୧୪ ବର୍ଷ ପାଇଁ ୨୪ ଜଣ ସାହିତ୍ୟିକଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୧୩ ମସିହାର କବିତା ବିଭାଗରେ ତିନିଜଣ କବି ପୁରସ୍କୃତ ହୋଇଥିଲା ବେଳେ ପୁରସ୍କାର ଅର୍ଥ ରାଶି ୩୦ହଜାର ଟଙ୍କାକୁ ଏମାନଙ୍କ ମଧ୍ୟରେ ୧୦ହଜାର ଲେଖାଏଁ ଭାଗ କରାଯିବ ବୋଲି ପୂର୍ବରୁ ଆକଳନ କରାଯାଉଥିଲା, ଯାହାକୁ ମନ୍ତ୍ରୀ ଶ୍ରୀ ପଣ୍ଡା ଖଣ୍ଡନ କରିବା ସହ ଚଳିତ ବର୍ଷ ଠାରୁ ସାହିତ୍ୟ ଏକାଡେମୀ ନୂତନ ଧାରା ଆରମ୍ଭ କରିବ ବୋଲି ସୂଚନା ଦେଇଥିଲେ। ଏଥିସହିତ ଖୁବ୍ ଶୀଘ୍ର ୨୦୧୫ ଓ ୨୦୧୬ ମସିହାର ପୁରସ୍କାର ଚୟନ ପ୍ରକ୍ରିୟା ଶେଷ କରାଯିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର କହିଥିଲେ, ସାଧାରଣ ଅନୁଭବକୁ ଅସାଧାରଣ କରେ



ସାହିତ୍ୟ। ସାହିତ୍ୟ ମଧ୍ୟରେ ଦେଶ ଓ ଭାଷା ପ୍ରତି ଭଲପାଇବା ପ୍ରତିଫଳିତ ହେଉ। ସାହିତ୍ୟିକଟିଏ ତା'ର ସାମାଜିକ କର୍ତ୍ତବ୍ୟବୋଧ ସମ୍ପର୍କରେ ସଚେତନ ହେଲେ ସମାଜର ବିକାଶ ତ୍ୱରାନ୍ୱିତ ହେବ। ସାହିତ୍ୟିକ ସମାଜର ମାର୍ଗଦର୍ଶକ ହେବା ନିର୍ଭୀକ ମତ ପ୍ରଦାନ କରୁ ବୋଲି ଶ୍ରୀ ମିଶ୍ର କହିଥିଲେ। ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ, ୧୯୫୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା କରାଯାଇଥିଲା। ଚଳିତ ବର୍ଷ ସାହିତ୍ୟ ଏକାଡେମୀର ହୀରକ ଜୟନ୍ତୀ। ଓଡ଼ିଆ ସାହିତ୍ୟ ବିଶ୍ୱସ୍ତରରେ ପହଞ୍ଚିବା ପାଇଁ ବହୁଳ ଅନୁବାଦର ଆବଶ୍ୟକତା ରହିଛି। ରାଜଧାନୀ ଭୁବନେଶ୍ୱର କି କଟକ ନୁହେଁ, ରାଜ୍ୟର ଉପାନ୍ତ ଅଞ୍ଚଳରେ ସାହିତ୍ୟ ଏକାଡେମୀ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ସାରା ରାଜ୍ୟରେ ଭାଷା ସାହିତ୍ୟର ବିକାଶ ଦିଗରେ ସାହିତ୍ୟ ଏକାଡେମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଅନ୍ୟତମ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଅମରେନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଅଶ୍ୱିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପସଭାପତି ବିଶିଷ୍ଟ କଥାକାର ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୦୧୩ ବର୍ଷ ପାଇଁ ମରଣୋତ୍ତର ଭାବେ ବିଭୂତି ଭୂଷଣ ପ୍ରଧାନ (ଉପନ୍ୟାସ), ଦୀପ୍ତିରଞ୍ଜନ ପଟ୍ଟନାୟକ(କ୍ଷୁଦ୍ରଗଳ୍ପ), ବିମଳ ଜେନା, ସୁଚେତା ମିଶ୍ର, ରକ୍ଷକ ନାୟକ(କବିତା), ରମେଶଚନ୍ଦ୍ର ଦାସ (ନାଟକ ଓ ଏକାଙ୍କିକା), କୃଷ୍ଣଚନ୍ଦ୍ର ପ୍ରଧାନ(ପ୍ରବନ୍ଧ ଓ ସମାଲୋଚନା), ରାସବିହାରୀ ବେହେରା ଓ ପ୍ରଭାତୀ ମିଶ୍ର (ଜୀବନୀ ଓ ଭ୍ରମଣ ସାହିତ୍ୟ), ବିଜୟ ପ୍ରଧାନ(ଅନୁବାଦ), ସୂର୍ଯ୍ୟମଣି ସାମନ୍ତରାୟ ଓ ରବୀନ୍ଦ୍ରନାଥ ମାଝୀ(ଶିଶୁ ସାହିତ୍ୟ), ଦେବେନ୍ଦ୍ର ଦାସ(ଗୀତି କବିତା)ଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୧୪ ବର୍ଷ ପାଇଁ ଇନ୍ଦିରା ଦାଶ (ଉପନ୍ୟାସ), ଅଭୟ ବାରିକ(କ୍ଷୁଦ୍ରଗଳ୍ପ), ବିପିନ ନାୟକ ଓ ବାସୁଦେବ ସୁନାନୀ (କବିତା), ବିଜୟ କୁମାର ନନ୍ଦ(ନାଟକ ଓ ଏକାଙ୍କିକା), ଅରବିନ୍ଦ ପଟ୍ଟନାୟକ(ପ୍ରବନ୍ଧ ଓ ସମାଲୋଚନା), ପ୍ରିୟବ୍ରତ ପାତ୍ର ଓ ଗଣେଶରାମ ନାହାକ(ଜୀବନୀ ଓ ଭ୍ରମଣ ସାହିତ୍ୟ), ସୁଭାଷଚନ୍ଦ୍ର ଶତପଥୀ(ଅନୁବାଦ), ବସନ୍ତ କିଶୋର ସାହୁ(ଶିଶୁ ସାହିତ୍ୟ), ହୃଦାନନ୍ଦ ପାଣିଗ୍ରାହୀ(ଗୀତି କବିତା)ଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ୨୪ ଜଣ ସାହିତ୍ୟିକଙ୍କୁ ୩୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହିତ ମାନପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା।

# 'ସହିଦ ଦିବାକରଙ୍କ ବୀରତ୍ୱର ପଟ୍ଟାନ୍ତର ନାହିଁ'




**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ସହିଦ ରଘୁ-ଦିବାକର ସ୍ମୃତି କମିଟି ପକ୍ଷରୁ ସହିଦ ଦିବାକରଙ୍କ ୧୦୭ତମ ଜନ୍ମ ବାର୍ଷିକ ନେହରୁ ଯୁବ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସାଂସଦ ବୈଷ୍ଣବ ଚରଣ ପରିଡା ମୁଖ୍ୟଅତିଥି ଏବଂ ଐତିହାସିକ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିବା ବିଦ୍ରୋହୀ ଦିବାକର ପରିଡାଙ୍କ ବୀରତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ବଳିୟାରସିଂହ କହିଥିଲେ ଯେ, ସହିଦ ଦିବାକରଙ୍କ ବୀରତ୍ୱର ପଟ୍ଟାନ୍ତର ନାହିଁ। ସ୍ମୃତି କମିଟିର ସଭାପତି ସୌଦାମିନୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ତାପଙ୍ଗ ଦଳବେହେରା ସ୍ମୃତି କମିଟିର ସଭାପତି ତଥା ବିଜେପି ନେତା ଇଂ ଶିଶିର କୁମାର ନାୟକ, ଉଚ୍ଚଶିକ୍ଷା ବିଭାଗର ଏଡିପିଆଇ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସମାଜସେବୀ ଆଡ୍‌ଭୋକେଟ୍ ଦିଲ୍ଲୀପ କୁମାର ନନ୍ଦ ଏବଂ ଉତ୍କଳ ବିକାଶ ପରିଷଦର ସାଧାରଣ ସମ୍ପାଦକ ଋଷି କୁମାର ଗୁମାନସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସହିଦ ଦିବାକରଙ୍କ ବୀରତ୍ୱର ଗାଥା ତଥା ଦେଶଭକ୍ତି ସମ୍ପର୍କରେ ମତ ରଖିଥିଲେ। ସେହିପରି ସାପ୍ତାହିକ ଖବରକାଗଜ 'ରଣଭୂଇଁ' ତରଫରୁ ସହିଦ ଦିବାକରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଥାକାର ଅରବିନ୍ଦ ମିତ୍ର ଯୋଗଦେଇ ସହିଦଙ୍କ ଜୟଗାନ କରିବା ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ। ପରିଶେଷରେ ଅନୁଷ୍ଠାନର ସମ୍ପାଦକ ବ୍ରଜ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନେଶ୍ୱର ପ୍ରଧାନ ବରଗଡ ଧନୁଯାତ୍ରା କଂସ



**ବରଗଡ :** ଭୁବନେଶ୍ୱର ପ୍ରଧାନ ହେବେ ବରଗଡ ଧନୁଯାତ୍ରାର ନୂଆ କଂସ। ଏହା ପୂର୍ବରୁ ସେ ୨ ବର୍ଷ ଧରି କଂସ ଭୂମିକାରେ ଅଭିନୟ କରି ସାରିଛନ୍ତି। ଏଥିପାଇଁ ମଙ୍ଗଳବାର ଦିନ ଅନୁଷ୍ଠିତ ଅଡିସନ୍‌ରେ ୨୩ ଜଣଙ୍କୁ ପଛରେ ପକାଇ ଭୁବନେଶ୍ୱର ମନୋନୀତ ହୋଇଛନ୍ତି। ବରଗଡର ଅତିରିକ୍ତ ଜିଲ୍ଲାପାଳ ଏସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ମଙ୍ଗଳବାର ଦିନ ଧନୁଯାତ୍ରା ଚୟନ କମିଟି ପକ୍ଷରୁ ଚୟନ ପ୍ରକ୍ରିୟା କରାଯାଇଥିଲା। ଏଥିପାଇଁ ୩୦ ଜଣ ଆବେଦନ କରିଥିବାବେଳେ ୨୩ ଜଣ ନିଜର ଅଭିନୟ ପ୍ରଦର୍ଶନ କରିଥିଲେ। ଅଭିନୟ, ସଂଳାପ ଓ ଶାସ୍ତ୍ର ବିଷୟରେ ଜ୍ଞାନକୁ ନେଇ କଂସ ଚୟନ ପ୍ରକ୍ରିୟା କରାଯାଇଥିଲା। ଭୁବନେଶ୍ୱର ପ୍ରଧାନଙ୍କୁ ଆସନ୍ତା ଧନୁଯାତ୍ରା ପାଇଁ କଂସ ଭାବରେ ଚୟନ କରାଯାଇଛି। ସେ ୧୯୯୯ ଓ ୨୦୦୦ ମସିହାରେ ବରଗଡ ଧନୁଯାତ୍ରାରେ କଂସ ଭାବେ ଅଭିନୟ କରିଥିଲେ। ଏହା ପୂର୍ବରୁ ହୃଷିକେଶ ଭୋଇ କଂସ ଚରିତ୍ରରେ ଅଭିନୟ କରିଥିଲେ। ତେବେ ତାଙ୍କୁ ନେଇ ବିବାଦ ସୃଷ୍ଟି ହେବାରୁ ଚଳିତ ଥର କଂସ ଚରିତ୍ର ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଧନୁଯାତ୍ରାର କଂସ ଭୂମିକାରେ ଅବତୀର୍ଣ୍ଣ ହେବେ। ଆସନ୍ତା ୨୩ ତାରିଖରୁ ଧନୁଯାତ୍ରା ଆରମ୍ଭ ହେବ।

## ଫେବୃଆରୀରେ ତୃତୀୟ ଓଡ଼ିଶା ଆର୍ଟ ଆଣ୍ଡ୍ ଲିଟରେଚର ଫେଷ୍ଟିଭାଲ

# ପ୍ରଥମଥର ପାଇଁ 'ଜୟଦେବ ଜାତୀୟ କବିତା ପୁରସ୍କାର'

**ଭୁବନେଶ୍ୱର :** ଆସନ୍ତା ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଯାଉଛି ଓଡ଼ିଶା ଆର୍ଟ ଆଣ୍ଡ ଲିଟରେଚର ଫେଷ୍ଟିଭାଲ। ଏଥିରେ ଚଳିତ ବର୍ଷ ଏହି ମର୍ଯ୍ୟାଦାଜନକ 'ଜୟଦେବ ଜାତୀୟ କବିତା ପୁରସ୍କାର' ପ୍ରଦାନ କରାଯିବ ବୋଲି ଧଉଳି ରିଭ୍ୟୁ ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯାଇଛି। ଏଥିପାଇଁ ଭାରତୀୟ ଭାଷା ଓ ଇଂରାଜୀରେ ପ୍ରକାଶିତ ଓ ଭାଗ ନେଇଥିବା କବିତା ବହି ମଧ୍ୟରୁ ୧୨ଟି ବହିର ଦୀର୍ଘ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଦେଶର ବହୁ ବିଶିଷ୍ଟ କବି ତଥା ଅନୁବାଦକ ରହିଛନ୍ତି। ସେମାନଙ୍କ ମଧ୍ୟରେ ଗୁଲ୍‌ଜାର, ଅଶୋକ ବାଜପେୟୀ, ଭାଲଚନ୍ଦ୍ର ନେମାଡ଼େ, ବିଷ୍ଣୁ ଖରେ, ଆନନ୍ଦ ଠାକୁର, ଅଶ୍ୱିନୀ କୁମାର, ନୀତୁ ଦାସ, ଆର୍. ଚେତନକ୍ରାନ୍ତି, ରା ଶା, ସନନ୍ତ ତାନ୍ତି, ବିନୟ ଚୈତନ୍ୟ ଓ ବିବେକ ନିରାଲା ପ୍ରମୁଖ ଅଛନ୍ତି।







ପ୍ରକାଶଥାଉ କି ଏହି ପୁରସ୍କାର ରାଶିର ପରିମାଣ ୫୧ ହଜାର ଟଙ୍କା ରହିଛି ଏବଂ ପୁରସ୍କାର ପାଇଁ ମନୋନୀତ କବିଙ୍କୁ ଏହା ଫେଷ୍ଟିଭାଲ ଅବସରରେ ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଚୟନ କମିଟିରେ ଓଡ଼ିଶାର ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା, ବିଶିଷ୍ଟ ଇଂରାଜୀ କବି ମନୋହର ସେଟ୍ଟି ଓ ହିନ୍ଦୀ ଭାଷାର ଜଣାଶୁଣା କବି ଆଶୁତୋଷ ଦୁବେ ରହିଛନ୍ତି। ଏହି ଜାତୀୟ ପୁରସ୍କାର କ୍ଷୁଦ୍ର ତାଲିକା ଡିସେମ୍ବର ୩୧ ତାରିଖରେ ପ୍ରକାଶ ପାଇବ। ଏଥିସହିତ ଜାନୁଆରୀ ୧୫, ୨୦୧୮ରେ ସର୍ବୋତ୍କୃଷ୍ଟ କବିତା ବହିର ନାମ ପ୍ରକାଶ ପାଇବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଥିବା ବେଳେ ରାଜ୍ୟର ପ୍ରଖ୍ୟାତ କବି ଜୟଦେବଙ୍କ ନାମରେ ପ୍ରଥମଥର ପାଇଁଏଭଳି ଜାତୀୟ କବିତା ପୁରସ୍କାର ପ୍ରଦାନ କରାଯିବ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**,
Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com
Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**